

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ-୩୧ ● ସଂଖ୍ୟା-୧୫୨ ● ୨୯ ଜୁନ୍ ୨୦୨୪, ଶନିବାର ● ଭୁବନେଶ୍ୱର ● Vol -31 ● Issue-152 ● 29th June 2024, Saturday ● Bhubaneswar
Licensed to post without pre-payment of postage No- BN-60/22-24

# ନୂଆ ଓଡ଼ିଶା ଗଠନ ପାଇଁ କେନ୍ଦ୍ରୀୟ ସହାୟତା ନୂତନ ଅଧ୍ୟାୟ ସୃଷ୍ଟି କରିବ

ଭୁବନେଶ୍ୱର, ୨୮।୬
ନ୍ୟୁଜ୍ ବ୍ୟୁରୋ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ନୂଆଦିଲ୍ଲୀଠାରେ ଲୋକସଭା ବାଚସ୍ପତି ଓମ ବିର୍ଲା ଓ ବିଭିନ୍ନ କେନ୍ଦ୍ରମନ୍ତ୍ରୀଙ୍କ ସହ ସାକ୍ଷାତ କରି ଓଡ଼ିଶାର ସାମଗ୍ରିକ ବିକାଶ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

ମୁଖ୍ୟମନ୍ତ୍ରୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଶିକ୍ଷା କ୍ଷେତ୍ରରେ ସଂସ୍କାର ଓ ଶିକ୍ଷାର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିବା ସହ ଓଡିଶାକୁ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷର କେନ୍ଦ୍ର ରୂପେ ବିକଶିତ କରିବା ଦିଗରେ ସହଯୋଗ ପାଇଁ ଅନୁରୋଧ କରିଥିଲେ।

ସେହିପରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ଭେଟି ଓଡ଼ିଶାର ଜନଜାତିଙ୍କ ଉନ୍ନତି ଓ ପ୍ରଗତି ପାଇଁ ସହଯୋଗ କାମନା କରିଥିଲେ। ଜନଜାତିଙ୍କ ଦୀର୍ଘଦିନର ମୌଳିକ ସମସ୍ୟା ଓ ସେଗୁଡିକର ଆଶୁ ସମାଧାନ ଦିଗରେ ଓଡିଶା ସରକାର ବଦ୍ଧ ପରିକର ଥିବା ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଜନଜାତିଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ କେନ୍ଦ୍ର ସହ ସହଯୋଗ ଭିତ୍ତିରେ ଓଡିଶା ସରକାର ଜନହିତକର କାର୍ଯ୍ୟ ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହାପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଓଡ଼ିଶାରେ ରେଳ ପଥ ସମ୍ପ୍ରସାରଣ ଓ ଅଧିକ ଅପହଞ୍ଚ ସ୍ଥାନକୁ ରେଳ ସଂଯୋଗ କରିବା ପାଇଁ ପ୍ରସ୍ତାବ ରଖିଥିଲେ ।

ରଥ ଯାତ୍ରା ଅବସରରେ ଓଡ଼ିଶାକୁ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା ସଂପର୍କରେ ମଧ ଆଲୋଚନା ହୋଇଥିଲା। ରେଳ ମନ୍ତ୍ରୀଙ୍କ ସହିତ ଆଲୋଚନା ସମୟରେ ଏ ବର୍ଷ ରଥ ଯାତ୍ରାକୁ ୩୧୫ ଟି ସ୍ୱତନ୍ତ୍ର ଟ୍ରେନ ର ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି କରାଯାଇଥିଲା । ଏହା ଗତ ବର୍ଷ ଠାରୁ ବହୁତ ଅଧିକ ଏବଂ ଏହା ଦେଶର ପ୍ରାୟ ସବୁ ଅଞ୍ଚଳକୁ ସଂଯୋଗ କରିବ। ଏହା ସହିତ ୧୫ ହଜାର ଲୋକଙ୍କ ପାଇଁ ରହିବାର ବ୍ୟବସ୍ଥା ମଧ କରାଯିବ । ଏହି ସ୍ୱତନ୍ତ୍ର ସୁବିଧା ପାଇଁ ମୁଖ୍ୟମନ୍ତ୍ରୀ ରେଳ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

ସେହିପରି ଲୋକସଭା ବାଚସ୍ପତି ଓମ ବିର୍ଲା, କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋୟଲ ଓ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ (ପୃଷ୍ଠା ୭ରେ)

## ସଂସଦରେ ନିଟ୍ ତାତି

# ଆଲୋଚନା ଦାବିରେ ଅଡି ବସିଲା କଂଗ୍ରେସ

ନୂଆଦିଲ୍ଲୀ, ୨୮।୬



ନିଟ୍ ପ୍ରସଙ୍ଗ ନେଇ ସଂସଦର ଉଭୟ ଗୃହରେ ଶୁକ୍ରବାର ହଙ୍ଗାମା କରିଛନ୍ତି ବିରୋଧୀ। ନିଟ ପ୍ରସଙ୍ଗରେ ଗୃହରେ ଆଲୋଚନା ଦାବିରେ ଅଟଳ ରହି ବିରୋଧୀ ହୋହଲ୍ଲା କରିଥିଲେ। ଫଳରେ ଲୋକସଭାରେ ବାଚସ୍ପତି ଓମ ବର୍ଲା ଗୃହକୁ ଆସନ୍ତା ସୋମବାର ଯାଏ ମୁଲତବୀ ଘୋଷଣା କରିଛନ୍ତି।

ଶୁକ୍ରବାର ଉଭୟ ରାଜ୍ୟସଭା ଏବଂ ଲୋକ ସଭା ଅଧିବେଶନ ଆରମ୍ଭ ହେବା କ୍ଷଣି ବିରୋଧୀମାନେ ନିଟ ପ୍ରସଙ୍ଗରେ ଆଲୋଚନା ଦାବି କରିଥିଲେ। ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିଟ ପ୍ରସଙ୍ଗ ଉଠାଇଥିଲେ। ବିରୋଧୀ ସଦସ୍ୟଙ୍କ ସହିତ ମିଶି ଏହି ପ୍ରସଙ୍ଗରେ ଆଲୋଚନା ଦାବି କରିଥିଲେ। ବାଚସ୍ପତି ଓମ ବିର୍ଲା କିନ୍ତୁ ପ୍ରଥମେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ସଂକ୍ରାନ୍ତ ଉପରେ ଆଲୋଚନା କରିବାକୁ କହିଥିଲେ।

ତେବେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି କହିଥିଲେ ଆମେ ବିରୋଧୀ ଏବଂ ସରକାରଙ୍କ ତରଫରୁ ଭାରତର ଛାତ୍ରଛାତ୍ରୀମାନଙ୍କୁ ଏକ ମିଳିତ ବାର୍ତ୍ତା ଦେବାକୁ ଚାହୁଁଛୁ ଯେ (ପୃଷ୍ଠା ୭ରେ)

# ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ରୋକିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ମାଲକାନଗିରି, ୨୮।୬ : ନ୍ୟୁଜ୍ ବ୍ୟୁରୋ



ଅତ୍ୟାବଶ୍ୟକୀୟ ଖାଉଟି ସାମଗ୍ରୀର ଦରବୃଦ୍ଧିକୁ ରୋକିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ ନିମନ୍ତେ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦିନିକିଆ ମାଲକାନଗିରି ଜିଲ୍ଲା ଗସ୍ତରେ ଆସି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗାଣ ବିଭାଗକୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମୃତ ଓ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦଦେଇ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରି ରାସନ କାର୍ଡରେ ସାମିଲ ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି। ଧାନ ଓ ଚାଉଳର ସଂରକ୍ଷଣ ନିମନ୍ତେ ଗୋଦାମ ଗୃହ ସଂଖ୍ୟା ବଢାଇବା ଉପରେ ମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। (ପୃଷ୍ଠା ୭ରେ)

## ରଥଯାତ୍ରା ପାଇଁ ଗଡ଼ିବ ୩୧୫ ସ୍ୱତନ୍ତ୍ର ଟ୍ରେନ୍: ମନ୍ତ୍ରୀ



ନୂଆଦିଲ୍ଲୀ/ପୁରୀ, ୨୮।୬

ଆସନ୍ତା ଜୁଲାଇ ୭ରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ପୁରୀରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ୩୧୫ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ ବୋଲି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଶୁକ୍ରବାର ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା ପରେ ସେ ଏନେଇ ଜଣାଇଛନ୍ତି । ତେବେ ଟ୍ରେନଗୁଡ଼ିକ ରାଜ୍ୟର ସମସ୍ତ ଅଞ୍ଚଳକୁ ପହଞ୍ଚିବ। ଏହାଛଡ଼ା ୧୫ ହଜାର ଯାତ୍ରୀ ରହିବା ଭଳି ଟେଣ୍ଟ ଲଗାଯିବ ବୋଲି ରେଳ ମନ୍ତ୍ରୀ କହିଛନ୍ତି। ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ ମାଝୀ ୩ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି । ତାଙ୍କ ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ କନକ ବର୍ଦ୍ଧନ ସିଂଦେଓ ମଧ ଅଛନ୍ତି । ଏହି ଗସ୍ତରେ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ସହ ନୂଆ ଓଡ଼ିଶା ଗଠନ ପାଇଁ ଆଗାମୀ ୫ ବର୍ଷରେ କାର୍ଯ୍ୟକ୍ରମ ହେବା ନେଇ ଆଲୋଚନା କରୁଛନ୍ତି।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଆସନ୍ତା ୩ ଦିନ ଯାଏଁ ପ୍ରବଳ ବର୍ଷା ସମ୍ଭାବନା, ସମୁଦ୍ର ଭିତରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ

ଭୁବନେଶ୍ୱର, ୨୮।୬ : ନ୍ୟୁଜ୍ ବ୍ୟୁରୋ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଶୁକ୍ରବାର ଉତ୍ତର-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ଅଞ୍ଚଳରେ ଅବସ୍ଥିତ ରହିଛି। ଏହାର ପ୍ରଭାବରେ ଗୁରୁବାର ଠାରୁ ସାରା ଓଡ଼ିଶାରେ ବର୍ଷା ଲାଗିରହିଛି । ଦକ୍ଷିଣ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଛି। ବାକି ଅଞ୍ଚଳରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ଲାଗିରହିଛି । ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଏଭଳି ପାଗ ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ଆସନ୍ତା ୨୪ ଘଣ୍ଟାରେ କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାପାତ୍ର କହିଛନ୍ତି, ଲଘୁଚାପ ପ୍ରଭାବରେ କିଛି ଦିନ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆଗାମୀ ତିନି ଦିନ ଯାଏ ସମୁଦ୍ର ମଧକୁ ନଯିବାକୁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଗତ ୨୪ ଘଣ୍ଟାରେ ୭ ସହରରେ ପ୍ରବଳ (ପୃଷ୍ଠା ୭ରେ)

## ବର୍ଷାର ସ୍ଥିତି ଖୁବ୍ ଉଦ୍‌ବେଗଜନକ

ଭୁବନେଶ୍ୱର, ୨୮।୬ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ସମ୍ଭାବ୍ୟ ବର୍ଷା ଓ ଚାଷର ସ୍ଥିତି ସଂପର୍କରେ ଶୁକ୍ରବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଛନ୍ତି । ପାଣିପାଗ ବିଭାଗର ପୂର୍ବାନୁମାନ ସମ୍ପର୍କିତ ସତର୍କ ସୂଚନା ଜନସାଧାରଣ ତଥା କୃଷକମାନଙ୍କ ନିକଟରେ କିପରି ଏହାର ବିଶ୍ୱସନୀୟତା ବୃଦ୍ଧି କରାଯାଇପାରିବ ସେ ଦିଗରେ ଦୃଷ୍ଟିଦେବା ଉଚିତ । ନିଅଣ୍ଟିଆ ବର୍ଷା ଯୋଗୁ ଚାଷୀ ଆଜି ଧାନର ତଳି ପକାଇ ପାରୁନାହିଁ । ପାଣିର ଅଭାବ ଦେଖାଦେଇଛି ।

ରାଜ୍ୟର ଅଧିକାଂଶ ସ୍ଥାନରେ ମେଗା ଜଳସେଚନ ପ୍ରକଳ୍ପ ଓ ଉଠା ଜଳସେଚନ ପ୍ରକଳ୍ପରେ ଜଳ ନାହିଁ। ମେଗା ଜଳସେଚନ ଓ ଉଠା ଜଳସେଚନ ପ୍ରକଳ୍ପ କେତେ ଅଞ୍ଚଳ ପରିମିତ ଜମିକୁ ଜଳସେଚନ ଯୋଗାଇ ପାରିବ ଓ ବାସ୍ତବରେ କେତେ ଅଞ୍ଚଳକୁ ଜଳ (ପୃଷ୍ଠା ୭ରେ)

# ମନୋଜ ଆହୁଜା ନୂଆ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର, ୨୮।୬ : ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ର ଡେପୁଟେସନରୁ ଫେରିବା ପରେ ବରିଷ୍ଠ ପ୍ରଶାସକ ମନୋଜ ଆହୁଜାଙ୍କୁ ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ଦେଇଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଚଳିତ ମାସ ୩୦ ତାରିଖରେ ଅବସର ଗ୍ରହଣ କରିବା ପରେ ଶ୍ରୀ ଆହୁଜା ଏହି ଦାୟିତ୍ୱ ଗ୍ରହଣ କରିବେ। ଏହା ସହିତ ସେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସଚିବ ଭାବେ ମଧ ଦାୟିତ୍ୱ ଗ୍ରହଣ କରିବେ।

୧୯୯୦ ବ୍ୟାଚର ଓଡ଼ିଶା କ୍ୟାଡରର ବରିଷ୍ଠ ଆଇଏଏସ ମନୋଜ ଆହୁଜା ନିକଟରେ କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିଲେ। ସେ କେନ୍ଦ୍ର କୃଷି ଓ କୃଷକ ସଶକ୍ତୀକରଣ ସଚିବ ଥିଲେ । ଶ୍ରୀ ଆହୁଜା ଚଳିତ ବର୍ଷ ଡିସେମ୍ବରରେ ସରକାରୀ (ପୃଷ୍ଠା ୭ରେ)

# ଆଷାଢ଼ ମାସରେ ଶୁଖିଲା ପଡ଼ିଛି ମହାନଦୀ



ଭୁବନେଶ୍ୱର, ୨୮।୬ : ନ୍ୟୁଜ୍ ବ୍ୟୁରୋ

ଆଷାଢ଼ ମାସରେ ଶୁଖିଲା ପଡ଼ିଛି ମହାନଦୀ । ଉଭୟ ଉପର ମୁଣ୍ଡରେ ଓ ତଳ ମୁଣ୍ଡରେ ଶୁଖି ଯାଇଛି ଓଡ଼ିଶାର ସବୁଠୁ ବଡ଼ ନଦୀ । ଏହା ହେଉଛି ସମ୍ବଲପୁରରେ ମହାନଦୀର ଦୃଶ୍ୟ। କେବଳ ଯେ, ମହାନଦୀରେ ପାଣି କମ ଅଛି ତାହା ନୁହେଁ, ହୀରାକୁଦ ଡ୍ୟାମରେ ମଧ ପାଣି କମ। ଡ୍ୟାମର ମୁଖ୍ୟ ଯନ୍ତ୍ରୀଙ୍କ ସୂଚନା ଅନୁସାରେ ହୀରାକୁଦର ଜଳସ୍ତର ଏବେ ରହିଛି ୬୦୦.୦୨ ଫୁଟ । କିନ୍ତୁ ଏହି ସମୟରେ ଗତ ବର୍ଷ ହୀରାକୁଦର ଜଳସ୍ତର ଥିଲା ୬୦୭.୫୨ ଫୁଟ । ଅର୍ଥାତ ଗତବର୍ଷଠାରୁ ଏ ବର୍ଷ ପ୍ରାୟ ୭ ଫୁଟ କମ ପାଣି ଅଛି ହୀରାକୁଦ ଡ୍ୟାମରେ । ଏହାର ମୁଖ୍ୟ କାରଣ ହେଉଛି ଛତିଶଗଡ଼ ଯେତେ ପାଣି ଛାଡ଼ିବା କଥା ସେତେ ପାଣି ଛାଡୁ ନାହିଁ । କଲମା ଡ୍ୟାମର ଗେଟ ଖୋଲିଛି ସିନା, ତାହା ନାମକୁ ମାତ୍ର। ପୂରା ଗେଟ ନ ଖୋଲି ଆଂଶିକ ଭାବେ ଉପରକୁ ମାତ୍ର ଏକ ଫୁଟ ଖୋଲିଥିବାରୁ ହୀରାକୁଦକୁ ଯଥେଷ୍ଟ (ପୃଷ୍ଠା ୭ରେ)




Scanned with OKEN Scanner



30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ଜୁନ୍ ୨୦୨୪ ଶନିବାର



# ଚଳଚଞ୍ଚଳ ରଥଖଳା: ସରିଲା ତିନି ରଥର ଚନ୍ଦ୍ରଶାଳୀ ନିର୍ମାଣ

**ପୁରୀ, ନ୍ୟୁଜ ବ୍ୟୁରୋ**

ଦିନ କେଇଟା ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଏଥିପାଇଁ ପୁରୀରେ ଜୋରସୋରରେ ଆଗେଇ ଚାଲିଛି ରଥ ନିର୍ମାଣ । ତିନି ରଥର ମୂଳ କଇଞ୍ଚି ଚାରି ନାହାକା ଭିତର ପାର୍ଶ୍ୱ ଉଭୟ ପଟରେ ପଡ଼ିବା ସହ ତିନି ରଥକୁ ବଡଧରା ପୋଟଳ ଉଠିଥିଲା । ଆଜି ମହାରଣା ସେବକ ଏବଂ ଭୋଇ ସେବକମାନଙ୍କ ମିଳିତ ସହଯୋଗରେ ତିନି ରଥର ପ୍ରଥମ ଭୂଇଁରେ କଇଞ୍ଚି ପଡ଼ିବା ସହ ଦ୍ୱିତୀୟ ଭୂଇଁ ଉଭୟ ପାର୍ଶ୍ୱରେ ଅନ୍ଧାରୀ ତାଗ ବାଡିଆ ଯାଇ ଅଗ ଭୂଇଁ ବା ତୃତୀୟ ଭୂଇଁରେ କଇଞ୍ଚି ସହ ଅନ୍ଧାରୀ ତାଗ ବାଡିଆ ଶେଷ ହୋଇଛି । ରଥମାନଙ୍କର ପଛପାର୍ଶ୍ୱରେ ପାରୁସ ପଟା ପଡ଼ିଛି । ଏଥିସହ ତିନି ରଥର ଦୁଆର ବେଢ଼ା ପାଇଁ ୪ଟି ଲେଖାଏଁ ଚନ୍ଦ୍ରଶାଳୀ ନିର୍ମାଣ ଶେଷ ହୋଇ ରଥମାନଙ୍କରେ ସାଇତା ଯାଇଛି । ତିନି ରଥର ଚାରପରିଛା ରଥ ସମ୍ମୁଖ ଭାଗ ଦଣ୍ଡା ମୁହାଁଟି ଉପର ଭାଗ ସାଲଗୁଜ ଫିଟିଂ କରାଯାଇଛି । ଏହାର ପାରଭାଡ଼ି ସହ ପୋଟଳ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ରୂପକାର ସେବକମାନେ ନାଟ ଗୋଡ଼ରେ ରୂପ ଖୋଦେଇ ସହ ପଟା ଗୁଜରେ ସିଂହ ବିରାଳ, ଗଜ ବିରାଳ, ନର ବିରାଳ ରୂପ ଖୋଦେଇ ଜାରି ରଖିଛନ୍ତି । ଚିତ୍ରକାର ସେବକମାନେ



ରଥ ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତିରେ ରଙ୍ଗ କାର୍ଯ୍ୟ ସହ ବାହ୍ୟ ଅଂଶ କୋଣ ଗୁଜ, ପଟାଗୁଜରେ ଧଳା ପ୍ରାଇମର ଦେବା ପରେ ରୂପଗୁଡ଼ିକରେ ରଙ୍ଗ କରୁଛନ୍ତି । ଦରଜୀ ସେବକମାନେ ତିନି ରଥର କନା କଟିଂ ପରେ ବତା କନାରେ ବିଳାସ ପଟି ସହ ଲେସ ପକା କାର୍ଯ୍ୟ ଜାରି ରଖିଛନ୍ତି । ଦୋଳ ବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ପୋଟଳ ପାଇଁ ଗୋଡ଼ି ସାଲ ଏବଂ ବାଗିଆ କଣ୍ଟା ନିର୍ମାଣରେ ଲାଗିଛନ୍ତି ।

# ଆଉ ଦୂରକୁ ଯିବେନି ଛାତ୍ରଛାତ୍ରୀ

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ ହେଲା ୭୯ଟି ସେକେଣ୍ଡାରୀ ସ୍କୁଲ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ବିଭିନ୍ନ ସ୍ଥାନରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ନଥିବାରୁ ପିଲାଙ୍କୁ ପାଠପଢ଼ା ପାଇଁ ଦୂରକୁ ଯିବାକୁ ପଡୁଥିଲା । ଏହି କାରଣ ପାଇଁ ଅନେକ ଛାତ୍ରଛାତ୍ରୀ ମାଟ୍ରିକ ପରେ ପାଠପଢା ଛାଡ଼ି ଦେଉଥିଲେ । ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ୭୯ଟି ମାଧ୍ୟମିକ ବିଦ୍ୟାଳୟକୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଭାବେ ଉନ୍ନୀତ (ଅପଗ୍ରେଡ) କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଶିକ୍ଷା ବିଭାଗର ପ୍ରକଳ୍ପ ଅନୁମୋଦନ ବୋର୍ଡ (ପିଏବି) ସୁପାରିସ କ୍ରମେ ସରକାର ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି । ଏହି ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳା ବିଭାଗ ଖୋଲିବ । ଚଳିତ ଶିକ୍ଷାବର୍ଷ (୨୦୨୪ -୨୫) ଏହାକୁ କାର୍ଯ୍ୟକ୍ଷମ କରିବାକୁ ଆହ୍ୱାନ ପ୍ଲାନ ପ୍ରସ୍ତୁତ କରାଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନାନୁଯାୟୀ, ଯେଉଁ ୭୯ଟି ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ କରାଯାଇଛି, ସେଥିମଧ୍ୟରେ ଭଦ୍ରକ ଜିଲ୍ଲାର ୪ଟି, ବଲାଙ୍ଗୀରର ୮, ବୌଦ୍ଧର ୨, ଗଞ୍ଜାମ ୧୪, ଝାରସୁଗୁଡ଼ା ୪, କଳାହାଣ୍ଡି ୧୭, କେନ୍ଦୁଝର ୫, କୋରାପୁଟ ୬, ମାଲକାନଗିରି ୨, ମୟୂରଭଞ୍ଜ ୧, ନବରଙ୍ଗପୁର ୨, ନୂଆପଡ଼ା ୧, ସମ୍ବଲପୁର ୩ ଏବଂ ସୁନ୍ଦରଗଡ଼ ଜିଲାର ୧୦ ମାଧ୍ୟମିକ ବିଦ୍ୟାଳୟ ରହିଛି । ଓଡ଼ିଶା ସରକାରଙ୍କ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷରେ ୧୦୦ଟି ମାଧ୍ୟମିକ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ କରାଯାଇଥିଲା । ଏହି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ କଳା ପାଠ୍ୟକ୍ରମ ଖୋଲାଯାଇଛି । ଏହା ସହିତ ଜିଲ୍ଲା ପରିଷଦ ଅଧୀନରେ ଥିବା ଅନ୍ୟ ୧୧୭ଟି ହାଇସ୍କୁଲକୁ ଉନ୍ନୀତ କରିବା ପାଇଁ ଯୋଜନା କରାଯାଇଥିଲା । ଅନେକ ସମୟରେ ଘର ଠାରୁ ବହୁଦୂରରେ ସ୍କୁଲ ବା କଲେଜ ରହିଥିବା ନେଇ ପିଲାମାନେ ଅନେକ ସମୟରେ ଅଧାରୁ ପାଠ ଛାଡ଼ିଥାନ୍ତି । ତେଣୁ କରି ଏହାକୁ ବିଚାର କରି ନିକଟରେ ଥିବା ବିଦ୍ୟାଳୟଗୁଡ଼ିକୁ ଉନ୍ନୀତ କରାଯାଇଛି । ଯାହା ଫଳରେ ପିଲାମାନେ ଅଧାରୁ ପାଠ ଛାଡ଼ିବାକୁ ପଛେଇବେନାହିଁ ।

# ଚିନ୍ତାରେ ଚିନାବାଦାମ ଚାଷୀ, ସରକାର କିଣୁନାହାଁନ୍ତି: ବେପାରୀ ନେଉନାହାନ୍ତି

**ବାଲିକୁଦା, ନ୍ୟୁଜ ବ୍ୟୁରୋ**

ବଡ଼ଚଣା ବ୍ଲକ ବିରୂପା ଗେଙ୍ଗୁଟି ଓ କେଲୁଅ ଅବବାହିକାର ଚିନାବାଦାମ ଚାଷୀ ଏବେ ଚିନ୍ତାରେ । କାରଣ ସେମାନଙ୍କ ଉତ୍ପାଦିତ ଚିନାବାଦାମ ଏବେ ଘରେ ଭାଡ଼ିରେ ଥାକ ମରାଯାଇଛି । ସରକାର କିଣୁନାହାନ୍ତି କି କିଣିବାକୁ ବେପାରୀ ମଧ୍ୟ ନାହାନ୍ତି । ଦର ଏତେ ନୀଚ୍ଚା ଯେ ବିକିଲେ କ୍ଷତି ହିଁ କ୍ଷତି । ସାଉଡ଼ିଆ, ବରପଦା, ବଡ଼ବାଲିକୁଦା, ଓ ମଝିପଡ଼ା ପଞ୍ଚାୟତର ଚାଷୀମାନେ ଅମଳ କରିଥିବା ଚିନାବାଦାମ ଘରେ ଥାକ ମାରି ରଖିଛନ୍ତି । ଏଣେ ଧାରଉଧାର ତଥା କରଜ ଶୁଝିବାକୁ ବାକି ରହିଛି । ଏବେ ବର୍ଷାଦିନ ଥିବାରୁ ଅଧିକ ଦିନ ଚିନାବାଦାମ ରଖିବାର ବ୍ୟବସ୍ଥା ମଧ୍ୟ ନାହିଁ । ଏହି ଅଞ୍ଚଳର ବାଲିଆ ଦୋରସା ମାଟିରେ ବହୁଳ ପରିମାଣର ଚିନାବାଦାମ ଚାଷ ହୋଇଥାଏ । ନଭେମ୍ବର ମାସରେ ଚିନାବାଦାମ ଲଗାଯାଇ ଫେବୃଆରି ମାସରେ ଅମଳ ହୋଇଥାଏ । ଚଳିତ ବର୍ଷ ସରକାର ସବସିଡିରେ ବିହନ ଯୋଗାଇ ଦେଲେ ନାହିଁ । ବାଧହୋଇ ଚାଷୀ ଖୋଲା ବଜାରରୁ ଚଡ଼ାଦରରେ ଅର୍ଥାତ୍ କୁଇଣ୍ଟାଲ ପିଛା ୧୨ ହଜାର ଟଙ୍କାରେ କିଣି ଚାଷ କରିଥିଲେ । ଅମଳ ସମୟରେ କୁଇଣ୍ଟାଲ ୬ ହଜାରରୁ ୬,୫୦୦ ମଧ୍ୟରେ ଥିଲା । କିଛି ଚାଷୀ ଏହି ଦରରେ ବିକିଦେଲେ । ପରେ ଦାମ୍ ବଢ଼ିବା ଆଶାରେ ଅଧିକାଂଶ ଚାଷୀ ଚିନାବାଦାମ ରଖି ଦେଇଥିଲେ । ଦାମ୍ ବଢ଼ିବ କ'ଣ ଏବେ ଦର ଦେଖି ସେମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ଏଭଳି ସ୍ଥିତି ହୋଇଛି ଯେ ଚିନାବାଦାମ କେହି ନେଉନାହାନ୍ତି । ରାଜ୍ୟ ଓ ରାଜ୍ୟ ବାହାରେ ନୂଆ ଚିନାବାଦାମ ଉତ୍ପାଦନ ହୋଇଥିବାରୁ ବଜାରରେ ତା'ର ଚାହିଦା ରହିଛି । ପୁରୁଣା ମଞ୍ଜିର ଚାହିଦା କମିଯାଇଛି ବୋଲି ବ୍ୟବସାୟୀ କହୁଛନ୍ତି । ବ୍ରହ୍ମବରଦା, ସୁଜନପୁର ଓ କୁଆଖିଆର ବଡ଼ ବ୍ୟବସାୟୀମାନେ ସାଧାରଣତଃ ସ୍ଥାନୀୟ ଚିନାବାଦାମ କିଣି ମଞ୍ଜି ବାହାର କରି ରାଜ୍ୟ ତଥା ରାଜ୍ୟ ବାହାରକୁ ଚାଲାଣ କରିଥାନ୍ତି । ବାହାରେ ଚାହିଦା ନଥିବାରୁ ସେମାନେ କିଣିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି । ବର୍ଷାଦିନେ ଲଗାଣ ବର୍ଷା ଆରମ୍ଭ ହେଲେ ପୋକ ଖୋଳପା ମଧ୍ୟ ଦେଇ ପ୍ରବେଶ କରି ମଞ୍ଜିକୁ ନଷ୍ଟ କରିଦେବେ । ମଞ୍ଜିର ରଙ୍ଗ ମଧ୍ୟ ବଦଳିଯିବ । ମାଗଣାରେ ଦେଲେ ମଧ୍ୟ ଆଉ କେହି ନେବେନି ବୋଲି ଚାଷୀମାନେ କହୁଛନ୍ତି । ସରକାର ଚିନାବାଦାମର ସର୍ବନିମ୍ନ ସହାୟକ ମୂଲ୍ୟ ୬,୫୦୦ ଟଙ୍କା ନିର୍ଦ୍ଧାରଣ କରିଥିଲେ ମଧ୍ୟ ଏଠାରେ ମଣ୍ଡି ନାହିଁ । ନିଆଳି ଗ୍ରାମର ସଚ୍ଚିଦାନନ୍ଦ ଜେନାଙ୍କର ୧୧୦ କୁଇଣ୍ଟାଲ, ଗଗନ ଜେନାଙ୍କ ୫୦ କୁଇଣ୍ଟାଲ, ବାବାଜୀ ଜେନାଙ୍କର ୨୦ କୁଇଣ୍ଟାଲ, ପ୍ରଶାନ୍ତ ନାୟକଙ୍କ ୨୫ କୁଇଣ୍ଟାଲ, ଗୋପାଳ ମଲିକଙ୍କ ୨୦ କୁଇଣ୍ଟାଲ, ଅନନ୍ତ ଜେନା ଓ ଅଞ୍ଜନ ସୁନ୍ଦରରାୟଙ୍କ ୧୦ କୁଇଣ୍ଟାଲ ବାଦାମ ଘରେ ଥାକ ମରାହାଇ ରହିଛି ।

# ଅଭିଜ୍ଞଙ୍କଠାରୁ ନବାଗତ ଅଧିକ: ବିଧାନସଭାକୁ ଆସିଛନ୍ତି ୮୪ ନୂଆ ବିଧାୟକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏଥର ବିଧାନସଭାରେ ନବାଗତ ବିଧାୟକଙ୍କ ସଂଖ୍ୟା ଅଧାରୁ ଅଧିକ ଅର୍ଥାତ ୫୭% । ମୋଟ୍ ୮୪ ଜଣ ପ୍ରଥମ ଥର ପାଇଁ ବିଧାନସଭାକୁ ପ୍ରବେଶ କରିଛନ୍ତି । ରାଜ୍ୟରେ ଗଣତନ୍ତ୍ରର ସର୍ବୋଚ୍ଚ ଗୃହର ଗରିମା ବଢ଼ାଇବାର ଭାର ଏବେ ଏମାନଙ୍କ ଉପରେ । ବରିଷ୍ଠଙ୍କ ସଂଖ୍ୟା କମ୍ ଥିଲେ ବି ସେମାନଙ୍କ ଆଚରଣ ଓ ଉଚ୍ଚାରଣ ବହୁତ ଗୁରୁତ୍ୱ ରଖୁଛି । କାରଣ ସେମାନଙ୍କ ଠାରୁ ନବାଗତମାନେ ବିଧାନସଭା ଗୃହ ଭିତରର ଶିଷ୍ଟାଚାର ଓ କାର୍ଯ୍ୟଧାରା ଶିଖିବେ । ତେଣୁ ବିଧାନସଭାର ପ୍ରଥମ ଅଧିବେଶନକୁ ରାଜନୈତିକ ମହଲ ଅପେକ୍ଷା କରିଛନ୍ତି । ଏହି ଅଧିବେଶନରୁ ଜଣାପଡ଼ିଯିବ ବରିଷ୍ଠ ଓ କନିଷ୍ଠମାନେ ନିଜ ନିଜ ଦାୟିତ୍ୱ କିପରି ନିର୍ବାହ କରୁଛନ୍ତି । ଏଥର ବିଜୟୀ ହୋଇଥିବା ୮୪ ନବାଗତ ବିଧାୟକଙ୍କ ମଧ୍ୟରୁ ଶାସକ ଦଳ ବିଜେପିର ସର୍ବାଧିକ ୫୪ ଜଣ ଅଛନ୍ତି । ବିଜେଡିର ୧୮, କଂଗ୍ରେସର ୯ ଜଣ ବିଧାୟକ ପ୍ରଥମ ଥର ବିଧାନସଭାକୁ ଆସିଛନ୍ତି । ଏହା ବାଦ୍ ଚଳିତ ଥର ୩ ଜଣ ଯାକ ସ୍ୱାଧୀନ ବିଧାୟକ ମଧ୍ୟ ପ୍ରଥମ ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ଚଳିତ ବିଧାନସଭାରେ ସବୁଠାରୁ ବରିଷ୍ଠ ବିଧାୟକ ହେଲେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । ସେ ଆଠଗଡ଼ରୁ ୮ ଥର ବିଧାନସଭାକୁ ପ୍ରତିନିଧିତ୍ୱ କଲେଣି । ତାଙ୍କ ପରେ ରହିଛନ୍ତି ପ୍ରମିଳା ମଲ୍ଲିକ । ସେ ବିଞ୍ଝାରପୁରରୁ ୭ ଥର



## ବରିଷ୍ଠଙ୍କ ଆଚରଣ, ଉଚ୍ଚାରଣରୁ ଶିଖିବେ ନବାଗତ

ବିଧାନସଭାକୁ ବିଜୟୀ ହୋଇ ଆସିଲେଣି । ୬ ଥର ଜିତିଥିବା ୪ ଜଣ ବିଧାୟକ ହେଲେ ବିଜେପିର କନକ ବର୍ଦ୍ଧନ ସିଂହଦେଓ, ବିଜେଡିର ନବୀନ ପଟ୍ଟନାୟକ, ବଦ୍ରି ନାରାୟଣ ପାତ୍ର ଓ ନିରଞ୍ଜନ ପୂଜାରୀ । ୫ ଜଣ ବିଧାୟକ ବିଧାନସଭାରେ ୫ ଥର ପ୍ରତିନିଧିତ୍ୱ କଲେଣି । ସେମାନେ ହେଲେ ବିଜେପିର ଜୟନାରାୟଣ ମିଶ୍ର, ବିଜେଡିର ଅଶ୍ୱିନୀ ପାତ୍ର, ଅରୁଣ ସାହୁ ଓ ପ୍ରତାପ ଦେବ ଏବଂ କଂଗ୍ରେସର ତାରାପ୍ରସାଦ ବାହିନୀପତି । ଦ୍ୱିତୀୟ ଥର ବିଧାନସଭାକୁ ଆସିଥିବା ବିଧାୟକଙ୍କ ସଂଖ୍ୟା ହେଉଛି ୩୩ । ସେମାନଙ୍କ ମଧ୍ୟରେ ବିଜେପିର ୧୫, ବିଜେଡିର ୧୬ ଓ କଂଗ୍ରେସର ୨ ଜଣ ଅଛନ୍ତି । ତୃତୀୟ ଥର ବିଧାୟକ ହୋଇଥିବା ନେତାଙ୍କ ସଂଖ୍ୟା ୯ । ସେମାନଙ୍କ ମଧ୍ୟରେ ବିଜେପିର ୩, ବିଜେଡିର ୪ ଓ କଂଗ୍ରେସର ୨ ଜଣ ଅଛନ୍ତି । ଚତୁର୍ଥ ଥର ବିଧାନସଭାକୁ ପ୍ରତିନିଧିତ୍ୱ କରିଥିବା ବିଧାୟକଙ୍କ ସଂଖ୍ୟା ୧୦ । ସେମାନଙ୍କ ମଧ୍ୟରେ ବିଜେପିର ୪, ବିଜେଡିର ୫ ଓ ସିପିଆଇ(ଏମ୍)ର ଜଣେ ଅଛନ୍ତି ।ଗତ କିଛି ବର୍ଷ ହେଲା ବିଧାନସଭାରେ ବିଭିନ୍ନ ଅଭାବନୀୟ ଘଟଣା ମାନ ଘଟି ଆସୁଛି । ବିନା ବିତର୍କରେ ବହୁ ବିଲ୍ ପାସ୍ କରାଯାଉଛି । କାଁ ଭାଁ ବିଧାୟକ ବିଲ୍ ଆଲୋଚନାରେ ଭାଗ ନେଉଛନ୍ତି । ପୁଣି ବିରୋଧୀ ଦଳର ଅନୁପସ୍ଥିତିରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଉଛି । ପାରିତ ହେଉଥିବା ବିଲ୍ ସମ୍ପର୍କରେ ବହୁ ବିଧାୟକ ଅଜ୍ଞ ରହୁଛନ୍ତି । ଆଇନ ପ୍ରଣୟନ କେବଳ ଔପଚାରିକତା ପାଲଟୁଛି । ଠିକ୍ ଭାବେ ଆଲୋଚନା ହୋଇ ନଥିବାରୁ ଅତୀତରେ କିଛି ବିଲ୍ ବିଧାନସଭାରେ ପାରିତ ହେଲା ପରେ ବି ରାଷ୍ଟ୍ରପତି, ରାଜ୍ୟପାଳ ଫେରାଇ ଦେଇଛନ୍ତି । ପୁଣି କିଛି ବିଲ୍ କୋର୍ଟରେ ଚ୍ୟାଲେଞ୍ଜ୍ ହୋଇଛି । ଗୃହ ଭିତରେ ଏକ ସୁସ୍ଥ ପରମ୍ପରା ପ୍ରତି ଗୁରୁତ୍ୱ ଦିଆଯାଉନି । ବିଧାନସଭାରେ ବିତର୍କ ଯେମିତି ଇତିହାସର ବିଷୟ ପାଲଟିଯାଉଛି । ଫଳରେ ବିଧାନସଭାର ଏକ ନକରାତ୍ମକ ଛବି ସର୍ବସାଧାରଣରେ ପ୍ରଦର୍ଶିତ ହେଉଛି । ଗଣତନ୍ତ୍ରର ବୟସ ବଢ଼ିବା ସହ ତାହା ଆହୁରି ମଜବୁତ ହେବାର ଆବଶ୍ୟକତା ରହିଛି । କିନ୍ତୁ ଜନପ୍ରତିନିଧିମାନଙ୍କ ବେପରୱା ମନୋଭାବ ଯୋଗୁଁ ଗଣତନ୍ତ୍ର ସଙ୍କଟରେ ପଡ଼ିଯାଉଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ବିଧାନସଭା ଅଧିବେଶନ ବେଶ୍ ଗୁରୁତ୍ୱ ରଖେ । ଯଦି ବରିଷ୍ଠମାନେ ନିଜ ଅଭିଜ୍ଞତା ଓ ଅନୁଭୂତିରୁ ଉଚ୍ଚକୋଟୀର ପ୍ରଦର୍ଶନ କରି ଗୃହରେ ଏକ ଭଲ ବାତାବରଣ ସୃଷ୍ଟି ନକରନ୍ତି, ତେବେ ନୂଆ ବିଧାୟକମାନେ ମଧ୍ୟ ସେହି ଡା ?ଞ୍ଚାରେ ପଡ଼ିଯିବେ । ବିଧାସନଭା ଗୃହରେ ଏକ ସୁସ୍ଥ ବିତର୍କର ଯେ ଆବଶ୍ୟକତା ରହିଛି, ତାହା ସେମାନେ ଅନୁଭବ କରିବେ ନାହିଁ । ବିଧାନସଭା ପରି ପବିତ୍ର ଗୃହର ଗରିମା ରକ୍ଷା କରିବାକୁ ଆଇନ ପ୍ରଣେତାମାନେ ସଚେତନ ହେବା ଉଚିତ ବୋଲି ବୁଦ୍ଧିଜୀବୀ ଓ ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି ।

# ବର୍ଷା ସନ୍ଦେଶ ନେଇ ପହଞ୍ଚିଲେ ପକ୍ଷୀ

**ଦେବଗଡ଼, ନ୍ୟୁଜ ବ୍ୟୁରୋ**

ମୌସୁମୀ ଆଗମନର ସନ୍ଦେଶ ନେଇ ଆସନ୍ତି ବିରଳ ପକ୍ଷୀ । ପକ୍ଷୀଙ୍କ ଆଗମନ ପରେ ବର୍ଷା ହେବାର ସଙ୍କେତ ପାଇ ଆରମ୍ଭ ହୁଏ ଚାଷକାମ । ଜଳବାୟୁ ପରିବର୍ତ୍ତନ ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇଥିବା ବେଳେ ବର୍ଷାର ସଂକେତ ନେଇ ଆସୁଥିବା ଏହି ପକ୍ଷୀଙ୍କୁ ଦେବଗଡ଼ ଜିଲ୍ଲା ରିଆମାଳ କୁଣ୍ଡେଇଗୋଳା ଗ୍ରାମବାସୀ ଚାହିଁ ରହିଥାନ୍ତି । ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ବହୁସଂଖ୍ୟାରେ ପକ୍ଷୀ ପହଞ୍ଚିସାରିଛନ୍ତି । ସୂଚନା ଅନୁସାରେ, ଏହି ପକ୍ଷୀ ସବୁ ହଂସରାଳି ଓ ଗେଣ୍ଡାଳିଆ ପ୍ରଜାତିର ଅଟନ୍ତି । ଚିଲିକାରେ ଏହି ପକ୍ଷୀ ଦେଖିବାକୁ ମିଳନ୍ତି । ପ୍ରତିବର୍ଷ ଜୁନ୍ ମାସରେ ପକ୍ଷୀଙ୍କ ଆଗମନ ହେଉଥିବାବେଳେ ଚାଷୀ ଜମି ପ୍ରସ୍ତୁତ କରି ଚାଷ କାର୍ଯ୍ୟ ଆରମ୍ଭ କରିଥାନ୍ତି । ଯେଉଁବର୍ଷ ଅଧିକ ସଂଖ୍ୟାରେ ପକ୍ଷୀଙ୍କ ଆଗମନ ରହିଥାଏ, ସେହିବର୍ଷ ସ୍ୱାଭାବିକ ବର୍ଷା ହେବାର ଆକଳନ କରିଥାନ୍ତି ଗ୍ରାମବାସୀ । ଏହି ପକ୍ଷୀ ଜମିରେ ଥିବା ମାଛ, କୀଟ ଖାଇଥାନ୍ତି । ଯାହାଫଳରେ ପୋକଜନିତ ଧାନଚାଷ ନଷ୍ଟ ହେବାର ଆଶଂକା ନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ପରେ ପକ୍ଷୀମାନେ ଏଠାରେ ଅଣ୍ଡା ଦିଅନ୍ତି । ଛୁଆ



ହେଲାପରେ ଉଡ଼ିବା ଶିଖାଇବା ପରେ ନଭେମ୍ବର-ଡିସେମ୍ବର ମାସ ବେଳକୁ ଗ୍ରାମ ଛାଡ଼ି ଅନ୍ୟତ୍ର ସୁରକ୍ଷିତ ସ୍ଥାନକୁ ଚାଲିଯାଇଥାନ୍ତି । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ପକ୍ଷୀଙ୍କୁ ବନବିଭାଗର କର୍ମଚାରୀଙ୍କ ସହିତ ଗ୍ରାମବାସୀମାନେ ସୁରକ୍ଷା ଦେଇଥାନ୍ତି । ପକ୍ଷୀ ଶିକାର ପାଇଁ ଗ୍ରାମ କମିଟି ଓ ସ୍ଥାନୀୟ ଭିଏସ୍ଏସ୍ ପକ୍ଷରୁ ସଂପୂର୍ଣ୍ଣ ଭାବେ ବାରଣ କରାଯାଇଛି । ପକ୍ଷୀଙ୍କ ସମ୍ବନ୍ଧରେ ଅଧିକ ଗବେଷଣା କରାଗଲେ ଆହୁରି ଅନେକ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବିକଳ ସ୍ଥିତି




# ଘର ନ କରି ଆଖି ବୁଜିଲେଣି ୮୦ ହିତାଧିକାରୀ : ଗାଁ ଛାଡ଼ିଲେଣି ୩୫୯

**କଟକ, ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି ପାଇଁ ଅନୁମତି ପାଇଥିବା ପ୍ରାୟ ୩ ହଜାର ହିତାଧିକାରୀ ଘର ସଂପୂର୍ଣ୍ଣ କରି ପାରି ନାହାନ୍ତି । ସେମାନଙ୍କ ମଧ୍ୟରୁ ଅନେକଙ୍କର ମୃତ୍ୟୁ ବି ଘଟି ସାରିଲାଣି । ଅନେକ ହିତାଧିକାରୀ ଘର ଅଧା ରଖି ଗାଁ ଛାଡି ବାହାରେ ରହୁଥିବା ବେଳେ ଆଉ କେତେକ ହିତାଧିକାରୀ ଜମିଜମା ବିବାଦରେ ଫସି ଘର କାମ ଆରମ୍ଭ କରି ପାରୁ ନାହାନ୍ତି । କଟକ ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଏଭଳି ସ୍ଥିତି ଏବେ ପ୍ରଶାସନକୁ ବି ଅକଳରେ ପକାଇଛି । ତଥ୍ୟ ଅନୁଯାୟୀ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀଙ୍କ ମଧ୍ୟରୁ ୮୦ ଜଣ ଘର ସଂପୂର୍ଣ୍ଣ କରିବା ପୂର୍ବରୁ ପ୍ରାଣ ହରାଇଲେଣି । ଜମିଜମା ବିବାଦ ପାଇଁ ୩୮୨ଟି ଘର ଆରମ୍ଭ ହୋଇପାରୁନି । ଏହା ବ୍ୟତୀତ ଅନେକ ହିତାଧିକାରୀ ଘର ଅଧାପନ୍ତରିଆ ସ୍ଥିତିରେ ପକାଇ ଗାଁ ଛାଡି ବାହାରେ ରହୁଛନ୍ତି । ଗୋଟିଏ ପଟେ ଅନେକ ଯୋଗ୍ୟ ହିତାଧିକାରୀ ବର୍ଷ ବର୍ଷ ଧରି ଆବେଦନ କରୁଥିଲେ ବି ଆବାସ ଖଣ୍ଡିଏ ପାଉନଥିବାବେଳେ ଅନ୍ୟପଟେ ଘର ପାଉଥିବା ହିତାଧିକାରୀ ଘର ନ କରିବା ଘଟଣା ଅସନ୍ତୋଷର କାରଣ ହୋଇଛି । କଟକ ଜିଲ୍ଲାରେ ୨୦୧୬ରୁ ଆଜି ସୁଦ୍ଧା ୭୬୭୯ ଘର ନିର୍ମାଣ ସରିନି । ସେଥିରୁ ୨୪୧୫ଟି ଘର କାମ ଚାଲିଥିବାବେଳେ ୩୪୨୨ଘରର କାମ ଆଦୌ ଆରମ୍ଭ ହୋଇନି । ୭୬୪ ଟି ଘର ଜମି ବିବାଦ କାରଣରୁ ଆଦୌ ତିଆରି ହୋଇପାରିବନି । ୩୫୯ଜଣ ହିତାଧିକାରୀ ଆବାସ ପାଇଁ କାର୍ଯ୍ୟାଦେଶ ପାଇଥିଲେ ବି ସେମାନେ ଗାଁରେ ରହୁନାହାନ୍ତି । ୧୨୭ଜଣ ହିତାଧିକାରୀ ବିଭିନ୍ନ କାରଣରୁ ଘର ନ କରି ପକାଇ ରଖିଛନ୍ତି । ୬୭ଜଣ ହିତାଧିକାରୀ ଯେଉଁ ସମୟରେ କାର୍ଯ୍ୟାଦେଶ ପାଇଥିଲେ ସେହି ସମୟରେ ଦେଢ଼ ଲକ୍ଷ ଟଙ୍କା ମିଳୁଥିଲା । ଏବେ ସେହି ଟଙ୍କାରେ ଘର କରିବା ସମ୍ଭବ ନଥିବାରୁ ସେମାନେ ବି କାମ ଆରମ୍ଭ କରୁ ନାହାନ୍ତି । କାର୍ଯ୍ୟାଦେଶ ଫେରାଇ ନେବାକୁ ବି ସେମାନେ ପ୍ରଶାସନକୁ ରୋକ୍ଠୋକ୍ ଶୁଣାଇ ଦେଇଛନ୍ତି । ୭୬୭୯ ହିତାଧିକାରୀ ଆବାସ ନ କରିବା ଘଟଣାର ସର୍ଭେ କରି ପ୍ରଶାସନ ଏଭଳି ତଥ୍ୟ ପାଇଛି । କଟକ ଜିଲ୍ଲାରେ ନରସିଂହପୁର ବ୍ଲକ୍ ?ରୁ ସର୍ବାଧିକ ୨୦ଜଣ ହିତାଧିକାରୀଙ୍କର ମୃତ୍ୟୁ ଘଟିଥିବାବେଳେ ବାଙ୍କୀରୁ ସର୍ବାଧିକ ୬୭ଜଣ ହିତାଧିକାରୀ ଗାଁରେ ରହୁ ନାହାନ୍ତି । ଏପଟେ ନରସିଂହପୁରରେ ସର୍ବାଧିକ ୮୪ଜଣ ହିତାଧିକାରୀ ଘର କରିପାରିବେ ନାହିଁ ବୋଲି ପ୍ରଶାସନକୁ କହିଛନ୍ତି । ନିଆଳିରେ ସର୍ବାଧିକ ୧୧୭ଜଣ ହିତାଧିକାରୀଙ୍କର ଜମିବିବାଦରୁ ଘର ଆରମ୍ଭ କରିପାରୁ ନାହାନ୍ତି । ଏପଟେ ଆଠଗଡ଼ରେ ୧୦୧୨ ହିତାଧିକାରୀଙ୍କ ମଧ୍ୟରୁ ୪୬୦ଜଣ ଘର ଆରମ୍ଭ କରିଥିବାବେଳେ ୫୩୧ଜଣ ଘର ଆରମ୍ଭ କରିନାହାନ୍ତି । ବଡମ୍ବାରେ ୬୦୦ରୁ ୨୦୧ଜଣ ଘର ଆରମ୍ଭ କରିଛନ୍ତି । ବାଙ୍କୀରେ ୬୨୮ରୁ ୧୧୮ଜଣ ଘର କରୁଥିବାବେଳେ ବାଙ୍କୀ-ଡମପଡାରେ ୧୬୯ରୁ ୬୨ଜଣ ଘର କରୁଛନ୍ତି । ବାରଙ୍ଗରେ ୧୭୪ରୁ ମାତ୍ର ୨୬ଜଣ ଘର ଆରମ୍ଭ କରିଥିବା ବେଳେ କଟକ ସଦରରେ ୧୫୨ରୁ ୨୮ଜଣ ଘର କରୁଛନ୍ତି । କଣ୍ଟାପଡାର ୨୪ରୁ ୮ଜଣ କାମ ଆରମ୍ଭ କରିଥିବାବେଳେ, ମାହାଙ୍ଗାରେ ୫୦୨ଟି ଘରରୁ ୧୫୫ଟି ଘର ଆରମ୍ଭ ହୋଇଛି । ନରସିଂହପୁରରେ ହଜାରେ ଘରରୁ ୧୩୯ଟି ଘର ଆରମ୍ଭ ହୋଇଥିବାବେଳେ ନିଆଳିର ୨୪୭ଘରରୁ ୫୧ଟି ଘର ତିଆରି ଚାଲିଛି । ନିଶ୍ଚିନ୍ତକୋଇଲିର ୭୫୫ଟି ଘରରୁ ୧୭୨ଟି ଘର ତିଆରି ଚାଲିଥିବାବେଳେ ସାଲେପୁରରେ ୭୨୭ରୁ ୧୭୮, ଟାଙ୍ଗୀ-ଚୌଦ୍ୱାରରେ ୧୩୫୦ରୁ ୬୯୨, ତିଗିରିଆର ୩୩୯ରୁ ୧୨୫ ଘର କାମ ଚାଲିଛି ।

# ହଇଜା ପରେ ଡରାଇଲାଣି ଜଣ୍ଡିସ୍: ୪ ମାସରେ ୨୧ ଆକ୍ରାନ୍ତ

**ରାଉରକେଲା, ନ୍ୟୁଜ ବ୍ୟୁରୋ**

ହଇଜା ପରେ ରାଉରକେଲାବାସୀଙ୍କୁ ଡରାଇଲାଣି ଜଣ୍ଡିସ୍ । ଗତ ୪ ମାସ ମଧ୍ୟରେ ରାଉରକେଲା ସହର ଓ ଏହାର ଆଖପାଖରେ ୨୧ ଜଣ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)ରୁ ଜଣାପଡ଼ିଛି । ଗତ ଫେବୃଆରି ଓ ମାର୍ଚ୍ଚ ୪ରେ ଜଣେ ଲେଖାଏଁ ଆକ୍ରାନ୍ତ ହୋଇଥିଲେ । ଏପ୍ରିଲରେ ୮ ଜଣ ଓ ମେ ମାସରେ ୫ ଜଣ ଆକ୍ରାନ୍ତ ହୋଇଥିଲେ । ଏମାନଙ୍କ ମଧ୍ୟରୁ କିଛି ଆକ୍ରାନ୍ତ ରାଉରକେଲା ମହାନଗର ନିଗମ (ଆରଏମ୍ସି) ଅନ୍ତର୍ଗତ ବେଦବ୍ୟାସ, ବ୍ରାହ୍ମଣୀତରଙ୍ଗ, ଏସ୍‌ଟିଆଇ ଏରିଆ, ଛେଣ୍ଡ କଲୋନିର । ଆଉ କିଛି ଆକ୍ରାନ୍ତ ଲାଠିକଟା, ରାଜଗାଙ୍ଗପୁର ଓ ବଣାଇ ଅଞ୍ଚଳର । ସମସ୍ତଙ୍କ ରକ୍ତନମୁନାର ଜଣ୍ଡିସ୍ ଲକ୍ଷଣ ଜଣାପଡିଛି । ବର୍ଷା ଆରମ୍ଭରୁ ଜଣ୍ଡିସ୍ ଚିହ୍ନଟ ହେବା ପରେ ସହରବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଏବେ ସହରରେ ଅଧିକାଂଶ ବସ୍ତି ଓ କଲୋନିକୁ ଯୋଗାଣ ହେଉଥିବା ପାଇପ୍ ପାଣି ବିଶୁଦ୍ଧ ନୁହେଁ ବୋଲି ସ୍ଥାନୀୟବାସିନ୍ଦା ଅଭିଯୋଗ କରିଛନ୍ତି । ଅଧିକାଂଶ ବସ୍ତିର ଡ୍ରେନ୍ ଭିତରେ ଏବେ ବି ପାଇପ୍ ପାଣି ଯୋଗାଣ ହେଉଛି । ମାସ ମାସ ଧରି ଏଭଳି ଅବସ୍ଥା ରହିଥିଲେ ହେଁ, ଏହା ସ୍ଥାୟୀ ସମାଧାନ ହେଉନି । ଗୋପବନ୍ଧୁପାଲି, ଗଙ୍ଗାଧରପାଲି, ମଧୁସୂଦନପାଲି, ମାଲଗୋଦାମ, ଟିମ୍ବରକଲୋନି, ଧାମରା ବସ୍ତି ସମେତ ଅନେକ ସ୍ଥାନରେ ଡ୍ରେନ୍ ଭିତରେ ପାଣି ପାଇପ୍ ଯାଇଛି । ଲଗାଣ ବର୍ଷା । ପୂର୍ବରୁ ଏସବୁ ପାଇପ୍‌ଗୁଡ଼ିକୁ ସ୍ଥାନାନ୍ତର କରାନଗଲେ ହଇଜା ପରି ଜଣ୍ଡିସ୍ ସ୍ଥିତି ସଙ୍ଗିନ ହୋଇପାରେ । ସେମିତି କିଛି ସ୍ଥାନକୁ ଅଧିକାଂଶ ସମୟରେ ଗୋଳିଆ ପାଣି ଯୋଗାଣ ହେଉଛି । ସମ୍ଭାବ୍ୟ ଅଘଟଣ ଘଟିବା ପୂର୍ବରୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ସଜାଗ ରହିବାର ଆବଶ୍ୟକତା ରହିଛି । ସୂଚନାଯୋଗ୍ୟ, ଗତ ୬ ମାସ ତଳେ ଅର୍ଥାତ୍ ଜାନୁଆରି ମାସରେ ସହରରେ ହଇଜା ସ୍ଥିତି ଅସମ୍ଭାଳ ହୋଇଥିଲା । ପ୍ରାୟ ୧୭ରୁ ଅଧିକ ଲୋକଙ୍କ ଜୀବନ ଯାଇଥିଲା । ୬୦୦ରୁ ଅଧିକ ଆକ୍ରାନ୍ତ ହୋଇ ସରକାରୀ ଡାକ୍ତରଖାନା ସମେତେ ବିଭିନ୍ନ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ସ୍ଥିତି ଅନୁଧ୍ୟାନ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଟିମ୍ ନୁହେଁ କେନ୍ଦ୍ରୀୟ ଟିମ୍ ମଧ୍ୟ ରାଉରକେଲା ଆସି ସ୍ଥିତି ଅନୁଧ୍ୟାନ କରିଥିଲେ । ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ୱାସ୍ଥ୍ୟବିଭାଗର ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା ।

# ସାବାଡ଼ ହେବେ ଉତ୍ପାତିଆ ହାତୀ: ରେଡିଓକଲାର ଯନ୍ତ୍ର ଲଗାଇବା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସାବାଡ୍ ହେବେ ଉତ୍ପାତିଆ ହାତୀ । ଜନବସତିରେ ପଶି ଲୋକଙ୍କ ଘରଦ୍ୱାର ଭାଙ୍ଗୁଥିଲେ ନିଆଯିବ କାର୍ଯ୍ୟାନୁଷ୍ଠାନ । ପ୍ରଥମେ ସେମାନଙ୍କଠାରେ ରେଡିଓକଲାର୍ ଯନ୍ତ୍ର ଖଞ୍ଜାଯାଇ ଗତିବିଧି ଉପରେ ନଜର ରଖାଯିବ । ସେମାନେ କେଉଁ ଆଡ଼େ ଯାଉଛନ୍ତି କେତେ ଲୋକଙ୍କ ଘରଦ୍ୱାର ଭାଙ୍ଗୁଛନ୍ତି କ୍ଷୟକ୍ଷତି ପରିମାଣ କେତେ ଏଭଳି ବିଭିନ୍ନ ବିଷୟର ଅନୁଧ୍ୟାନ କରାଯିବ । ରେଡିଓକଲାର୍ ଲାଗିବା ପରେ ଯଦି ହାତୀ ବୋଲ ନ ମାନି ଉତ୍ପାତ କରେ ତେବେ ତାକୁ ଅଭୟାରଣ୍ୟ ଭିତରେ ଆବଦ୍ଧ କରି ରଖାଯିବ । ହାତୀଟି ଯେପରି ଜଙ୍ଗଲ ବାହାରକୁ ନ ଯାଏ ବନ ବିଭାଗ କର୍ମଚାରୀ ୨୪ ଘଣ୍ଟିଆ ନଜର ରଖିବେ । ସେଥିରେ ଯଦି ସୁଫଳ ନ ମିଳିଲା ତେବେ ହାତୀକୁ କରାୟତ କରାଯାଇ ସ୍ୱତନ୍ତ୍ର ତାଲିମ ଦିଆଯିବ । ଓଡ଼ିଶାର ଜଙ୍ଗଲରେ ଥିବା ଉତ୍ପାତିଆ ହାତୀଙ୍କୁ ସାବାଡ୍ କରିବାକୁ ବନ ବିଭାଗ ଏଭଳି ଯୋଜନା ପ୍ରସ୍ତୁତ କରିଛି । ଯୋଜନା କାର୍ଯ୍ୟକାରୀ କରିବା ପୂର୍ବରୁ ହାତୀଙ୍କ ପ୍ରୋଫାଇଲିଂ ପ୍ରସ୍ତୁତ ଆରମ୍ଭ ହେଉଛି । କେଉଁ ଅଭୟାରଣ୍ୟରେ କେତୋଟି ହାତୀ ଧନଜୀବନ ନଷ୍ଟ କରୁଛନ୍ତି ତାହାର ତାଲିକା ପ୍ରସ୍ତୁତି ଚାଲିଛି । କେନ୍ଦୁଝର ଜିଲ୍ଲାରେ ଦୁଇଟି ଉତ୍ପାତିଆ ହାତୀଙ୍କୁ ଚିହ୍ନଟ କରାଯାଇଛି । ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ମଧ୍ୟ ଦୁଇଟି ହାତୀ ରହିଛନ୍ତି, ଯେଉଁମାନଙ୍କ ପ୍ରୋଫାଇଲିଂ ଆରମ୍ଭ ହୋଇଛି । ସେମାନେ କେଉଁ ଅଞ୍ଚଳରେ ଚଳପ୍ରଚଳ କରୁଛନ୍ତି ଏବଂ କେତେ କ୍ଷୟକ୍ଷତି କରୁଛନ୍ତି ତାହାର ତାଲିକା ପ୍ରସ୍ତୁତ ହୋଇଛି । ଜୁଲାଇ ମାସ ଶେଷ



ସୁଦ୍ଧା ସମସ୍ତ ଅଭୟାରଣ୍ୟରେ ଉତ୍ପାତିଆ ହାତୀଙ୍କ ପ୍ରୋଫାଇଲିଂ ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ସେପଟେ ହାତୀଙ୍କ ବେକରେ ରେଡିଓକଲାର ଲଗାଇବା ପ୍ରକ୍ରିୟାକୁ ଫଳପ୍ରଦ କରିବା ଦିଗରେ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୱାଇଲ୍‌ଡଲାଇଫ୍ ଅଫ୍ ଇଣ୍ଡିଆ(ଡବ୍ଲୁଆଇଆଇ) ସହାୟତାରେ ବନ ବିଭାଗ ପକ୍ଷରୁ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି । ଯେଉଁଥିରେ ଡବ୍ଲୁଆଇଆଇର ବିଶେଷଜ୍ଞଙ୍କ ସହ ଦକ୍ଷିଣ ଆଫ୍ରିକାର ହାତୀ ବିଶେଷଜ୍ଞ ସାମିଲ ହେବେ । ଗୋଟିଏ ସପ୍ତାହ ଧରି ଚାଲିବାକୁ ଥିବା ତାଲିମରେ ପ୍ରାଣୀ ଚିକିତ୍ସକ, ବନଖଣ୍ଡ ଅଧିକାରୀ, ସହକାରୀ ବନଖଣ୍ଡ ଅଧିକାରୀମାନେ ସାମିଲ ହେବେ । ୩୦ଜଣ ସାମିଲ ହେବାକୁ ଥିବା ବେଳେ ସେଥିମଧ୍ୟରେ ୫୦% ପ୍ରାଣୀ ଚିକିତ୍ସକ ରହିବେ । ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ସେମାନଙ୍କ ତାଲିମ ଶିବିର ଅନୁଷ୍ଠିତ ହେବ । ପରବର୍ତ୍ତୀ ସମୟରେ ତାଲିମ ନେଇଥିବା

## ତାଲିମ ଦେବାକୁ ଦକ୍ଷିଣ ଆଫ୍ରିକାରୁ ଆସିବେ ବିଶେଷଜ୍ଞ

ଅଧିକାରୀଙ୍କୁ ସାତକୋଶିଆ କିମ୍ବା ଦେବ୍ରିଗଡ଼ ଅଭୟାରଣ୍ୟକୁ ନିଆଯିବାକୁ ଯୋଜନା ପ୍ରସ୍ତୁତ ହୋଇଛି । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଜଣେ ଅଧିକାରୀ କହିଛନ୍ତି ଯେ ଉତ୍ପାତିଆ ହାତୀଙ୍କ ଦ୍ୱାରା ବହୁ ଧନଜୀବନ ନଷ୍ଟ ହେଉଛି । ସେମାନେ ଲୋକଙ୍କ ଘର ଭାଙ୍ଗୁଛନ୍ତି । ଫସଲ ନଷ୍ଟ କରୁଛନ୍ତି । କେତେକ ସ୍ଥାନରେ ହାତୀମାନେ ମଧ୍ୟ ଲୋକଙ୍କ ଆକ୍ରୋଶର ଶିକାର ହେଉଛନ୍ତି । ଏଭଳି ସମସ୍ୟା ଏଡ଼ାଇବା ସହ ଘଞ୍ଚ ଜଙ୍ଗଲରେ ହାତୀଙ୍କ ଗତିବିଧି ଓ ସେମାନଙ୍କ ବାସସ୍ଥଳୀ ଉପରେ ନଜର ରଖିବାକୁ ଜଙ୍ଗଲରେ ଡ୍ରୋନ୍ ମୁତୟନ ହୋଇଛି । ହାତୀ ଯଦି କୌଣସି ସ୍ଥାନରେ ଜନବସତି ଆଡ଼କୁ ମାଡ଼ି ଯାଉଥିବା ନଜରକୁ ଆସୁଛି, ବନ କର୍ମଚାରୀ ସେଠାରେ ପହଞ୍ଚି ତୁରନ୍ତ ଘଉଡ଼ାଉଛନ୍ତି । ଡ୍ରୋନ୍ ପ୍ରୟୋଗରେ ସଫଳତା ମିଳିଥିଲେ ମଧ୍ୟ ଉତ୍ପାତିଆ ହାତୀଙ୍କ ଉପରେ ରୋକ ଲଗାଯାଇପାରି ନାହିଁ । ରେଡିଓକଲାର୍ ଯନ୍ତ୍ର ଖଞ୍ଜାଯାଇ ସେମାନଙ୍କ ଗତିବିଧି ଓ ଆଚରଣ ନିରୀକ୍ଷଣ କରାଯିବା ଉପରେ ଏବେ ପ୍ରାଥମିକତା ଦିଆଯାଉଛି । ହାତୀଙ୍କ ପାଇଁ ଏକ ଉଦ୍ଧାର କେନ୍ଦ୍ର(ରେସ୍କ୍ୟୁ କେନ୍ଦ୍ର) ଏବେ କାର୍ଯ୍ୟକ୍ରମ ହେଉଥିବା ଅଧିକାରୀ ଜଣକ କହିଛନ୍ତି ।

## ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ କୋଭିଡ ପାଇଁ ୨୨ କୋଟି

# ଦାଖଲ ହୋଇନି ୧୩.୩୫ କୋଟିର ବିନିଯୋଗ ପ୍ରମାଣପତ୍ର

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

କୋଭିଡ ସମୟରେ ମଞ୍ଜୁର ହୋଇଥିବା ଅର୍ଥର ବିନିଯୋଗ ପ୍ରମାଣପତ୍ର ଦେଉନାହାନ୍ତି ସରକାରୀ ଅଧିକାରୀ । ସମ୍ବଲପୁର ଜିଲାରେ ୨୨ କୋଟି ମଞ୍ଜୁର ହୋଇଥିବାବେଳେ ଏଯାବତ୍ ୪ ବର୍ଷ ପରେ ବି ୧୩ କୋଟି ଟଙ୍କାର ୟୁସି ବାକି ରହିଛି । ଏନେଇ ଜିଲା ପ୍ରଶାସନ ବାରମ୍ବାର ତାଗିଦ କଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ ।

କରୋନା ମହାମାରୀ ସମୟରେ ଓଡ଼ିଶା ସରକାରଙ୍କ ମେମୋ ସଂଖ୍ୟା ୧୦୦୩୫/ସିଏମଆରଏଫ୍ ତା ୨୪.୦୩.୨୦୨୦ ଜରିଆରେ କୋଭିଡ-୧୯ ମୁକାବିଲା ଓ ପରିଚାଳନା ପାଇଁ ପାଣ୍ଠି ଜିଲା ରେଡକ୍ରସ ସୋସାଇଟି ଜରିଆରେ ଦିଆଯାଇଥିଲା । କୋଭିଡ ମୁକାବିଲା ଓ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ରେଡକ୍ରସ ପକ୍ଷରୁ ଅଧିକାରୀମାନଙ୍କୁ ପ୍ରଦାନ କରାଯାଇଥିଲା । ସମ୍ବଲପୁର ଜିଲାରେ ୨୨,୩୮,୯୧,୪୯୫ ଟଙ୍କା ପ୍ରଦାନ କରାଯାଇଥିବାବେଳେ ଏଥିରୁ କେବଳ ୯,୦୩,୨୩,୪୪୭ ଟଙ୍କାର ବିନିଯୋଗ ପ୍ରମାଣପତ୍ର ମିଳିଛି । ବଳକା ୧୩,୩୫,୬୮,୦୪୮ ଟଙ୍କାର ବିନିଯୋଗ ପ୍ରମାଣପତ୍ର ଏଯାବତ୍ ମିଳିନଥିବାର ରେଡକ୍ରସ ସୂତ୍ରରୁ ପ୍ରକାଶ । ବାରମ୍ବାର ରିମାଇଣ୍ଡର ପତ୍ର ସତ୍ତ୍ୱେ ସେମାନେ ଏହା ଜମା କରୁନାହାନ୍ତି । ଏଥିପାଇଁ ଗତ ମାର୍ଚ୍ଚରେ ସମସ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ଆପାତକାଳୀନ ବିଭାଗ ଜରିଆରେ ପତ୍ର ସଂଖ୍ୟା ୬୨୨୦/ଇଏମ୍‌ଜି ତା ୩୦.୦୩.୨୦୨୪ ନେଇଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ କୌଣସି ଉତ୍ତର ମିଳିନଥିବା ଜଣାପଡ଼ିଛି ।

ସିଏମଆରଏଫରୁ କୋଭିଡ ପରିଚାଳନା ପାଇଁ ଅଧୀକ୍ଷକ, ଭିମସାର, ବୁର୍ଲାଙ୍କ ନାମରେ ୧୧,୩୬,୫୨,୭୬୯ ଟଙ୍କା ଦିଆଯାଇଥିବାବେଳେ ୮,୮୪,୭୫,୧୮୮ ଟଙ୍କାର ୟୁସି ବାକି ରହିଛି । ସିଡିଏମଆଣ୍ଡପିଏଚ୍‌ଓ, ସମ୍ବଲପୁରଙ୍କ ୯,୧୩,୬୧,୨୩୦ ଟଙ୍କାରୁ ୩,୫୭,୮୧,୭୬୦ ଟଙ୍କାର ୟୁସି ବାକି, ବିଡିଓ ଜମନକିରାଙ୍କ ୧୦ ଲକ୍ଷ ଟଙ୍କାରୁ ୧ ଲକ୍ଷ ଟଙ୍କା ୟୁସି ବାକି, ବିଡିଓ ରେଙ୍ଗାଲିଙ୍କ ୫ ଲକ୍ଷରୁ ଆଦୌ ୟୁସି ଦେଇନାହାନ୍ତି, ଆରଟିଓ ସମ୍ବଲପୁରଙ୍କ ୧,୫୯,୩୭,୧୬୧ ଟଙ୍କାରୁ ୭୨,୭୦,୭୬୫ ଟଙ୍କା ୟୁସି ବାକି, ନିର୍ବାହୀ ଅଧିକାରୀ ଏନଏସି କୁଚିଣ୍ଡାଙ୍କ ୧୪,୩୦,୯୦୦ ଟଙ୍କାରୁ ଆଦୌ ୟୁସି ଦେଇନାହାନ୍ତି ଏବଂ ଓଏଆଇସି ସମ୍ବଲପୁର ୯୪୩୫ ଟଙ୍କାର ଆଦୌ ୟୁସି ଦେଇନଥିବା ସୂଚନା ମିଳିଛି ।

ସରକାର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ତଥା ଜରୁରୀକାଳୀନ ସ୍ଥିତିରେ ପାଣ୍ଠି ମଞ୍ଜୁର କରୁଛନ୍ତି । କିନ୍ତୁ ଏହି ମଞ୍ଜୁର ଅର୍ଥରାଶି ସମ୍ପୃକ୍ତ ପ୍ରକଳ୍ପ ବା ଯୋଜନା ପାଇଁ ଖର୍ଚ୍ଚ ହେବାପରେ ବିନିଯୋଗ ପ୍ରମାଣପତ୍ର (ୟୁସି) ଦାଖଲ କ୍ଷେତ୍ରରେ ଉଦାସୀନତା ପ୍ରକାଶ କରାଯାଉଛି । କେଇବର୍ଷ ତଳେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିର ସମ୍ବଲପୁର ଜିଲ୍ଲାରେ ପ୍ରାୟ ୫୦ କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ଦାଖଲ ହୋଇନଥିବାରୁ ତତ୍କାଳୀନ ଅଧ୍ୟକ୍ଷ କ୍ଷୋଭ ପ୍ରକାଶ କରିବାସହ ଅବ୍ୟବହୃତ ରାଶି ଫେରସ୍ତ ସହ ପ୍ରକଳ୍ପ ବାତିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜରୁରୀକାଳୀନ ଅଧିକାରୀ ରସନା ଭୋଇଙ୍କ ଅନୁଯାୟୀ କାହିଁକି ବିନିଯୋଗ ପ୍ରମାଣପତ୍ର ଆସିନାହିଁ ଏନେଇ ସେ ବିଭାଗରେ ଅବଗତ ହେବାପରେ ପଦକ୍ଷେପ ବିଷୟରେ ସୂଚନା ଦେଇପାରିବେ । ସିଡିଏମଓ ଡା. ସୁଜାତାରାଣୀ ମିଶ୍ର କହିଛନ୍ତି ଯେ କୋଭିଡ ସମୟରେ ସେ ସମ୍ବଲପୁରରେ ନଥିଲେ । ତେବେ, କାହିଁକି ୟୁସି ଦିଆଯାଇନି ସେନେଇ ପଚାରିବୁଝିବେ ବୋଲି କହିଛନ୍ତି । ଭିମସାର ଅଧୀକ୍ଷକ ଡା. ଲାଲମୋହନ ନାଏକଙ୍କୁ ଯୋଗାଯୋଗ ଫୋନ ଉଠାଇନଥିଲେ ।



# ହାତୀପଲଙ୍କ ଦୌରାତ୍ମ୍ୟ: ୧୮ ଜଣଙ୍କ ଘରଭାଙ୍ଗି ଧାନ, ମାଣ୍ଡିଆ ଖାଇଗଲେ

**ବିଷମ କଟକ, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଶିପଦର ପଞ୍ଚାୟତ ପାଣି ମୁଣ୍ଡା ଗ୍ରାମ ଠାରେ ହାତୀ ପଲର ତାଣ୍ଡବ । ୧୮ ଜଣଙ୍କ ଘରଦ୍ୱାର ଭାଙ୍ଗି ଧାନ ମାଣ୍ଡିଆ ଚାଉଳ ଖାଇବା ପରେ ଉପଦ୍ରବ୍ୟ ଘଟାଇଛନ୍ତି । ହାତୀପଲଙ୍କୁ ନେଇ ଲୋକମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ସୂଚନା ଅନୁଯାୟୀ ବୁଧବାର ହାତୀପଲ ଘରେ ଥିବା ଖାଦ୍ୟ ଶସ୍ୟ ଖାଇବା ସହ ବିଭିନ୍ନ ଆସବାବ ପତ୍ର ଓ ମଟର ସାଇକେଲ ଭଙ୍ଗାରୁଜା କରିଥିଲେ । ବିଳମ୍ବିତ ରାତିରେ ପ୍ରାୟ ୧୧ଟା ସମୟରେ ଗ୍ରାମବାସୀ ଶୋଇଥିବା ସମୟରେ ହାତୀପଲ ଗର୍ଜନ କରି ହଠାତ୍ ଗ୍ରାମ ଭିତରକୁ ପଶିଆସିବା ଦେଖି ଗ୍ରାମବାସୀ ବିଦ୍ୟୁତ୍ ଆଲୁଅ ଲିଭାଇ ଘରଦ୍ୱାର ଛାଡି ଅନ୍ୟ ପଡୋଶୀ ଛାତ ଘରମାନଙ୍କୁ ଯାଇ ଛୁଆ ପିଲା ସହିତ ସକାଳ ୬ଟା ପର୍ଯ୍ୟନ୍ତ ଲୁଚି ଜୀବନ ବଞ୍ଚାଇଥିଲେ । ଏହି ଖବରପାଇ ମୁନିଗୁଡ଼ା ରେଞ୍ଜ ବିଭାଗର ବନ୍ୟାଞ୍ଚଳ ଅଧିକାରୀ ଅନୀଲ କୁମାର ବାଲା ଓ ମୁନିଗୁଡା ଫରେଷ୍ଟର ପ୍ରମୋଦିନୀ ମାଣ୍ଡାଙ୍ଗୀ, ନିଜ ଷ୍ଟାଫ୍ ସହ ପାଣି ମୁଣ୍ଡା ଗ୍ରାମରେ ପହଞ୍ଚି ଅନୁଧାନ କରି ସମୀକ୍ଷା କରିଥିବା ବେଳେ ସରକାରୀ ଅନୁକମ୍ପା ରାଶି ନିମନ୍ତେ କ୍ଷୟକ୍ଷତିର ଆକଳନ ରିପୋର୍ଟ କରି ଯାହାର ଯେତିକି କ୍ଷୟକ୍ଷତି ହୋଇଛି ସମସ୍ତଙ୍କୁ ଯୋଗାଇ ଦିଆଯିବ ବୋଲି କହିଥିଲେ । ପ୍ରକାଶଥାଉକି ଏହି ହାତୀପଲ କଲ୍ୟାଣସିଂହପୁର ଠାରୁ ଆସିଥିବା ଓ ୮ଟି ହାତୀ ଆସିଥିବା ଫରେଷ୍ଟ ବିଭାଗ ପକ୍ଷରୁ କୁହାଯାଇଥିବା ବେଳେ, ପାଣି ମୁଣ୍ଡା ଗ୍ରାମବାସୀଙ୍କ ତରଫରୁ ୧୮ ରୁ ୨ ଟି ହାତୀ ପଲ ଆସିଥିବା କହିଛନ୍ତି ।



## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ କୁଡୁତୁଲି ପଞ୍ଚାୟତର ଡକର ଗାଁରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି । ଗୁରୁତର ଜଣକ ହେଉଛନ୍ତି ଅଖିଳ ପ୍ରଧାନୀ (୩୫) । ଅଖିଳ ଗୁରୁବାର ସକାଳୁ ସେହି ଗାଁର ଜଙ୍ଗଲକୁ ମଇଁଷି ଖୋଜିବାକୁ ଯାଇଥିବା ସମୟରେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା । ସେ ଜୀବନ ବିକଳରେ ଗାଁକୁ ଦୌଡ଼ି ପଳାଇ ଆସିଥିଲେ । ତାଙ୍କୁ କ୍ଷତାକ୍ତ ଅବସ୍ଥାରେ ଦେଖି କିଛି ଲୋକ ଗାଁ ଲୋକଙ୍କୁ ଡାକି କ.ନୂଆଗାଁରେ ପ୍ରାଥମିକ ଚିକିତ୍ସା କରିବା ପରେ ସଙ୍ଗେ ସଙ୍ଗେ ଫୁଲବାଣୀ ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା ।

### ଅଭିଯୋଗର ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳଙ୍କ ପଦକ୍ଷେପ

# ସୋସିଆଲ ମିଡ଼ିଆ ଏକ୍ସ (ଟ୍ୱିଟର) ଆକାଉଣ୍ଟ ଖୋଲିବାକୁ ନିର୍ଦ୍ଦେଶ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ପ୍ରଶାସନର କାର୍ଯ୍ୟକୁ ଲୋକାଭିମୁଖୀ କରିବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିଛନ୍ତି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ । ଜିଲ୍ଲାର ସମସ୍ତ ତହସିଲ୍, ବ୍ଲକ୍ ଓ ବିଭିନ୍ନ ବିଭାଗକୁ ନିଜ ନିଜର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ' (ପୂର୍ବନାମ ଟ୍ୱିଟର) ଆକାଉଣ୍ଟ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଲୋକଙ୍କ ଅଭିଯୋଗକୁ ଅଗ୍ରାଧିକାର ଦେଇ ସମସ୍ୟା ସମାଧାନ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସୋସିଆଲ ମିଡିଆ ଯୁଗରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ର ସୁବ୍ୟବହାର କରିବାକୁ ସମସ୍ତ ଅଧିକାରୀଙ୍କୁ ସେ ପରାମର୍ଶ ଦେଇଛନ୍ତି । ଏହା ଫଳରେ ପ୍ରଶାସନର କାର୍ଯ୍ୟରେ ଅଧିକ ସ୍ୱଚ୍ଛତା ଆସିବା ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଲୋକଙ୍କୁ ସରକାରୀ ସେବା ଯୋଗାଇ ଦେବା ପାଇଁ ଉତ୍ତରଦାୟିତ୍ୱ ବୃଦ୍ଧି ପାଇବ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରି ରାଜକନିକା ବ୍ଲକ୍, ମହାକାଳପଡ଼ା ତହସିଲ୍, ରାଜନଗର ତହସିଲ, ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଆଦି ନିଜ ନିଜର 'ଏକ୍ସ' ଆକାଉଣ୍ଟ ଖୋଲିଛନ୍ତି । 'ଏକ୍ସ'ର ବ୍ୟବହାର ଜାଣିଥିବା ବୁଦ୍ଧିଜୀବୀ, ଯୁବପିଢ଼ି ଓ ଜନସାଧାରଣଙ୍କୁ ମଧ୍ୟ ନିବେଦନ କରାଯାଇଛି କି, ସେମାନେ ସେମାନଙ୍କ ଅଭିଯୋଗ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ଜରିଆରେ ଆଣିପାରିବେ । ଜନତା ଓ ପ୍ରଶାସନ ମଧ୍ୟରେ ବ୍ୟବଧାନ ହ୍ରାସ ପାଇ ସୁସମ୍ପର୍କ ବୃଦ୍ଧି ପାଇଲେ ସରକାରୀ ସେବା ପ୍ରକୃତ ହିତାଧିକାରୀ ନିକଟରେ ପହଞ୍ଚିପାରିବ ଓ ଗଣତନ୍ତ୍ରର ମୂଳ ଲକ୍ଷ୍ୟ ସାକାର ହୋଇପାରିବ ।



# ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଆକ୍ରମଣ ପ୍ରତିବାଦରେ କୁଚିଣ୍ଡା ସାମ୍ବାଦିକ ସଂଘର ବିକ୍ଷୋଭ



**କୁଚିଣ୍ଡା, ନ୍ୟୁଜ୍ ବ୍ୟୁରୋ**

ଖବର ସଂଗ୍ରହ ପାଇଁ ଯାଇଥିବା ଜନୈକା ମହିଳା ସାମ୍ବାଦିକା ଓ ତାଙ୍କ ସହଯୋଗୀଙ୍କୁ ପୋଷା କୁକୁର ଲଗାଇ ଆକ୍ରମଣ ଘଟଣା ପ୍ରତିବାଦରେ ଗୁରୁବାର କୁଚିଣ୍ଡା ସାମ୍ବାଦିକ ସଂଘ ପକ୍ଷରୁ କୁଚିଣ୍ଡା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ଅବସରରେ ଏହାର ନିରପେକ୍ଷ ତଦନ୍ତ ସହ ଦୋଷୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । କୁଚିଣ୍ଡା ସାମ୍ବାଦିକ ସଂଘ ସଭାପତି ବିରଞ୍ଚି ଦର୍ଶଙ୍କ ନେତୃତ୍ୱରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଗତ ୨୫ରେ ଭୁବନେଶ୍ୱରରେ ଏକ କୋଠା ଭଙ୍ଗା ଘଟଣାରେ ଖବର ସଂଗ୍ରହ ପାଇଁ ଯାଇଥିବା ଜନୈକା ମହିଳା ସାମ୍ବାଦିକା ଓ ତାଙ୍କ ସହଯୋଗୀଙ୍କ ଉପରେ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ ନିଜ ପୋଷା କୁକୁର ଲଗାଇ ଆକ୍ରମଣ କରିବା ଘଟଣା ଏହା ଗଣତନ୍ତ୍ରର ୪ର୍ଥ ସ୍ତମ୍ଭର କଣ୍ଠରୋଧକୁ ସ୍ପଷ୍ଟ ଇଙ୍ଗିତ କରୁଥିବାରୁ ଏହାର ଦୃଢ ପ୍ରତିବାଦ କରାଯାଇଥିଲା । ତେଣୁ ସାମ୍ବାଦିକ ସୁରକ୍ଷା ଆଇନ୍ ଲାଗୁକରି ସାମ୍ବାଦିକଙ୍କୁ ସୁରକ୍ଷା ଯୋଗାଇ ଦେବା ସହ ଉପରୋକ୍ତ ଘଟଣାର ତଦନ୍ତ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ ହେମସାଗର ଭୋଇଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ତନୟ ମହାପାତ୍ର, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପ୍ରଭାତ ବେହେରା, ସୁଧିର ମହାନ୍ତି, ଦୀନେଶ ନନ୍ଦ, ଶୁଶିଳ କର, ଜୟକିଶୋର ମହାପାତ୍ର, ତପନ ଦାଶ, ଅଦିତ ପଣ୍ଡା, ପ୍ରଶାନ୍ତ ଶର୍ମା, ପ୍ରଶାନ୍ତ ଶର୍ମା, ସୌମ୍ୟରଞ୍ଜନ ଧଳ, ମନୀଷ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସମ୍ବଲପୁରରେ ଜଣ୍ଡିସ୍ (ହେପାଟାଇଟିସ୍ -ଏ) ରୋଗ ନିୟନ୍ତ୍ରଣାଧୀନ ରହିଛି

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ସହରର କେତେକ ଅଞ୍ଚଳରେ ଜଣ୍ଡିସ୍ (ହେପାଟାଇଟିସ୍- ଏ) ରୋଗୀ ଦେଖିବାକୁ ମିଳିଛନ୍ତି । ଗତ ୨୫ ତାରିଖ ସୁଦ୍ଧା ସମୁଦାୟ ମାମଲା ୯୩ଟି ରହିଛି । କୁମ୍ଭାରପଡ଼ା ଓ ସାଲିଆବାଗିଚାରୁ ୫୭, ପେନସନପଡାରୁ ୧୪, ଧୋବାପଡ଼ାରୁ ୧୧ ଓ କାଳିବାଡିରୁ ୧୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସମସ୍ତ ସଂକ୍ରମିତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଏବଂ ପେରିଫେରାଲ ହେଲ୍‌ଥ୍ ଟିମ୍‌ର ତତ୍ତ୍ୱାବଧାନରେ ରହିଛନ୍ତି । ୬ରୁ ୧୪ ବର୍ଷ ବୟସ ବର୍ଗ ସବୁଠାରୁ ଅଧିକ ପ୍ରଭାବିତ ହେଉଥିବାର ଦେଖିବାକୁ ମିଳିଛି । ପିଲାମାନେ ସ୍ଥାନୀୟ ଆଇସକ୍ରିମ୍ (ଚୁସ୍କି), ଷ୍ଟ୍ରିଟ୍ ଫୁଡ୍ ଏବଂ ଜଙ୍କ୍ ଫୁଡ୍ (ଗୁପ୍ ଚୁପ୍, ଚାଟ୍, ଚାଓମିନ୍, ଦହିବରା) ଖାଇଥିଲେ, ଯାହା ସଂକ୍ରମଣର ପ୍ରାଥମିକ କାରଣ ବୋଲି ଜଣାପଡ଼ିଛି । ସଂକ୍ରମଣ ରୋକିବା ପାଇଁ ପ୍ରତିଦିନ ରାସ୍ତାକଡ଼ ଦୋକାନୀଙ୍କ ପାଣି ଓ ଖାଦ୍ୟ ପରୀକ୍ଷା କରାଯାଉଛି । ଏହି ଦୋକାନ ଓ ବରଫ କାରଖାନା, ଯେଉଁଠାରେ ସଂକ୍ରମଣର ଦେଖିବାକୁ ମିଳିଥିଲା, ତାହାକୁ ସିଲ୍ କରିବା ପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଇଛି । ସମ୍ପୃକ୍ତ ଅଞ୍ଚଳରେ ଜଣ୍ଡିସ୍ ସଂକ୍ରମଣକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆହୁରି ଅନେକ ପଦକ୍ଷେପ ନିଆଯାଇଛି । ନିୟମିତ ଆଇ.ଇ.ସି କାର୍ଯ୍ୟକଳାପ ଶବ୍ଦ ଘୋଷଣା ଭ୍ୟାନ୍ ଏବଂ ପେରିଫେରାଲ୍ ହେଲ୍‌ଥ୍ ଟିମ୍ ଦ୍ୱାରା ଡୋର୍ ଟୁ ଡୋର୍ ଅଭିଯାନ ମାଧ୍ୟମରେ ପ୍ରତିଷେଧକ ପଦକ୍ଷେପ ବିଷୟରେ ସୁନିଶ୍ଚିତ କରାଯାଉଛି । (ଉଦାହରଣ ସ୍ୱରୂପ- ଓଆରଏସ୍ ପିଇବା, ହାତ ଧୋଇବା, ତରଳ ଖାଦ୍ୟ ସେବନ କରିବା ଏବଂ ଜଙ୍କ ଏବଂ ଷ୍ଟ୍ରିଟ୍ ଫୁଡ୍ ଠାରୁ ଦୂରେଇ ରହିବା, ଫୁଟା ପାଣି ବ୍ୟବହାର କରିବା ଇତ୍ୟାଦ । ଜନସ୍ୱାସ୍ଥ୍ୟ ଟିମ୍ ଦ୍ୱାରା ମିଳିତ ସଂକ୍ରମଣର ତଦନ୍ତ କରାଯାଉଛି । ଚିହ୍ନଟ ହୋଇଥିବା ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ କାଉନ୍‌ସେଲିଂ ପାଇଁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ୍ ନିୟୋଜିତ କରାଯାଇଛି । ଆଶା ସ୍ତରରେ ଓଆରଏସ୍ ଓ ହାଲୋଜେନ୍ ବଟିକାର ପର୍ଯ୍ୟାପ୍ତ ଯୋଗାଣ ସୁନିଶ୍ଚିତ କରାଯାଇଛି । ଖାଦ୍ୟ ନିରାପତ୍ତା ପ୍ରବର୍ତ୍ତନ ଏଫ୍.ଏସ୍.ଓ ଏବଂ ଟିମ୍ ଦ୍ୱାରା ସୁନିଶ୍ଚିତ କରାଯାଉଛି । ଜଳ ବିଶୋଧନ କାରଖାନା ତଥା ଜଳ ଯୋଗାଣ ବ୍ୟବସ୍ଥାର ବିଭିନ୍ନ ଜଳ ଭଣ୍ଡାରରେ ସୁପର କ୍ଲୋରିନେସନ୍ କରାହେଉଛି । ସମସ୍ତ ହ୍ୟାଣ୍ଡପମ୍ପ ନଳକୂପର ବିଶୋଧନ କାର୍ଯ୍ୟ ସାପ୍ତାହିକ ଭାବେ ଜାରି ରହିଛି । ଜଳସାଥୀ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ସେମାନଙ୍କ ଷ୍ଟୋରେଜ୍ ପାଣି ଟାଙ୍କିରୁ ପ୍ରତିଦିନ ପାଣିର ଗୁଣବତା ପରୀକ୍ଷା କରୁଛି । ପୁରୁଣା ପାଇପ୍ ଲାଇନ୍ ଭିତ୍ତିଭୂମିକୁ ବଦଳାଯାଉଛି । ସେହି ଅଞ୍ଚଳରେ ମ୍ୟାନେଜର, ଆସିଷ୍ଟାଣ୍ଟ ମ୍ୟାନେଜର, ଫିଲ୍ଡ ଷ୍ଟାଫଙ୍କୁ ନେଇ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ନିୟୋଜିତ କରାଯାଇ ଲିକ୍ ମରାମତି ଉପରେ ନଜର ରଖାଯାଉଛି । ଖାଦ୍ୟ ନିରାପତ୍ତା ଟିମ୍, ପୁଲିସ୍ ଟିମ୍, ଜନସ୍ୱାସ୍ଥ୍ୟ ଟିମ୍ ଓ ପ୍ରଶାସନକୁ ନେଇ ଗଠିତ ସ୍ୱତନ୍ତ୍ର ସ୍କ୍ୱାର୍ଡ ଜରିଆରେ ଖାଦ୍ୟ ସୁରକ୍ଷା ନିୟମ କଡ଼ାକଡ଼ି ଭାବେ ପାଳନ କରାଯାଉଛି ।

## ବରିଷ୍ଠ ସାମ୍ବାଦିକ ଭଜଗୋବିନ୍ଦ ଜେନାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ଭଜଗୋବିନ୍ଦ ଜେନା ଜଣେ ନୀତିନିଷ୍ଠ ଓ ଦୁଃସାହସୀ ସାମ୍ବାଦିକ । ଖବର ସଂଗ୍ରହ ହେଉ ଅବା ଖବର ପ୍ରସାରଣ ହେଉ ସେ କାହାକୁ ଭୟ ବା ପକ୍ଷପାତିତା କରୁନଥିଲେ । ତାଙ୍କ ଭଳି ଜଣେ ବରିଷ୍ଠ ସାମ୍ବାଦିକଙ୍କୁ ହରାଇ ଭଦ୍ରକ ଜିଲ୍ଲାର ସାମ୍ବାଦିକ ଜଗତ ଖୁବ୍ ମ୍ରିୟମାଣ ବୋଲି ତାଙ୍କ ସ୍ମୃତିଚାରଣ ସଭାରେ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ବରିଷ୍ଠ ଆଇନଜୀବୀ ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ଓ ଆଇନଜୀବୀ ରୋଟାରିଆନ ଅତିସ ବେହେରାଙ୍କ ସଞ୍ଚାଳନାରେ ସାଳନ୍ଦୀ ବାଇପାସ୍ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସର ସଭାଗୃହରେ ଅନୁଷ୍ଠିତ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ଭଜଗୋବିନ୍ଦ ଜେନାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ନିରାକାର ଜେନା, ସମାଜସେବୀ ଅଜୟ ନାୟକ, ଶିକ୍ଷକନେତ୍ରୀ ସୁରଜିତା ନାୟକ, ସମାଜସେବୀ ସୁଧାକର ରାଉତ, ଶାନ୍ତନୁ ରାଉତ, କାଉନସିଲରଙ୍କ ପ୍ରତିନିଧି ପଙ୍କଜ ବଳ, ସମାଜସେବୀ ବ୍ୟୋମକେଶ ସେନାପତି, ବରିଷ୍ଠ ସାମ୍ବାଦିକ ଡ. ହରିହର ନାୟକ, ଉତ୍ପଳ ଚାନ୍ଦ, ନିବେଦିତା ଜେନା, ଡ. ରାଧାରାଣୀ ମହାପାତ୍ର, ଡାକ୍ତର ହରେକୃଷ୍ଣ ନାୟକ, ଡାକ୍ତର ସଞ୍ଜୟ ଦାସ, ରଘୁନାଥ ନାୟକ, ରାମନାରାୟଣ ମହାନ୍ତି, ବିଜୟ ସାହୁ, ସିପିଏମ ନେତା ଚନ୍ଦ୍ରଶେଖର ନାୟକ, ବିଜେଡି ନେତ୍ରୀ ଦେବୀଦତ୍ତା ମହାନ୍ତି, ସୁବୋଧ ନାୟକ, ଯୁଧିଷ୍ଠିର ଦେବତା, ଶ୍ରୀକାନ୍ତ ଜେନା, ଉମାକାନ୍ତ ସାହୁ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ଏହି ସ୍ମୃତିଚାରଣ ସଭାକୁ ସ୍ୱର୍ଗତ ଜେନାଙ୍କ ପତ୍ନୀ ମୀନତି ଜେନା, କନ୍ୟା ଲିପ୍‌ସା ଜେନା ଓ ପୁତ୍ର ରାକେଶ ଜେନା ପରିଚାଳନା କରିଥିବା ବେଳେ ପ୍ରଭାତୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏଠାରେ ସୂଚନାଯୋଗ୍ୟ ସ୍ୱର୍ଗତଃ ଜେନା ସତ୍ୟର ସ୍ୱର ନିର୍ଭୟର ଭଦ୍ରକ ଜିଲ୍ଲା ପ୍ରତିନିଧି ଥିବାବେଳେ ଦେହାନ୍ତ ହୋଇଥିଲା ।

# କାର୍ଯ୍ୟରତ ସାମ୍ବାଦିକାଙ୍କୁ ମରଣାନ୍ତକ ଆକ୍ରମଣ: ସମ୍ବଲପୁର ଜିଲ୍ଲା ଓୟୁଜେ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଖବର ସଂଗ୍ରହ ବେଳେ ରାଜଧାନୀ ଭୁବନେଶ୍ୱରରେ ମହିଳା ସାମ୍ବାଦିକା ଚିନ୍ମୟୀ ସାହୁ ଦୁର୍ବ୍ୟବହାରର ଶିକାର ହୋଇଥିବାରୁ ଓୟୁଜେର ରାଜ୍ୟ ସଭାପତି ପ୍ରଶନ୍ନ ମହାନ୍ତିଙ୍କ ନିର୍ଦ୍ଦେଷ ଅନୁସାରେ ସାରା ରାଜ୍ୟରେ ଗୁରୁବାର ପ୍ରତିବାଦ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ତରଫରୁ କରାଯାଇଛି । ମହିଳା ସାମ୍ବାଦିକା ଚିନ୍ମୟୀ ସାହୁଙ୍କ ପ୍ରତି ଦୁର୍ବ୍ୟବହାର ଓ କୁକୁର ଛାଡି ମାରିବା ଉଦ୍ୟମକୁ ନେଇ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ୟୁନିୟନ (ଓୟୁଜେ) ତରଫରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଦିଆଯାଇଛି । ଅଧିକାଂଶ ସମୟରେ ସାମ୍ବାଦିକ ମାନଙ୍କୁ ମାରପିଟ୍ କରି ଦୋଷୀମାନେ ଆରାମରେ ରହୁଛନ୍ତି । ସେମାନଙ୍କ ଉପରେ କୌଣସି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ସେଥିପାଇଁ ଦୋଷୀମାନେ ଦୋଷ କରିବାକୁ ପଛାଉନାହାନ୍ତି । ଏଥିପାଇଁ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ କରି ଦୋଷୀ ମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା କରିବାକୁ ସରକାର ଏଥିପ୍ରତି ଧ୍ୟାନ ଦେବାକୁ ଦାବି କରାଯାଇଛି । ଏହି ଦାବି ପତ୍ର ଦେବା ସମୟରେ ଜିଲ୍ଲା ଉପ ସଭାପତି ଦିନେଶ ମାହାନା, ଜିଲ୍ଲା କୋଷାଧ୍ୟକ୍ଷ ହେମନ୍ତ ରାଉତ, ମଳୟ ଭୋଇ, ରେଙ୍ଗାଲି ବ୍ଲକ ସମ୍ପାଦକ ହିମାଂଶୁ ଦାସ, ସୁନିଲ ନାଥ, ମନୋଜ ମୁଦୁଲି ବରିଷ୍ଠ ସାମ୍ବାଦିକ ଦୁର୍ଗା ଶଙ୍କର ବାଗ ପ୍ରମୁଖ ଉପସ୍ଥିତ ଥିଲେ ।



# ଲୁଟ୍ ବାଇକ୍ ଜବତ୍: ୪ ଅଭିଯୁକ୍ତ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଲୁଟ୍ ବାଇକ୍ ମାମଲାର ପର୍ଦ୍ଦାଫାସ୍ କରିଛି ଜୟପୁର ଟାଉନ୍ ପୋଲିସ । ଏହି ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ୪ ଅଭିଯୁକ୍ତ ହେଲେ ଇରିଗେସନ୍ କଲୋନୀର ଆକାଶ କୁମାର ସେଠୀ ସୌରାଗୁଡାର ଶଶି ଭୂଷଣ ନାୟକ କେନ୍ଦୁଗୁଡାର ମନୋଜ ଜାନୀ ଇରିଗେସନ୍ କଲୋନୀର ଶଙ୍କର ଖଡା । ପୋଲିସ ସୂଚନା ଅନୁଯାୟୀ ଗତ ୧୮.୬.୨୪ ତାରିଖରେ ପୁରୁଣାଗଡର ସଦାଶିବ ସାହୁ ଅଭିଯୋଗ କରିଥିଲେ ଯେ ଫରେଷ୍ଟ ତାଲିମ କେନ୍ଦ୍ର ନିକଟରେ ସୁନା ମୁଦି, ମୋବାଇଲ ଫୋନ୍ ସହ ୧୫ ଶହ ଟଙ୍କା ଲୁଟ୍ କରିଥିଲେ । ରାୟଘରକୁ ଯାଇ ଜୟପୁର ଆସୁଥିବା ସମୟରେ ଫରେଷ୍ଟ କଲୋନୀ ନିକଟରେ କେତେକ ଯୁବକ ଅଟକାଇ ଟଙ୍କା ମାଗିଥିଲେ । ସେ ନଦେବାରୁ ଲୁହା ରଡ଼ରେ ଆକ୍ରମଣ କରି ଲୁଟ୍ କରି ଚମ୍ପଟ ମାରିଥିଲେ । ଫଳରେ ଅଭିଯୋଗକାରୀ ଗୁରୁତର ହୋଇପଡଥିଲେ । ତାଙ୍କୁ ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ଗତ ୨୩ ତାରିଖରେ ଜୟପୁର ଟାଉନ୍ ପୋଲିସରେ ଅଭିଯୋଗ କରିଥିଲେ । ପୋଲିସ ତଦନ୍ତରୁ ଜାଣି ୨ଟି ବାଇକ୍, ୫ ଶହ ଟଙ୍କା ଜବତ କରିଛି । ଏନେଇ ଜୟପୁର ଏସଡିପିଓ ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି ।

## ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନଗହଣା ସମେତ ନଗଦ ୧ଲକ୍ଷ ୪୦ ହଜାର ଲୁଟ୍

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଘରେ କେହିନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନଗହଣା ସମେତ ନଗଦ ୧ ଲକ୍ଷ ୪୦ ହଜାର ଚୋରିକରି ନେଇଯାଇଛନ୍ତି । ଏନେଇ ଖୋର୍ଦ୍ଧା ଆଦର୍ଶ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି । ସୂଚନା ମୁତାବକ ମଧ୍ୟାହ୍ନ ବର୍ଷା ସମୟରେ ବୁଢ଼ୀ ବଗିଚା, ସ୍ୱିପରକଲୋନୀ ପଛ ପାଖରେ ଥିବା ଶିକ୍ଷକ ନଳିନୀକାନ୍ତ ମାଝିଙ୍କ ଘରୁ ତାଲା ଭାଙ୍ଗି ସୁନା ଅଳଙ୍କାର, ନୂଆ ଲାପ୍‌ଟପ୍ ଓ ୧ଲକ୍ଷ ୪୦ ହଜାର ଟଙ୍କା ଚୋରି ହୋଇଯାଇଛି ।

# 'ନିଶା ଜନଜୀବନକୁ ଗୁରୁତର ଭାବେ ପ୍ରଭାବିତ କରେ'

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପ୍ରଶାସନ ସୁବର୍ଣ୍ଣପୁର ତରଫରୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ବିଶ୍ୱ ନିଶା ଦ୍ରବ୍ୟର ବ୍ୟବହାର ଓ ବେଆଇନ୍ ଚୋରା କାରବାର ନିଷିଦ୍ଧ ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ସକାଳେ ଏନ.ସି.ସି. କ୍ୟାଡେ଼ଟ୍ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଆୟୋଜିତ ସଚେତନତା ରଥ ଓ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଦିବସ ଉପଲକ୍ଷେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ନିଶା ଦ୍ରବ୍ୟର ଅପବ୍ୟବହାର ଓ ଅନୈତିକ ଚାଲାଣ ଦ୍ୱାରା ବ୍ୟକ୍ତି ତଥା ସମାଜରେ ଏହାର କୁପ୍ରଭାବ ଉପରେ ବକ୍ତବ୍ୟ ପ୍ରଦାନ କରି ନିଶା ଏକ ସାମାଜିକ ବ୍ୟାଧି ବୋଲି କହିଥିଲେ । ଏହାକୁ ସମାଜର ପ୍ରତ୍ୟକ ସ୍ତରରେ ପ୍ରତିରୋଧ କରିବାକୁ ପ୍ରୟତ୍ନ ହେବା ସହ ବିଶେଷ ଭାବେ ଯୁବ ଗୋଷ୍ଠୀ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ସ୍ୱାଗତ ଅଭିଭାଷଣ ସହ ଦିବସ ପାଳନର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ । ସଭାରେ ସମ୍ମାନିତ ଅତିଥିଭାବେ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରବୀଣ ସାମଲ , ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର ପ୍ରମୁଖ ଯୋଗଦାନ କରି ନିଶା ଦ୍ରବ୍ୟ ଅପବ୍ୟବହାର ଓ ବେଆଇନ୍ ଚାଲାଣର କାରଣ, ନିରାକରଣ ତଥା ସମଗ୍ର ଜନ ଜୀବନରେ ଏହାର କୁପ୍ରଭାବ ଉପରେ ନିଜ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ । ସଭାରେ ସାଧନ କର୍ମୀ ଭାବେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସୋନପୁରର ଭଉଣୀ ଅର୍ପିତା ଏବଂ ସାମାଜିକ କର୍ମୀ ରାଜୀବ ଲୋଚନ ନାୟକ ନିଶା ନିବାରଣ ଉପରେ ସଚେତନତା ବକ୍ତବ୍ୟ ପ୍ରଦାନ କରି ନିଶା ଅପବ୍ୟବହାର ଓ ଅନୈତିକ ଚାଲାଣର ଭୟାବହ ପରିଣାମ ଉପରେ ମତବ୍ୟକ୍ତ କରିଥିଲେ ।






# ମଦ ବନ୍ଦ ଦାବିରେ ମିଶନ ଶକ୍ତି ମହିଳାମାନେ ତାତିଲେ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ରାଇଘର ବ୍ଲକର ବିଭିନ୍ନ ଜାଗାରେ ବିନା ଲାଇସେନ୍ସରେ ଚାଲିଛି ଅବାଧରେ ମଦବିକ୍ରି । ମଦ ବିକ୍ରି ଯୋଗୁଁ ଚାଲିଛି ଘରେ ଘରେ ଅଶାନ୍ତି ମାର୍‌ପିଟ୍ । ମହିଳା ମାନଙ୍କ ପ୍ରତି ବଢିଚାଲିଛି ଅତ୍ୟାଚାର । ଏହାକୁ ନେଇ ତାତିଲେ ରାଇଘର ବ୍ଲକର ସମସ୍ତ ମିଶନ ଶକ୍ତି ମହିଳାମାନେ । ସମସ୍ତ ମହିଳାମାନେ ଏକତ୍ରୀତ ହୋଇ ରାଇଘର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମିସାଗର ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ସେହିଭଳି ରାଇଘର ଥାନାରେ ଯାଇ ଥାନା ଅଧିକାରୀଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଶେଷରେ ସମସ୍ତ ମିଶନ ଶକ୍ତି ମହିଳାମାନେ ରାଇଘର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ମିଶି ମିଶନ ଶକ୍ତି ମହିଳାଙ୍କୁ ଅଣଦେଖା କରାଯିବା ସହ ବ୍ଲକ କାର୍ଯ୍ୟାଳୟରେ ହେଇଥିବା କାର୍ଯ୍ୟକ୍ରମରେ ମିଶନ ଶକ୍ତି ମହିଳାମାନଙ୍କୁ ଅଣଦେଖା କରିବା ସହ ବିଭିନ୍ନ ସମସ୍ୟା ବିଷୟରେ ଜଣେଇଥିଲେ । ପରେ ବ୍ଲକ ଅଧ୍ୟକ୍ଷ ଗୁପ୍ତପ୍ରସାଦ ଝାଙ୍କରଙ୍କୁ ମିଶି ରାଇଘର ସଦର ମହକୁମାର ବିଭିନ୍ନ ସାହିରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟକୁ ଗ୍ରୁପ୍ ମହିଳା ମାନଙ୍କୁ ନଦେଇ ବାହାର ଠିକାଦାର ମାନଙ୍କୁ କାମ ଦେବାକୁ ନେଇ ମହିଳାମାନେ ଅଭିଯୋଗ କରିଥିଲେ ଏବଂ ରାଇଘର ବ୍ଲକ କଲେଜ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍‌ର ବ୍ୟବସ୍ଥା, ଦୁଇପାର୍ଶ୍ୱ ଡ୍ରେନ୍ ବ୍ୟବସ୍ଥା, ପାଣି ବ୍ୟବସ୍ଥା ସହ କାଳୀସୁନ୍ଦରୀ ସାହିରେ ଡ୍ରେନ୍ ସଫା ହେଉନଥିବା ସହ ପାଣି ବ୍ୟବସ୍ଥା, ପତ୍ରକୋଟି ସାହିରେର ପାଣି ବ୍ୟବସ୍ଥା, ରାସ୍ତା ସମସ୍ୟା ଆଦି ବିଭିନ୍ନ ସମସ୍ୟା ପ୍ରତି ଦୃଷ୍ଟି ଦେବା ସହ ସମସ୍ୟାର ସମାଧାନ କରିବାକୁ ଅଧ୍ୟକ୍ଷଙ୍କୁ ଦାବି କରିଥିଲେ । ମହିଳା ଗ୍ରୁପ୍‌ର ସଦସ୍ୟ ମାନେ ଏହି ଦାବିପତ୍ର ସମୟରେ ମୋଟ ୧୨ଟି ଗ୍ରୁପ୍‌ର ସଦସ୍ୟାମାନେ ଯୋଗ ଦେଇଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର

| | | |
|---|---|---|
| ୧୨ରା / ଲଗ୍ନ ଶୁର | ୧୧ମ | ଚ ୦ ୧୦ / ଶ ୯ |
| ୨ବୁ | ୨୬ / ୧୨ | ୮ |
| ୩ / ୪କେ | ୫ | ୭ / ୬ |



**ମେଷ:** ମାନସିକ ଅଶାନ୍ତି ଦେଖାଦେଇପାରେ । ବିରୋଧିଙ୍କ ଠାରୁ ଦୂରେଇ ରୁହନ୍ତୁ । କର୍ମକ୍ଷେତ୍ରରେ ଗତିରୋଧର ସମ୍ମୁଖୀନ ହେବେ । ପାରିବାରିକ ବିଶୃଙ୍ଖଳା ଦେଖାଦେବ । ଖର୍ଚ୍ଚର ପରିମାଣ ବଢ଼ିବ ।



**ବୃଷ:** ଆଜି ଆପଣଙ୍କର ଆୟ ଯୋଗ ରହୁଛି । ପାରିବାରିକ ଜୀବନ ସୁଖମୟ ହେବ । ବହୁ ଦିନର ଆଶା ଓ ଅଭିଳାଷ ପୂର୍ଣ୍ଣ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ମହିଳାମାନେ ସୁଖୀ ହେବେ ।



**ମିଥୁନ:** କର୍ମକ୍ଷେତ୍ରରେ ତତ୍ପରତା ପ୍ରକାଶ ପାଇବ । ଦେହ ଓ ମନ ଭଲ ରହିବ । ହଠାତ୍ କୌଣସି ଏକ ଖବର ମନକୁ ଆନନ୍ଦ ଦେଇପାରେ । ରୋଜଗାର ସ୍ଥିର ରହିବ । ପରିବାରରେ ସୁଖ ମିଳିବାର ସୂଚନା ।



**କର୍କଟ:** ସେବା ପୂଜାରେ ସୁଯୋଗ ସୃଷ୍ଟି ହେବ । ଦେବ ଦର୍ଶନର ଯୋଗ ମଧ୍ୟ ରହିଛି । ପାରିବାରିକ ଜୀବନ ଶାନ୍ତିମୟ ହେବ । ଦୂରକୁ ଯାତ୍ରା କରିପାରନ୍ତି । ମୂଲ୍ୟବାନ ଦ୍ରବ୍ୟ ଲାଭ ହେବ । ରୋଜଗାର ଭଲ ହେବ ।



**ସିଂହ:** ପାରିବାରିକ ସୁଖ ଶାନ୍ତି ଲାଭ ହେବ । ଯାନବାହାନ ସାବଧାନରେ ଚଲାନ୍ତୁ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପ୍ରାପ୍ତ ହେବ । ରୋଜଗାରରେ ଉନ୍ନତି ଘଟିବ । ମହିଳାମାନେ କର୍ତ୍ତବ୍ୟନିଷ୍ଠ ହେବେ ।



**କନ୍ୟା:** ବନ୍ଧୁ ମିଳନ ଘଟିବ । ଆର୍ଥିକ ସ୍ଥିତି ମଜବୁତ୍ ହେବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଚାକିରୀ କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଶୁଭ କାର୍ଯ୍ୟ ପାଇଁ ଯାତ୍ରା କରିପାରନ୍ତି । ଦେହ ଭଲ ରହିବ ।



**ତୁଳା:** ମନରେ ଅହଂକାର ଜାତ ହେବ । କଚେରୀ ମାମଲାରେ ଶୁଣାଣି ଆପଣଙ୍କ ସପକ୍ଷରେ ଯିବ । ସାମାଜିକ ସ୍ତରରେ ପତିଆରା ବଢ଼ିବ । ଆୟ ଆଗ ଭଳି ରହିବ । ଘରେ ଆନନ୍ଦ ଦେଖାଦେବ ।



**ବିଛା:** କର୍ମକ୍ଷେତ୍ରରେ ଉତ୍ସାହିତ ହୋଇ କାର୍ଯ୍ୟ କରିବେ । ପାରିବାରିକ ଜୀବନ ସୁଖମୟ ହେବ । ଶୁଭ ଖବର ପାଇ ଆନନ୍ଦିତ ହେବେ । ବିବାଦର ସମାଧାନ ହେବ । ଆୟ ଓ ବ୍ୟୟ ସମାନ ରହିବ ।



**ଧନୁ:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ । ଖଳ ପ୍ରକୃତିର ଲୋକଙ୍କ ଠାରୁ ଦୂରେଇ ରହିବା ଭଲ । ମାନସିକ ଅଶାନ୍ତି ଦେଖାଦେବ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଘରେ କଳହ ଦେଖାଦେବ ।



**ମକର:** ଅଧିକ ପରିଶ୍ରମ କରି କ୍ଳାନ୍ତି ଅନୁଭବ କରିବେ । ବନ୍ଧୁ ସହଯୋଗ ଲାଭ ହେବ । ଦୂରଯାତ୍ରା ସଫଳ ହେବ । ରୋଜଗାର ଭଲ ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଗୃହେ ଆନନ୍ଦ ଦେଖାଦେବ ।



**କୁମ୍ଭ:** ଆଜି ଆପଣଙ୍କର ସମସ୍ତ ଆଶା ସଫଳ ହେବ । ଶୁଭ କାର୍ଯ୍ୟ ପାଇଁ ଦିନଟି ଉତ୍ତମ ଅଟେ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଆୟର ପରିମାଣ ସ୍ଥିର ରହିବ ।



**ମୀନ:** ଆଜି ଆପଣଙ୍କ ପାଇଁ ଦିନଟି ଆନନ୍ଦଦାୟକ ହେବ । ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ । ପାରିବାରିକ ଜୀବନ ସୁଖମୟ ହେବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତି । ଉତ୍ତମ ଭୋଜନ ମିଳିବ ।

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

ତା୨୯।୬।୨୦୨୪, ଆଷାଢ଼ ଦି୧୫ନ, ଶନିବାର

**ସୂର୍ଯ୍ୟୋଦୟ-** ଘ୦୫।୧୦।୫୬ **ଚନ୍ଦ୍ରୋଦୟ-** ରାଘ ୧୨।୧୪।୦୬

**ଅଷ୍ଟମୀ-** ଦିଘ ୮।୪୯ ପର୍ଯ୍ୟନ୍ତ । **ଉତ୍ତରାଭାଦ୍ର ନକ୍ଷତ୍ର-** ଦିଘ ୮।୫୦ ପର୍ଯ୍ୟନ୍ତ । **ମୀନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ଏବଂ ନବମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଦିଘ ୮।୪୯ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୧ ଗତେ ଘ ୧୨।୧୬ ମଧ୍ୟେ । ଦିଘ ୩।୦୭ ଗତେ ଘ ୩।୪୭ ମଧ୍ୟେ । **ପର୍ବୋତ୍ସବ-** ଜାତୀୟ ପରିସଂଖ୍ୟାନ ଦିବସ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

ତା୩୦।୬।୨୦୨୪, ଆଷାଢ଼ ଦି୧୬ନ, ରବିବାର

**ସୂର୍ଯ୍ୟୋଦୟ-** ଘ୦୫।୧୧।୧୪ **ଚନ୍ଦ୍ରୋଦୟ-** ରାଘ ୧୨।୫୩।୧୨

**ନବମୀ-** ଦିଘ ୧୨।୨୦ ପର୍ଯ୍ୟନ୍ତ । **ରେବତୀ ନକ୍ଷତ୍ର ଓ ମୀନ ଚନ୍ଦ୍ର-** ପ୍ରାଘ ୭।୩୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । ପ୍ରାଘ ୭।୩୪ ଗତେ ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ଧନୁ ରାଶିର । ପ୍ରାଘ ୭।୩୪ ଗତେ ମେଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ନବମୀର ପାର୍ବଣ ଶ୍ରାଦ୍ଧ ଓ ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ଦିଘ ୧୨।୨୦ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୦୧ ଗତେ ଘ ୯।୩୮ ମଧ୍ୟେ । ଦିଘ ୧।୩୯ ଗତେ ଘ ୨।୫୪ ମଧ୍ୟେ ।

30 YEARS
ସମ୍ବାଦ କଳିକା

# ୪ ବର୍ଷରେ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି

ମାତ୍ର ୪ ବର୍ଷ ମଧ୍ୟରେ ଦେଶରେ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ଘଟିଛି। ଦେଶର ରାଜ୍ୟଗୁଡିକ ମଧ୍ୟରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ବେକାରି ସ୍ଥିତି ଅତି ଦୟନୀୟ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନର ଏହି ରିପୋର୍ଟ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ଦେଇଥିବା ମନ୍ତବ୍ୟକୁ ସଠିକ୍ ପ୍ରମାଣିତ କରୁଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଏବଂ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ ଡେଭଲପମେଣ୍ଟ (ଆଇଏଚ୍ଡି)ର ଯୁଗ୍ମ ପ୍ରୟାସରେ ପ୍ରସ୍ତୁତ 'ଭାରତ ନିଯୁକ୍ତି ରିପୋର୍ଟ ୨୦୨୪' ଶୀର୍ଷକ ଏହି ରିପୋର୍ଟରେ ଦେଶର ବେକାରି ସ୍ଥିତିକୁ ନେଇ ବିସ୍ତୃତ ଭାବେ ତଥ୍ୟ ଦିଆଯାଇଛି। ଏହି ରିପୋର୍ଟକୁ ଆଜି ମୁଖ୍ୟ ଅର୍ଥନୀତିଜ୍ଞ ଉପଦେଷ୍ଟା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ୍ ଉନ୍ମୋଚନ କରିଛନ୍ତି। ଯଦି ଭାରତରେ ୧୦୦ ଜଣେ ବେରୋଜଗାରି ଅଛନ୍ତି, ତେବେ ଏଥିରୁ ୮୩ ଜଣ କେବଳ ଯୁବ ବର୍ଗର ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହାଛଡା ସେଥିରେ ଅଧିକାଂଶ ଯୁବ ଶିକ୍ଷିତ ବେକାରି। ଆଇଏଲ୍ଓର ରିପୋର୍ଟ ଅନୁସାରେ ୨୦୦୦ ମସିହା ତୁଳନାରେ ଦେଶରେ ବର୍ତ୍ତମାନ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ହୋଇଛି। ୨୦୦୦ ମସିହାରେ ଶିକ୍ଷିତ ବେରୋଜଗାରୀଙ୍କ ସଂଖ୍ୟା ୩୫.୨ ପ୍ରତିଶତ ରହିଥିଲା। ହେଲେ ୨୦୨୨ରେ ଏହି ସଂଖ୍ୟା ବୃଦ୍ଧି ପାଇ ୬୫.୭ ପ୍ରତିଶତରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ, ଏହି ଗବେଷଣାରେ ସେହି ଶିକ୍ଷିତ ଯୁବବର୍ଗଙ୍କୁ ସାମିଲ୍ କରାଯାଇଛି ଯେଉଁମାନେ ଅତି କମ୍ରେ ମାଟ୍ରିକ୍ ପାସ୍ କରିଛନ୍ତି। ଆଇଏଲ୍ଓର ଏହି ରିପୋର୍ଟ ଆସିବାର ଦିନକ ପୂର୍ବରୁ ଶ୍ରୀ ରାଜନ କହିଥିଲେ ଯେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ନେଇ ଯେଉଁ ପ୍ରଚାର ଚାଲିଛି ତା'କୁ ବିଶ୍ୱାସ କରିବା ଉଚିତ୍ ନୁହେଁ। ଏପରି କରିବା ଭୁଲ୍ ହେବ। ଆମକୁ ପ୍ରଥମେ ଆମର ଅର୍ଥନୀତିରେ ରହିଥିବା ମୂଳ ଢାଞ୍ଚାଗତ ସମସ୍ୟା ଦୂର କରିବା ଆବଶ୍ୟକ। ଆମର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଜରୁରୀ ବୋଲି ସେ କହିଥିଲେ। ରାଜନ୍ଙ୍କ କଥାକୁ ପରୋକ୍ଷରେ ଠିକ୍ ଦର୍ଶାଇ ଆଇଏଲ୍ଓ ତା'ର ରିପୋର୍ଟରେ କହିଛି ଯେ ଦଶମ ଶ୍ରେଣୀ ପରେ ଦେଶରେ ପିଲାମାନଙ୍କର ଅଧାରୁ ପାଠ ଛାଡିବା ହାର ଏବେ ବି ବଡ଼ ସମସ୍ୟା। ଉଚ୍ଚଶିକ୍ଷା କ୍ଷେତ୍ରରେ ଦେଶରେ ଅନେକ ନାମଲେଖା ହେଉଛି, କିନ୍ତୁ ଏହି କ୍ଷେତ୍ରରେ ଶିକ୍ଷାର ସ୍ତର ଚିନ୍ତାଜନକ ରହିଛି। ଆଇଏଲ୍ଓ ରିପୋର୍ଟରେ ଭାରତୀୟଙ୍କ ଆୟକୁ ନେଇ ମଧ୍ୟ ତଥ୍ୟ ଉପସ୍ଥାପନ କରାଯାଇଛି। ବଢୁଛି ଦେଶ। ଅଭିବୃଦ୍ଧି ପଥରେ ଅର୍ଥନୀତି। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇଥିବ। ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କଥାକୁ ଦୋହରାଉଛନ୍ତି। ହେଲେ ଦେଶର ବାସ୍ତବ ଚିତ୍ର ଓଲଟା। କାଳ କାଳ ଧରି ଗରିବି ଲୋକଙ୍କ ପିଛା ଛାଡୁ ନ ଥିବାବେଳେ ଏ ଯାଏ ବେକାରି ବେଡିରୁ ମୁକୁଳିପାରୁନି ଦେଶ। ଭାରତର ବେକାରି ସ୍ଥିତିକୁ ନେଇ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି। ଦେଶରେ ପାଖାପାଖି ୨୭ ପ୍ରତିଶତ ଯୁବବର୍ଗ ରହିଛନ୍ତି, କିନ୍ତୁ ଏହାର ଏକ ବଡ଼ ଅଂଶ ବେରୋଜଗାର। ଦେଶର ୮୩% ଯୁବବର୍ଗ ବେକାର। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି। କେବଳ ଏତିକି ନୁହେଁ କରୋନା ମହାମାରୀ ପରଠାରୁ ଦେଶରେ ଖୁବ୍ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି ବେକାରିଙ୍କ ସଂଖ୍ୟା। ୨୦୧୯ ପରେ ନିୟମିତ ଦରମାପ୍ରାପ୍ତ କର୍ମଚାରୀ ଓ ସ୍ୱୟଂ ରୋଜଗାରକ୍ଷମ କର୍ମଚାରୀଙ୍କ ଆୟ ହ୍ରାସ ପାଇଛି। ଅନ୍ୟପଟେ ଅଣକୁଶଳୀ ଶ୍ରମ ସମ୍ବଳରେ ଠିକା କର୍ମଚାରୀମାନଙ୍କୁ ୨୦୨୨ ପରେ ଠିକ୍ ଭାବରେ ସର୍ବନିମ୍ନ ମଜୁରି ମିଳିନାହିଁ। ଭାରତ ପାଇଁ ବର୍ତ୍ତମାନ ବଡ଼ କଠିନ ସମୟ ରହିଛି। ଏଭଳି ସ୍ଥିତିରେ ଭାରତ ଏହାର ବୃହତ୍ ଯୁବ ଶ୍ରମ ସମ୍ବଳର ଲାଭ ପାଇପାରୁ ନ ଥିବା ଏହି ରିପୋର୍ଟରେ କୁହାଯାଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ ନାମ ମହାତ୍ମ୍ୟ**



ଶ୍ରୀ ଅଭିରାମ ସରସ୍ୱତୀ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସବସ୍ତ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସବସ୍ୱଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଲାକମସ୍ତ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କମସ୍ତକୁ ନିନ୍ଦିବ (୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବକରେ କମସ୍ତକର
ନିଷ୍ଠେହେବ ପାରି (୧୭୭)

କରାଇବା କରୁଥିବା
ଯେତେ କମସ୍ତମାନ
ହୃଦୟରେ ବିବେକକୁ
କରିବ ସ୍ମରଣ
(୧୭୮)

(କ୍ରମଶଃ)

# କାବ୍ୟ କୌଣ୍ଡିନ୍ୟ-୫୦

## କମ୍ବୁଜ (କମ୍ବୋଡିଆ)ରେ କଳିଙ୍ଗ ରାଜତ୍ୱର ଇତିହାସ ଓ କଳ୍ପନା ମିଶ୍ରିତ ଗୀତିକାବ୍ୟ

## ଅଭିଷେକ ସ୍ଥଳିର ଦୃଶ୍ୟ

**ଏଣୁ ତେଣୁ**



**ଦୁର୍ଗାଚରଣ ସାହୁ**
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩



ଏ ବିଷୟରେ ଲେଖାଯାଇଥିବା ଚଳିତ ଗୀତଟିର ପ୍ରତ୍ୟେକ ପଦର ସମସ୍ତ ୬ ଟି ଅଂଶର ଆରମ୍ଭ 'ବ' ଅକ୍ଷରରେ କରାଯାଇଛି।

ବହୁ ଆଡମ୍ବର ବିକଶିତ କରେ
ବଡିମା ସଂପୃକ୍ତ ବ୍ୟକ୍ତିର
ବ୍ୟକ୍ତି ସଭା ଜିତେ ବସ୍ତ୍ରବଡା ହେଲେ
ବାଣୀ ଏ ସଂସ୍କୃତ ଭାଷାର ।।୧।।

ବଡିମା ପ୍ରକାଶି ବଡ଼ ସାଜସଜ୍ଜା
ବିଶେଷେ କରିବା ନିମିତ୍ତ
ବଣିକ କଳିଂଗ ବଡ କାର୍ଯ୍ୟର ଏ
ବିନା ଦ୍ୱିଧା ନେଲେ ଦାୟିତ୍ୱ ।।୨।।

ବଣିକମାନେ ଯେ ବ୍ୟବସ୍ଥିତ ରୂପେ
ବହୁତ ଶ୍ରମର ସହିତ
ବିଳମ୍ବ ନ କରି ବିମୁଖ ନ ହୋଇ
ବହୁ କଷ୍ଟେ କଲେ ସମାପ୍ତ ।।୩।।

ବିଶିଷ୍ଟ ସ୍ଥାନୀୟ ବ୍ୟକ୍ତିମାନେ ମିଳି
ବ୍ୟବସ୍ଥା କଲେ ଶ୍ରମଦାନ
ବ୍ୟୟ ସମସ୍ତ ଯେ ବହନ କରିଲେ
ବଣିକେ ହୋଇ ପ୍ରସନ୍ନ ।।୪।।

ବ୍ୟବସ୍ଥିତ ରୂପେ ବିପଣିମାଳା ଯେ
ବିରାଜମାନ ସବୁଠାରେ
ବର୍ଗ ଧନୀକଙ୍କ ବଡ଼ ଆକର୍ଷଣେ
ବ୍ୟାପାର ତେଣୁ ବୃଦ୍ଧି କରେ ।।୫।।

ବିରାଟ ପ୍ରାଙ୍ଗଣେ ବିରାଟ ମଣ୍ଡପ
ବିରାଜମାନ ବିଭାସିତ
ବିବିଧ ରଂଗର ବିବିଧ ସଜ୍ଜାରେ
ବିମୁଗ୍ଧ ଜନତା ସମସ୍ତ ।।୬।।

ବସ୍ତୁ ବହୁମୂଲ୍ୟ ବହୁଳ ମାତ୍ରାରେ
ବିଦେଶୁ ଯାହା ଆସିଥିଲା
ବଣିକଙ୍କ ତାହା ବିକ୍ରୟ ପୂର୍ବରୁ
ବ୍ୟବସ୍ଥିତେ ମଞ୍ଚ ମଣ୍ଡିଲା ।।୭।।

ବହୁ ଦେବ ମୂର୍ତ୍ତି ବିଶେଷ ସ୍ଥାନରେ
ବିରାଜମାନ ମଞ୍ଚପର
ବିଲୋକନ କଲେ ବଡ ସବୁଠାରୁ
ବଡ ଠାକୁର ଶ୍ରୀକ୍ଷେତ୍ରର ।।୮।।

ବୀର କୌଣ୍ଡିନ୍ୟଙ୍କ ବଡ ଆରାଧ୍ୟ ସେ
ବିଶ୍ୱପତି ଯେ ଜଗନ୍ନାଥ
ବ୍ୟକ୍ତ କରି ଭକ୍ତି ବୀର ତେଣୁ କଲେ
ବିଶେଷେ ସେ ମୂର୍ତ୍ତି ସ୍ଥାପିତ ।।୯।।



ବଂଶର ପ୍ରତୀକ ବୀରଶ୍ରୀଙ୍କ ସୂର୍ଯ୍ୟ
ବୀରାଙ୍କର ଯେ ନାଗ ସର୍ପ
ବେଦୀ ପୃଷ୍ଠଭାଗେ ବିକଶିତ ରୂପେ
ବିଦିତ ଲଭି ଚିତ୍ରରୂପ ।।୧୦।।

ବ୍ରାହ୍ମଣ ପୁରୋଧା ବେଶେ ମହାବୀର
ବୁଲିଣ ଅଭିଷେକ ସ୍ଥଳୀ
ବିଧାନ କରିଲେ ବିଧିବଦ୍ଧେ ସର୍ବ
ବିଘୋଷିଲେ ଦମ୍ପତି ମିଳି ।।୧୧।।

ବଜାଇଣ ଶଂଖ ବ୍ୟଗ୍ରେ କାର୍ଯ୍ୟାରମ୍ଭ
ବୀରବୀରା କଲେ ମିଳିଣ
ବଡ ଠାକୁରଙ୍କ ବନ୍ଦନା ଗାୟିଲେ
'ବ'ରେ ଲେଖେ ଦୁର୍ଗାଚରଣ ।।୧୨।।

**ଶବ୍ଦାର୍ଥ :**

**ପଦ (୧) :** ବଡିମା -ବଡପଣିଆ। ବ୍ୟକ୍ତି ସଭାଜିତେ ବସ୍ତ୍ରବଡା ହେଲେ- ଏକ ସଂସ୍କୃତ ଶ୍ଳୋକ ଅନୁଯାୟୀ ଭଲ ପୋଷାକ ପିନ୍ଧିଥିବା ଲୋକ ସଭାରେ ବସି କଥା କହିଲେ ତା' କଥାକୁ ଗୁରୁତ୍ୱ ମିଳେ।

**ପଦ (୫):** ବିପଣି-ଦୋକାନ। ବର୍ଗ-ସମାଜର ଶ୍ରେଣୀ ଯଥା-ବ୍ରାହ୍ମଣ, ବଣିକ ଇତ୍ୟାଦି।

**ପଦ (୧୦) ଓ (୧୧) :** ପ୍ରତୀକ-ଚିହ୍ନ। ପୁରୋଧା-ପୁରୋହିତ।

# ମୋତେ ମାର ନାହିଁ-କାମରେ ଆସିବି



**ଧ୍ରୁବଚରଣ ଘିବେଲା**
ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

ଏ ଲେଖାର ଶୀର୍ଷକକୁ ପ୍ରଥମେ ଏକ ନମ୍ର ନିବେଦନ ବିଚାର ବିବେଚନା କରାଯାଉ । ତେବେ ଏ ନମ୍ର ନିବେଦନ କାହାର,କିଏ କରିପାରେ ଏମନ୍ତ ନିବେଦନ ପୁଣି କାହା ପାଇଁ କାହା ଉଦ୍ଦେଶ୍ୟରେ । ହୋଇପାରେ ଏ ଆକୁଳ ନିବେଦନ ଏକ ଶିଶୁକନ୍ୟାଭ୍ରୁଣର । ଏ ନିବେଦନ ବି ହୋଇପାରେ ସୁସ୍ଥ ସବୁଜ ସବୁଜିମାଭରା ଏକ ବୃକ୍ଷର । ଆଗ ଶିଶୁକନ୍ୟାଭ୍ରୁଣ କଥା ବିଚାର କରିବା ଓ କନ୍ୟାକୁ ରତ୍ନ ସହ ତୁଳନା କରାଯାଇ କନ୍ୟାରତ୍ନ ଆଖ୍ୟାୟିତ/ଅଭିହିତ କରାଯାଇଥାଏ । ଶିଶୁକନ୍ୟା ଭ୍ରୁଣହତ୍ୟା କଥା ଏଠି ନୂଆ ନୁହେଁ । କିଛି ବର୍ଷ ତଳେ ଆମ ରାଜ୍ୟର ଏକ ସହରରେ କେମିତି ଲୁଚାଛପାରେ କେତେ ଯେ ଶିଶୁ କନ୍ୟା ଭ୍ରୁଣ ହତ୍ୟା କରାଯାଇଥିଲା, ସେଇ ସତ୍ୟ ତଥ୍ୟ ଉନ୍ମୋଚିତ ହୋଇ ଲୋକଲୋଚନକୁ ଆସିଲା ପରେ ରାଜ୍ୟରେ ଖୁବ ହଇଚଇ ଖେଳିଯାଇଥିଲା । ତେବେ ଶିଶୁ କନ୍ୟା ଭ୍ରୁଣହତ୍ୟା କାହିଁକି ? ଗର୍ଭସ୍ଥ ଶିଶୁ କନ୍ୟା କଣ କାହାର ଶତ୍ରୁ ଥାଆନ୍ତି ନା କାହାର ଶତ୍ରୁ ସାଜିବେ ନା କାହା ପାଇଁ କଣ୍ଟା ହେବେ ! ନା ଶିଶୁକନ୍ୟା ଅବାଂଛିତ ! ଏ ଉତ୍ତର ଦେବେ କିଏ ? ଶିଶୁ କନ୍ୟା ଭ୍ରୁଣକୁ ନଷ୍ଟ କରିବାକୁ କଣ ଚାହିଁଥାଏ ଆଗ ମାଆ ? ମାଆର ସମ୍ମତି ନ ରହିଲେ ଶିଶୁ କନ୍ୟାର ଭ୍ରୁଣହତ୍ୟା କେବେ ସମ୍ଭବ ନୁହେଁ । ମାଆ ଚାହିଁଲେ ଯାଇ ଗର୍ଭପାତ ହେଇପାରିବ । ନ ହେଲେ ନାହିଁ ।

ତେଣୁ ଏଥିପାଇଁ ମାଆକୁ ହିଁ ଆଗ ଦାୟୀ କରାଯିବା ଚାହି ଓ କରାଯାଇପାରିବ ।

ତେବେ ଶିଶୁକନ୍ୟାଭ୍ରୁଣ ହତ୍ୟା ପାଇଁ ଆମ ରାଜ୍ୟରେ ପୁରୁଷ ମହିଳା ଲିଙ୍ଗଗତ ବୈଷମ୍ୟ ବୃଦ୍ଧିପାଉଛି । ରାଜ୍ୟର ଅଧିକ ଶିକ୍ଷିତ ସାକ୍ଷର ଜିଲ୍ଲାମାନଙ୍କରେ ପୁରୁଷ ଓ ମହିଳା ଅନୁପାତ ଅତ୍ୟନ୍ତ ନିରୁତ୍ସାହଜନକ । ନାରୀ କାହିଁକି ଚାହେଁନି ଯେ ତାର ଶିଶୁ କନ୍ୟାଟେ ହେଉ ? ପୁଅ କାମନା କାହିଁକି ରଖନ୍ତି ? ଝିଅ କଣ ପୁଅ ସମକକ୍ଷ ନ ଥାନ୍ତି ? ଏବେ ଦେଖାଯାଉଛି ପୁଅଙ୍କୁ ବଳେଇ ଯାଉଛନ୍ତି ଝିଅମାନେ ସବୁଠି ସବୁକ୍ଷେତ୍ରରେ ଓ ଭୀମଭୋଇ କେବେଠୁ କହିଛନ୍ତି ନାରୀ ସଶକ୍ତିକରଣ କଥା ଓ ସେ କହିଛନ୍ତି - 'ନିନ୍ଦା ଗର୍ବ ମାନ ନ କରିବ ଟାଣ କରୁଥିବ ସମଭାବ, ପୁରୁଷଙ୍କୁ ସ୍ତିରୀ ଜ୍ଞାନ ଶିଖାଇଲେ ସତ୍ୟ ଯୁଗ ଲେଉଟିବ' । ଆଜିର ଦିନରେ ନାରୀ ଅବଳା ନୁହେଁ ଓ ଦୁର୍ବଳା ବି ନୁହେଁ। ସେ ହୋଇପାରେ ଦୁର୍ଗା । ସେ ସାଜିପାରେ ରଣଚଣ୍ଡୀ ଓ ଆଜି ପୁରୁଷର ଗତି ଯେଉଁଠି, ସେଇଠି ତା' ସ୍ଥାନ ଜମାଇଲାଣି ନାରୀ । କୌଣସି କ୍ଷେତ୍ର ପୁରୁଷ ପାଇଁ ଏକଚାଟିଆ ହୋଇରହିନାହିଁ । ତେବେ ନାରୀ ଶବ୍ଦର ଅର୍ଥକୁ ଭୁଲ ପ୍ରମାଣିତ କରିବାକୁ ଚାହେଁ ନାରୀ ଶିଶୁକନ୍ୟା ଭ୍ରୁଣହତ୍ୟା କରି । ନ ଅରୀ ନାରୀ ବା ନାରୀର ଶତ୍ରୁ ନାହିଁ, ଏ କଥା ପ୍ରମାଣିତ କରିବ ନାରୀ ଗର୍ଭସ୍ଥ ଶିଶୁ କନ୍ୟା ଭ୍ରୁଣକୁ ମାରିବା ବଦଳରେ ତାକୁ ଦୁନିଆର ଆଲୋକ ଦେଖାଇ ଜନ୍ମ ଦେବାରେ। ମାଆ କଣ କେବେ ନିଜ ଛୁଆକୁ ମାରିପାରେ କନ୍ୟାଟିଏ ବୋଲି ? କୌଣସି ସ୍ଥିତିରେ ନାରୀ, ନାରୀର ଅରୀ ହେବା ଉଚିତ ନୁହେଁ ।

ଗର୍ଭସ୍ଥ ଶିଶୁକନ୍ୟାଭ୍ରୁଣ ତାକୁ ନଷ୍ଟ କରିବା ପାଇଁ କରାଯାଉଥିବା ଷଡ଼ଯନ୍ତ୍ରର ଆଭାସ ପାଇଲେ, ସେ ତା' ମାଆକୁ ଆକୁଳ ନିବେଦନ କରିପାରେ -'ମୋତେ ମାର ନାହିଁ, ମୁଁ ତୁମର ଅନେକ କାମରେ ଆସିବି । ଖାଲି ମୋତେ ଜନ୍ମ ଦେଇ ଦୁନିଆର ଆଲୋକ ଦେଖାଇ ଦିଅ। ମୋର ଟିକେ ଲାଳନପାଳନ କରି ମୋତେ ବଡ଼ କରି ଦିଅ । ଦେଖିବ ମାଆ, ମୁଁ ତୁମ ପାଇଁ ବୋଝ ହେବି ନାହିଁ। ବରଂ, ତୁମକୁ ତୁମର ସବୁ କାମରେ ସାହାଯ୍ୟ କରିବି । ମାଆ, ମୁଁ ଝିଅଟିଏ ବୋଲି କେବେ ମନ ଦୁଃଖ କରିବ ନାହିଁ। ତୁମେ ତ ମୋ' ଭଳି ତୁମ ମାଆଙ୍କ ଗର୍ଭରୁ ଜନ୍ମ ନେଇ ଦୁନିଆର ଆଲୋକ ଦେଖିଛ । ମୋତେ କିଆଁ ଦୁନିଆର ଆଲୋକ ଦେଖିବାରୁ ବଞ୍ଚିତ କରିବାକୁ ଚାହୁଁଛ । ମୁଁ କଥା ଦେଉଛି, ମୁଁ କେବେ ବି ତୁମ ପାଇଁ ବୋଝ ହେବି ନାହିଁ । ମୁଁ ନିଜ ଗୋଡ଼ରେ ଠିଆ ହେବି । ନିଜେ ପାଠ ପଢ଼ି ଶିକ୍ଷିତା ହେବି । ରୋଜଗାର କରିବି । ଶିଶୁକନ୍ୟାଭ୍ରୁଣର ଏଇ ବିକଳ ନିବେଦନରେ ମାଆର ହୃଦୟ ତରଳିଯିବ ନିଶ୍ଚୟ । ଆଉ କ୍ଷାନ୍ତ ରହିବ ଶିଶୁକନ୍ୟାଭ୍ରୁଣ ହତ୍ୟା ଭଳି କୁତ୍ସିତ କାର୍ଯ୍ୟରୁ । ଏଠି ଆମ ସମାଜରେ ମହିଳାଙ୍କ ସଂଖ୍ୟା କମୁଥିବାରୁ ଶିଶୁକନ୍ୟା ଜନ୍ମ ଦେବାକୁ ନବଦମ୍ପତିଙ୍କୁ ଅଧିକ ପ୍ରୋତ୍ସାହିତ କରାଯିବା ଭଲ ।

ଏଥରକ ଅଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅଂଶୁଘାତରେ ଅନେକ ମୃତ୍ୟୁବରଣ କରିଛନ୍ତି । ପରିବେଶରେ ପ୍ରାଣୀ ଓ ବୃକ୍ଷଙ୍କ ଅନୁପାତରେ ଅସନ୍ତୁଳନ ସ୍ଥିତି ସାଙ୍ଗକୁ କଂକ୍ରିଟ ଜଙ୍ଗଲ ବୃଦ୍ଧି, ଅଧିକ କୋଠାବାଡି ନିର୍ମାଣ, ମାଟି ଉପରେ ପିଚୁ ପକ୍କା ଓ କଂକ୍ରିଟ ରାସ୍ତା ନିର୍ମାଣ, ଅଧିକ ଏ ସି ବ୍ୟବହାର, ଯାନବାହନ ଚଳାଚଳ ଆଦି ବହୁବିଧ କାରଣରୁ ବିଶ୍ୱ ତାପନ ଆଜି ସ୍ଥାନୀୟ ସମସ୍ୟା ହୋଇରହିନାହିଁ ବରଂ ଏକ ବିଶ୍ୱବ୍ୟାପୀ ସଙ୍ଗୀନ ସମସ୍ୟା ଭାବେ ଉଭା ହୋଇଛି। ଏବେ 'ଥିଙ୍କ ଗ୍ଲୋବାଲି, ଆକ୍ଟ ଲୋକାଲି' ( Think Globally, Act Locally ) ଚିନ୍ତାଧାରା ଆଧାରରେ କାମ କରିବାର ଆବଶ୍ୟକତା ରହିଛି ଓ ଜଣେ ତାର ହାତପାଆନ୍ତା ପରିବେଶରେ କାମ କରିବ । ଗଛ ଅଧିକ ଲଗାଇପାରିବ ଓ ତାର ଦେଖାରଖା କରିପାରିବ । ଦୂର ସ୍ଥାନକୁ ଯାଇ କିଛି କରିବା ଅପେକ୍ଷା ନିଜ ପରିସରରେ ଅନେକ ଭଲ କାର୍ଯ୍ୟ କରାଯାଇପାରେ । ବୃକ୍ଷରୋପଣ ବା ଚାରାରୋପଣ ଏକ ସ୍ଲୋଗାନ ନ ହୋଇ ତାର ବାସ୍ତବ ପ୍ରତିଫଳନ ଯେମିତି ହେବ, ସେ ଦିଗରେ ସଭିଏଁ ସଚେତନ ରହି କାମ କରିବା ଚାହି । ଆଜିର ଦିନରେ ବି ଗଛ କଟାଯାଉଛି ବିକାଶ ପ୍ରକ୍ରିୟା ନାଆଁରେ ।

ସେଇ ସ୍ଥିତିରେ ଗଛ ନିବେଦନ କରିପାରେ -'ମୋତେ ମାର ନାହିଁ କାଟ ନାହିଁ, ମୁଁ କେତେ କାମରେ ଆସିବି । ମୁଁ ପରା ଖାଦ୍ୟ ବସ୍ତ୍ର ଦିଏ । ବର୍ଷା କରାଏ । ମୃତ୍ତିକା କ୍ଷୟକୁ ରୋକେ । ଭୂତଳ ଜଳ ସ୍ତର ବଢ଼ାଏ । ବାଟୋଇକୁ ଶୀତଳ ଛାଇ ଦିଏ । ପୃଥିବୀର ତାପମାତ୍ରା କମାଏ । ଅନେକ ଜୀବଜନ୍ତୁଙ୍କୁ ଆଶ୍ରୟ ଦିଏ । କୌଣସି ଲୋକ ଟାଙ୍ଗିଆଟେ ଧରି ମୋ ଆଡ଼କୁ ଆସିଲେ, ମୁଁ ଶିହରି ଉଠେ। କାଳେ କିଏ ମୋ' ଦେହରେ କୁରାଢ଼ୀ ଚୋଟଟେ ବସାଇ ଦେବ କି ! କିଏ କିଏ ମୋ ଛାଲି ଉତୁରାଇ ଦେଇ ମୋତେ ମାରିବା ପାଇଁ ଉଦ୍ୟମ କରନ୍ତି। ମୋର ଶାଖା ପ୍ରଶାଖା କାଟି ଦିଅନ୍ତି । ଥୁଣ୍ଟା ବି କରି ଦିଅନ୍ତି । ହେ ଜୀବଶ୍ରେଷ୍ଠ ମଣିଷ ମୋତେ ଆଉ ନଷ୍ଟ କର ନାହିଁ, ବରଂ ପରିବେଶ ସୁରକ୍ଷା ପାଇଁ ଖାଲି ଜାଗାରେ ଚାରା ଲଗାଅ । ଗଛ ବଞ୍ଚାଅ। ଗଛକୁ ଭଲ ପାଅ । ପରିବେଶକୁ ଭଲ ପାଅ । ଗଛକୁ ଭଲ ପାଇଲେ ସେ ହସିବ । ସେ ବଢ଼ିବ । ଆମ ଜଗନ୍ନାଥ ପରା ଦାରୁ ଦେବତା । ଗଛ ଏଠି ଦେବତାର ମାନ୍ୟତା ପାଇଛି । ବୃକ୍ଷ ପୂଜାର ପରମ୍ପରା ଅତୀବ ପ୍ରାଚୀନ । ଆମେ ଯାହାଠୁ ସାହାଯ୍ୟ ପାଇବା, ତାଙ୍କ ପ୍ରତି କୃତଜ୍ଞ ରହିବା । ଦେଖିବ, ପୁଣି ଫେରିଆସିବ ଏ ଧରାଧାମକୁ ହୃତ ସବୁଜିମା । ସକଳ ସୌନ୍ଦର୍ଯ୍ୟ ସୁଷମା। ଗଛ ବଞ୍ଚିଲେ ଆମେ ବଞ୍ଚିବା, ଏ ବିଚାର ରଖି କାମ କଲେ ପରିବେଶ ରହିବ ହସିଲା ପୂରିଲା ସବୁଜିମା ଭରା। ଆଗକୁ ଆସୁଛି ବର୍ଷାଦିନ, ବ୍ୟାପକ ହେଉ ବୃକ୍ଷରୋପଣ । ଆଉ ନ ଥିବ ଏତେ ଖରା କଷଣ ଓ ନ ଥିବ ଅଂଶୁଘାତର ଭୟଙ୍କର ଆତଙ୍କ । ଗଛର ଏଇ ନିବେଦନକୁ ମଣିଷ ବୁଝିଲେ ହେଲା ।

ଏବେ ଯେମିତି ପାଣି ବିକ୍ରି ହେଉଛି ବଜାରରେ ବୋତଲରେ ଭର୍ତ୍ତି କରାଯାଇ, ଠିକ ସେମିତି କେଜି ଦରରେ ମାଟି ବିକ୍ରି ହେବାର ସ୍ଥିତି ଯେ ଆମ ଏଠି ଉଦଭବ ନ ହେବ, ତାହା ଆଗାମୀ ସମୟ କହିବ । ସବୁଠି ଆଜି କଂକ୍ରିଟ ଆବରଣ । ମାଟିର ନିହାତି ଆବଶ୍ୟକତା ପଡ଼ିଲେ ନିଜର ଯାହା କିଛି କାମ ପାଇଁ, ସେତିକି ବେଳେ ମାଟି କିଣିବାକୁ ଯେ ନ ପଡ଼ିବ, ତାହା କିଏ କହିପାରିବ । ଏ ସମସ୍ୟା ସ୍ଥିତି ଆଗ ଦେଖାଦେଇପାରେ ଅତି ବଡ଼ ବଡ଼ ସହରରେ । ସେ ସମସ୍ୟା ଆମ ସାମ୍ନାରେ ବି ଉପୁଜିପାରେ ।

# ନିସଙ୍ଗତାର ଭିଡ଼ରେ

**ପ୍ରଦୀପ୍ତ କୁମାର ମିଶ୍ର**
ଅରେଇ, ଯାଜପୁର
ମୋ-୯୬୫୮୬୧୪୭୨୮

ସମ୍ପର୍କର ସାହାଣମେଳା ସବୁସ୍ଥାନରେ। ଅନେକ ବ୍ୟକ୍ତିଙ୍କ ସମାବେଶ ହେଲେ ମନରେ କେମିତି ମେଞ୍ଚାଏ ନିସଙ୍ଗତା। ସବୁଆଡେ କୋଳାହଳ ରାତିରେ ଦିନରେ,ଏଠିରାତି ଦିନର ଭ୍ରମ ସୃଷ୍ଟି କରେ କିନ୍ତୁ ମନ ମଧ୍ୟରେ ଏକଲାପଣ। ଏକଲା ପଣ କେମିତି ଏକ ଏହି ଶତାବ୍ଦୀର ବିରାଟ ରୋଗ ହୋଇଯାଇଛି। ଏବେ ବନ୍ଧୁଙ୍କର ସଂଖ୍ୟା କମ ନାହିଁ, ସାମାଜିକ ଗଣ ମାଧ୍ୟମରେ ବହୁତ ବନ୍ଧୁ। କିନ୍ତୁ ଏମାନେ ସମସ୍ତେ ଏମିତି ଲେଖିଲେ ଅଛି ବୋଲି ପୁଛିଲେ ନାହିଁ। ତମେ ଥରୁଟିଏ ସେମାନଙ୍କ ଠାରୁ ଉହାଡ଼ହେଲେ ତମର ମୁହଁ ଭୁଲିଯିବେ। କେତେକ ତମର ସକ୍ରିୟତାରେ କେବଳ ସକ୍ରିୟ ରହିଥାନ୍ତି ମାତ୍ର। ତେଣୁ ସାମାଜିକ ଗଣ ମାଧ୍ୟମର ବନ୍ଧୁ ତମ ସମସ୍ୟାର ସମାଧାନ ନୁହେଁ।

ଏବେରଦୌଡ଼ ପିଲାମାନଙ୍କୁ ମଣିଷ କରିବାର ଅବିରତ ପ୍ରୟାସ ଯେଉଁଥିରେ ନିଜର ପୁଅ ଝିଅଙ୍କର ପାଠପଢ଼ା ଓ କର୍ମ ସଂସ୍ଥାନରେ ସଂଯୋଜିତ ହେବା ପର୍ଯ୍ୟନ୍ତ ମାନସିକ ଦ୍ୱିଧା ରହିଥାଏ। ସେମାନେ ନିଜ କର୍ମକୁ ନେଇ ବ୍ୟସ୍ତ ରହିବା ବେଳେ ଆମେ ନିଜର ଓଜନ ଦେଖି ତାଙ୍କର ବିବାହ କରିଦେଇଥାନ୍ତି। ସେମାନେ ସହରୀ କରଣ ଓ ଏକଲା ବଞ୍ଚିବାର ଶୈଳୀ ସହଜରେ ଆପଣାର କରିବାର ପ୍ରୟାସରେ ସ୍ୱତନ୍ତ୍ର ହେବାକୁ ପ୍ରଚେଷ୍ଟିତ ଥିବାବେଳେ ବୟସ୍କ ହୋଇଥିବା ପିତାମାତା ମାନେ ଅପାଂକ୍ତେୟ ହୋଇପଡନ୍ତି। ଅନେକ କ୍ଷେତ୍ରରେ ଏହି ସବୁଥିରେ ଏକଲାପଣ ଭରିଯାଏ। ଅତୀତର ସ୍ମୃତି ଓ ବର୍ତ୍ତମାନର ବଞ୍ଚିବାର ପ୍ରୟାସରେ କେତେବେଳେ ମେଞ୍ଚାଏ ନିସଙ୍ଗତା ମାଡିବସେ। କେବଳ ନିଜର ସମ୍ପତ୍ତି ପୂର୍ବକ ନିଜ ଝାଳ ଦେଇ ଗଢିଥିବା ଘରକୁ ଜଗିବା ସାର ହୁଏ। ନିଜ ଆଖି ଆଗରେ ସେସବୁ ଜନବିହୁନ ହୋଇଯାଏ। ବୟସ୍କ ମାନଙ୍କ ପାଇଁ କାହାପାଇଁ ସମୟ ନଥାଏ। ମନ କୋଳାହଳ ଚାହୁଁଥିବା ବେଳେ ନିଜ ଲୋକମାନେ କେମିତି କାର୍ଯ୍ୟବୋଝରେ ଦୁରେଇ ଯାଆନ୍ତି। ଅନେକ ସମୟରେ ବୃଦ୍ଧ ପିତାମାତା ମାନେ ଜରାନିବାସକୁ ଆପଣେଇବାକୁ ଶ୍ରେୟ ମଣିଥାଆନ୍ତି।

ଛୋଟ ପରିବାର ସମସ୍ତଙ୍କର ପ୍ରଥମ ପସନ୍ଦ, ଯୌଥ ପରିବାର ଓ ସହରରେ କୋଳାହଳକୁ ନିଜର କରିବାକୁଯାଇ ମଣିଷ ହରେଇଦିଏ ତାର ବନ୍ଧୁବାନ୍ଧବ ମାନଙ୍କୁ। ପୂର୍ବରୁ ଯୌଥପରିବାରର ଆନନ୍ଦ ଯଥେଷ୍ଟ ଥିଲା, ନିଜ ମଧ୍ୟରେ ବହୁତ ସୁସମ୍ପର୍କ ଥିଲା। ଏବେ ସମ୍ପର୍କ ଆଉ ପୂର୍ବପରି ନାହିଁ କହିଲେ ଚଳେ। କିଏ କାହାର ଦୁଃଖ ଶୋକକୁ ହୃଦୟଙ୍ଗମ କରିବାକୁ ନାରାଜ। ମଣିଷ କେବଳ ନିଜେ ବଞ୍ଚିବାର କଳା ପାଇଁ ହରେଇ ଦେଲାଣି ସେହି ସ୍ନେହଶ୍ରଦ୍ଧା ଓ ଆତ୍ମିୟତା । ତେଣୁ ସେ କିଣି ଆଣିଛି ତାପାଇଁ ନିସଙ୍ଗତା କେବଳ। କେହି କାହାର ମନକୁ ବୁଝିବାକୁ ସକ୍ଷମ ନାହିଁ। ତେଣୁ ଛୋଟ ପରିବାର ଆପଣେଇ ଦୁଃଖ ଓ ନିସଙ୍ଗତାକୁ ଆମେ ବରଣ କରିନେଇଛନ୍ତି ହେଲେ ସେଥିରେ ଖୋଜିଛନ୍ତି ଅପାର ଆନନ୍ଦ। ଏକା ହୋଇଯିବା ଏମିତି କଣ ଆନନ୍ଦ ଏକଥା ଆମେ ଅବଶ୍ୟ ପାଶୋରି ଦେଇଛନ୍ତି।

ବର୍ତ୍ତମାନ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସମୟ, ପ୍ରଯୁକ୍ତି ତାର ଅବଦାନରେ ଆମକୁ ଦେଇଛି ପରସ୍ପର ଯୋଡ଼ିହେବାର ଅପାର ଆନନ୍ଦ, ସେହି ଦୌଡ଼ରେ ଯୁବଗୋଷ୍ଠୀ ଲାପଟପ ମୋବାଇଲରେ ବହୁସମୟ ଲିପ୍ତ। ସେହିଥିରେ ସେ ହସୁଛନ୍ତି କାନ୍ଦୁଛନ୍ତି ନିଜ ମଧ୍ୟରେ ସକାରାତ୍ମକ ଓ ନକାରାତ୍ମକ ଆନନ୍ଦ ଓ ଦୁଃଖକୁ ଆବେଗର ସହଯୋଡୁଛନ୍ତି। ଏହାର ନକାରାତ୍ମକ ପ୍ରଭାବ ଅତଏବ ବେଶି। ତେଣୁ ସେ ଆତ୍ମ ବା ସ୍ୱକୈନ୍ଦ୍ରିକ ହୋଇପଡୁଛି। ଭୁଲ ଠିକ ଚେତନାକୁ ସେ ଉପଲବ୍ଧି କରିପାରୁନି। ପରେ ସେ କେବଳ ଏକଲାପଣକୁ କିଣି ନେଉଛି। ସେହି ଯନ୍ତ୍ରର ବଶବର୍ତ୍ତୀ ହୋଇ ସେ ଯନ୍ତ୍ର ହୋଇଯାଇଛି ଯେମିତି ପ୍ରତ୍ୟକ୍ଷ କାହାସହ ସମ୍ପର୍କର ଉନ୍ନତ ବାତାବରଣ ସୃଷ୍ଟି କରିବାରେ ଅକ୍ଷମ। କେବଳ ସଂକ୍ଷିପ୍ତ କଥା ସଂକ୍ଷିପ୍ତ ଆଚରଣରେ ସନ୍ତୁଷ୍ଟ ହୋଇଯାଉଛି। ସେ ଆତ୍ମକୈନ୍ଦ୍ରିକ ହୋଇ ଉଠିଛି ଯାହା ତାର ନିଜର ନିକଟତର ବ୍ୟକ୍ତିପାଇଁ ଅସହ୍ୟ।

ଏବେ ସମ୍ପର୍କ ସବୁ କମ ସମୟର ଯେଉଁଥିରେ ପରସ୍ପର ଉପରେ ଆସ୍ଥା ବିଶ୍ୱାସ ବହୁତ କମ। ସମସ୍ତେ ସମୟକୁ ଦୋଷ ଦେଉଛନ୍ତି କିନ୍ତୁ ନିଜର ଦୁର୍ବଳତାକୁ ଖୋଜୁ ନାହାନ୍ତି। ନିଜର ଦୁର୍ବଳତାକୁ ଯଦି ଜାଣନ୍ତି ତେବେ ସମସ୍ୟାର ଅବଶ୍ୟ କିଛି ସମାଧାନ ହୋଇପାରନ୍ତା। କିନ୍ତୁ ନିଜ ଭୁଲରୁ ଶିଖିବା ପ୍ରକ୍ରିୟା ପ୍ରାୟ ନାହିଁ କହିଲେ ଚଳେ। ସବୁଥାଇ ବି ନିସଙ୍ଗତାର ରୋଗ ଗ୍ରାସ କରିଚାଲେ, ନୀରବତା ହସିବାକୁ ରୋକିଦିଏ। ନୀରବ ରହିବା ଭଲ ଭାବି ସମସ୍ତେ ଅନ୍ୟଠାରୁ ଦୁରେଇ ରହନ୍ତି। ଏଠି ବିଭିନ୍ନ ସ୍ତରରେ ବିଭେଦ କେବେ ଜାତିଗତ କେବେ ନୀତିଗତ କେବେ ଅର୍ଥଗତ । ଏହା ଦୂରତ୍ୱ ବେଶ ବଢ଼ାଇ ଦେଇଛି ପରସ୍ପର ମଧ୍ୟରେ। ନିଜର ଅହଙ୍କାର ନିଜପାଇଁ ସୃଷ୍ଟି କରିଦେଇଛି ନିସଙ୍ଗତାର କୁହୁଡ଼ି। ଯେଉଁଥିରେ ସମ୍ପର୍କ ବର୍ତ୍ତମାନ ବୋଝ ହୋଇଯାଇଛି। ସମୟ ସହ ତାଳଦେଇ ଦୌଡ଼ିବା ବେଳେ ଏବେ ସମସ୍ତେ ଯୌଥସୁଚି କାର୍ଯ୍ୟରେ ବ୍ୟସ୍ତ ନଚେତ ବ୍ୟବସ୍ଥା ସେମିତି କରିବାକୁ ବାଧକରୁଛି। ତେଣୁ ମସ୍ତିଷ୍କ କାର୍ଯ୍ୟରୁ ନିବୃତ୍ତି ନାହିଁ ଯେ ସେ ସମ୍ପର୍କର ମଞ୍ଜିବୁଣିବ। କେବଳ ବାଆକୁ ବତା ମାତ୍ର ସଂକ୍ଷେପରେ କାମଚାଲିଲେ ହେଲା। ପରିସଂଖ୍ୟାନର ବୋଝ ଏବେ ଏତେ ଝିଂଝଟ କରିଛି ଯେ ଜଣେ ଶିକ୍ଷକ ବି ଶିକ୍ଷାଦାନ ମନସ୍କ ହୋଇପାରୁନି। ବୃଥା ଯଶ ପଛରେ ଅନେକ ଧାଇଁ ଧାଇଁ ସମସ୍ତଙ୍କୁ ସନ୍ଦେହ କରି ସମ୍ପର୍କକୁ ପାଣିଚିଆ କରି ସାରିଛନ୍ତି। କହିବାକୁ ହୁଏ ଏଠାରେ ବୟସର ଭାବନାଗତ ପାର୍ଥକ୍ୟ। କିନ୍ତୁ ସବୁ ପାର୍ଥକ୍ୟରେ ରହି ଯାଉଛି ନିସଙ୍ଗତା ଆମ ଅଲକ୍ଷ୍ୟରେ। ଜାପାନ ପରି ଦେଶରେ ବୃଦ୍ଧବୃଦ୍ଧା ମାନଙ୍କ ସଂଖ୍ୟା ଅଧିକ ବୋଲି ଆମେ ଅଧ୍ୟୟନ କରିଛନ୍ତି। ଏଠାରେ ସ୍ୱଳ୍ପ ଜନସଂଖ୍ୟା ପାଇଁ ବୟସ୍କ ମାନଙ୍କ ମଧ୍ୟରେ ନିସଙ୍ଗତା ବହୁ ଅଧିକ। ପଡ଼ୋଶୀ ସମ୍ପର୍କରେ ମଧ୍ୟ ଏତେ ନିବିଡ଼ତା ନଥାଏ। ତେଣୁ କାହାର ମୃତ୍ୟୁ ହେଲେ ପାଖଲୋକ ଜାଣିବା ସମ୍ଭବ ହୋଇନଥାଏ। ଏବେ ଆମ ଦେଶରେ ଏହି ସମସ୍ୟା ମଧ୍ୟ ଶିକ୍ଷିତ ବର୍ଗକୁ ପ୍ରସରି ଗଲାଣି। କାର୍ଯ୍ୟାଳୟରେ ଶୃଙ୍ଖଳିତ ଜୀବନରେ ଘରେ ସମୟ ଦେଇପାରୁନଥିବା ବ୍ୟକ୍ତି ଅବସର ପରେ ପରିବାର ସହ ଉପଯୋଜିତ କରିପାରନ୍ତି ନାହିଁ।

ନିସଙ୍ଗତାକୁ ଅନେକ ସମୟରେ ମାନସିକତା କୁହାଯାଇପାରେ, କାରଣ ଏହା ଅନେକଙ୍କୁ ଏମିତି ଏକା ରହିବାକୁ ଭଲଲାଗେ। ଏହିପ୍ରକ୍ରିୟା ତାଙ୍କୁ କିଛି ଦୁଃଖ ଦିଏନି ବରଂ ନିଜକୁ ଏକ ସ୍ୱତନ୍ତ୍ର ତିଆରି କରିବାର ଅନ୍ୟତମ ପ୍ରୟାସମାତ୍ର ଯାହା ତାଙ୍କ ସମ୍ପର୍କରେ ଥିବା ବ୍ୟକ୍ତିଙ୍କୁ ଚୁପ ରଖିଥାଏ।

ତେବେ ନିସଙ୍ଗତା, ଭାରତରେ ବହୁଳ ଲୋକସଂଖ୍ୟା ମଧ୍ୟରେ ଅଧିକ ଆଶା କରା ନ ଯାଇପାରେ କିନ୍ତୁ ଏହା ସମସ୍ତଙ୍କୁ ଅଲକ୍ଷ୍ୟରେ ଗ୍ରାସ କରିଚାଲିଛି। ଆସନ୍ତୁ ପୁଣି ଫେରିଯିବା ସେହି ଅତୀତକୁ ଯେଉଁଠି ଜୀବନ ଆବେଗମୟ, ସମସ୍ତ ମଧ୍ୟରେ ଲୁଚିରହିଥିବା ଆନନ୍ଦକୁ ଉପଭୋଗ କରିଚାଲିବା। ମୋ ଦେଶର ସଂସ୍କୃତି କଳାକୁ ମନଭରି ଉପଭୋଗ କରି ମର୍ଯ୍ୟାଦାର ଜୀବନ ପାଇବା। ସମସ୍ତଙ୍କ ସହ ଖୁସିହେବା ଖୁସିଦେବା ଯେମିତି ସଂକୀର୍ତ୍ତନରେ ହରିନାମର ଆନନ୍ଦ ରହିଥାଏ। ନିସଙ୍ଗତାକୁ ଏଡାଇ ସୁଖର ଜୀବନ ଯାପନ କରିବା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ହେ ପ୍ରଭୁ ଜଗତ ସାଇଁ

*ରାମଚନ୍ଦ୍ର ବେହେରା*



ସ୍ନାନ ପୂର୍ଣ୍ଣମୀରେ ହର୍ଷ ଉଲ୍ଲାସରେ
ଶ୍ରଦ୍ଧା ସହ ସ୍ନାନ କଲ
ସୁବାସିତ ଜଳ ହେଲା ତୁମ କାଳ
ଜ୍ୱରରେ ପୀଡିତ ହେଲ

ଭାଇ ଭଉଣୀକୁ ଧରି
ଅଣସର ଗୃହେ ବିଶ୍ରାମ କରିଲ
ଭକତକୁ ପର କରି
ରତ୍ନ ସିଂହାସନ ହୋଇଗଲା ଖାଲି

ପଙ୍କ ଦିଅଁ ପାଏ ପୂଜା
ଫୁଲୁରି ତେଲ ଓ ଦଶ ମୂଳାରିଷ୍ଟ
ହେଲା ତୁମ ପାଇଁ ଖଂଜା
ରନ୍ଧା ଖାଦ୍ୟ ତେଜି ପ୍ରଭୁ

ପଣା ଚକଡାରେ ଦିନ କାଟୁଅଛ
ଆହେ ଦୟାମୟ ବିଭୂ
ପଥ୍ୟ ଅଉଷଧୀ ମୋଦକର ବିଧି
ଶ୍ରଦ୍ଧାରେ ନେଲ ଆଦରି

ଆଳଟ ଚାମର ସୁଲୁସୁଲୁ ବାଆ
ଶୀତଳତା ଦେଲା ଭରି
ରାଶି ଦୀପ ଆଲୋକରେ
ଜ୍ୱର ଯାତନାରେ ଦିବାନିଶି ତୁମ

ସେବାୟତ ସେବା କରେ
ରତ୍ନ ଅଳଂକାର ପାଟ ବସ୍ତ୍ର ଛାଡି
କାଟିବ ଚଉଦ ଦିନ
ସୁସ୍ଥ ହେଲା ପରେ ପୂଣ୍ୟ ବଡଦାଣ୍ଡେ

ଭକ୍ତଙ୍କୁ ଦେବ ଦର୍ଶନ
ହେ ପ୍ରଭୁ ଜଗତ ସାଇଁ
ନବ ଯଉବନ ବେଶକୁ ତୁମର
ଶ୍ରଦ୍ଧାରେ ରହିଛୁ ଚାହିଁ !

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ- ୭୩୫୫୬୩୪୩୪୬*

## ଭଲଥିଲା

*ଶରତ ଦାଶ*



ଭଲ ଥିଲା ପିଲାଦିନ ଥିଲା କୋଳାହଳ
ନଥିଲା ଜ୍ଞାନର ଗର୍ବ ଶବ୍ଦ ଅହଙ୍କାର
ଦିନ ଯାଇ ଆସୁଥିଲା ରାତି
ଅନ୍ଧକାରେ ଭିଜାଇ ପରାଣ
ଆହା କି ସୁନ୍ଦର ଥିଲା
ନିରାସକ୍ତ ମୂର୍ଖ ପିଲାଦିନ
ଭଲ ଥିଲା ପିଲାଦିନ ନଥିଲା ତ ଦାୟିତ୍ୱ କର୍ତ୍ତବ୍ୟ
ନଥିଲା କାଲିର ଚିନ୍ତା ଆଜି ଭରା ସୁଖର ବିଭବ
ଅତିଶୀଘ୍ର ଯାଉଥିଲୁ ଭୁଲି
ଅତୀତର ସକଳ ଯନ୍ତ୍ରଣା

ନଥିଲା ହାରିବା ପୀଡ଼ା
ଜିତିବାର ଅହଙ୍କାର ନାନା
ନନାଙ୍କ ଆକଟ ଥିଲା ଥିଲା ବୋଉ ନିବିଡ଼ ସୋହାଗ
ଜେଜେବାପା ଜେଜେମାଆ ଡାଳୁଥିଲେ ସ୍ନେହ ଅନୁରାଗ
ଜୀବନ ଜଞ୍ଜାଳମୁକ୍ତ
ଯାଉଥିଲା ଅନାୟାସେ ବିତି
ନଥିଲା ଭବିଷ୍ୟଚିନ୍ତା
ଥିଲା ନିତି ଆଶାର ପାହାନ୍ତି
ଫେରିଯିବା ଆଉଥରେ ଚାଲ ସେଇ ନିରୀହ ଦିନକୁ
ଭୁଲି ସବୁ ପାଠଶାଠ ଜ୍ଞାନ ସ୍ମୃତି ଆପଣା ସ୍ଥିତିକୁ
ଚପଳ ବୟସେ ପୁଣି
ହେବା ଦୁଷ୍ଟ ବଡ଼ ଅମାନିଆଁ
ଭୋଗିବା ସେ ପିଲାଦିନ
ଲାଗିବାର ଆଗୁ ଶେଷ ନିଆଁ ।

*ଭୁବନେଶ୍ୱର*

## ଟୁଆଁ ଟୁଇଁ !

*ପ୍ରଦୀପ୍ତ ମହାନ୍ତି*

ପ୍ରଶସ୍ତ କାଚ ଝରକା ସାମ୍ନାରେ ଦୁଇଟି ଗଛ
ସବୁଦିନେ ଦେଖାହୁଅନ୍ତି,
ମୋ ସାଙ୍ଗେ କଥା ହୁଅନ୍ତି, ସକାଳେ ଆଉ ସଞ୍ଜ

କଅଁଳିଆ, ସବୁଜ, ସମ୍ବଲପୁରୀ ଶାଢିରେ
ହଳଦିଆ କୁନି କୁନି ପେନ୍ଥା ଫୁଲରେ
ତନୁ ପାତଳୀ, ମନମୋହିନୀ, ଫୁଲେଇ କଇଆଁ
ଗାଢ଼ସବୁଜ ଖଦି ଶାର୍ଟ ଆଉ କୃଷ୍ଣଧୁସର ଫୁଲପ୍ୟାଣ୍ଟରେ
ସଶକ୍ତ କିନ୍ତୁ କ୍ଲାନ୍ତ, ଶତବାହୁରେ
ବୃହତ, ଅବିବ୍ରତ, ବୃଦ୍ଧ, କରଞ୍ଜି

ମୁହଁକୁ ମୁହଁ ଯୋଡି, ଡ଼ାଳକୁ ଡ଼ାଳ ଛନ୍ଦି, ପତ୍ରପୁଷ୍ପ ସମୋହନରେ
ନିବିଡ଼ ଆଲିଙ୍ଗନରେ, ନିଷ୍ପାପ ଭଲପାଇବାରେ
ମିଳିମିଶି ସହନ୍ତି ଜୀବନର ସମସ୍ତ ଯାତନା
ଟାଣଖରା, ମୁମ୍ବାଇର ହାତୀଶୁଣ୍ଢ ବର୍ଷା, ମୁନସିପାଲିଟିର ଡ଼ାଳକଟା
ପଶ୍ଚିମ ଦ୍ରୁତଗାମୀ ମାର୍ଗ ଟ୍ରାଫିକର ଜହର ବାମ୍ଫର ଛିଲକା
ଆଉ ପାଖରେ ଥିବା ଆମ୍ବ, ନଡ଼ିଆ, ରବର ଗଛର ଟାହିଟାପରା
ବୁଢା କହି ଚିଡ଼ାଏ, ଟୁଆଁ ବୋଲି ଡାକେ
ଫୁଲେଇରାଣୀ କହି ଚିଡ଼ାଏ, ଟୁଇଁ ବୋଲି ଡାକେ
ମନ ଟାଣିନିଏ ପିଲାଦିନକୁ
ପୋଖରୀକୂଳ କରଞ୍ଜିର ଦାନ୍ତକାଠି, ଡାଳରୁ ପାଣିକୁ, କଇଁଫୁଲ ତୋଳିବାକୁ
ଗାଁମୁଣ୍ଡ କଇଆଁ ଗଛରେ ଭୁତ ଥାଆନ୍ତି ବୋଲି ଏକୁଟିଆ ପାଖକୁ ନ ଯିବାକୁ
କରଞ୍ଜି ଛାଟରେ ମାଡ଼ ଖାଇବାକୁ
କଇଁଆରେ ଟମାଟୋ, କଞ୍ଚାଲଙ୍କା, ଧନିଆପତ୍ର ମିଶାଇ କୁନ୍ଦେଇ ଖାଇବାକୁ

ଏବେ କିନ୍ତୁ ଦିନକୁ ଦୁଇଥର, ଆମେ ତିନିଜଣ
ମନଖୋଲି ଖଟିକରୁ: ଖଡା-ବଡି-ଥୋଡର ଗୁଜୁରାଣ
ଅଳ୍ପ ରାଜନୀତି, ତାଙ୍କ ଦୁହିଁଙ୍କ ପ୍ରୀତି, ଆଉ ମନର ଗହନ
ଜିଜ୍ଞାସା, ଜୀବିକା, ଦର୍ଶନ ଓ ପୂର୍ବ-ପର ଜୀବନ

କାଉ, କୋଇଲି, ଶୁଆ, ଶାରୀ, ବାୟାଚଢେଇଙ୍କୁ ବସା ଦେଇ
ମଣିଷ ଅମଣିଷ ମାନଙ୍କୁ ଛାଇ ଦେଇ
ସେଇମିତି ଅପାର ଆନନ୍ଦରେ ବଞ୍ଚିଥାଅ, ଟୁଆଁ ଟୁଇଁ
ସମସ୍ତଙ୍କ ଖୁସି ପାଇଁ, ମୋ ପାଇଁ।

*ମୁମ୍ବାଇ*
*ମୋ- ୭୬୦୦୦୪୧୦୭୨*

## ଏମିତି କେମିତି ତୁ ହେଲୁ ମୂରତୀ...

*ସୁକାନ୍ତ ସମର୍ଥା*





ତୋତେ ମୁଁ ପାଇନି
ମନର ବେଢାରେ
ହଜିବା ଭୟ କରୁଛି
ଏମିତି କେମିତି
ପବିତ୍ର ମନ୍ତ୍ର ତୁ
ନିତି ମୁଁ ଜପ କରୁଛି

କେବେ ମୁଁ ଜିତିନି
ତୋ ଭରସା ହାତ
ହାରିବା ଭୟ କରୁଛି
ଏମିତି କେମିତି
ଶ୍ରାବଣୀଟିଏ ତୁ
ତୋ ବିନା ଓଦା ହେଉଛି

ତୋତେ ମୁଁ ଲେଖିନି
ଭାଗ୍ୟର ପୃଷ୍ଠାରେ
ଲିଭିବା ଭୟ କରୁଛି

ଏମିତି କେମିତି
କବିତାଟିଏ ତୁ
ସ୍ପନ୍ଦନରେ ମୁଁ ପଢୁଛି

ତୋତେ ମୁଁ ଛୁଇଁନି
ବାସ୍ନାରେ ସ୍ପର୍ଶରେ
ଦାଗ ଲାଗିବା ଡ଼ରୁଛି
ଏମିତି କେମିତି
ତୁ ହେଲୁ ମୂରତୀ
ମନ୍ଦିର ଭୁଲି ଯାଇଛି

ତୋତେ ସାଇତିନି
ସ୍ୱପ୍ନ ସିନ୍ଧୁକରେ
ଭାଙ୍ଗିବା ଭୟ ଲାଗୁଛି
ଏମିତି କେମିତି
ହେଲୁ ମୋ ନିଶ୍ୱାସ
ଏକା ନା ରହିପାରୁଛି

କେଜାଣି କେଉଁଠି
ରହିଗଲୁ.....

ବରଷା ବି ଗଲା
ପବନ ବି ଗଲା
ମୋ ଘରକୁ ତୋର
ପାଦ ଆସୁ ଆସୁ
କେଜାଣି କେଉଁଠି ରହିଗଲା

ଖବର ବି ଗଲା
ଅତର ବି ଗଲା
କାଗଜ ଡ଼ଙ୍ଗା ମୋ
ଦାଣ୍ଡେ ଯାଉ ଯାଉ
କେଜାଣି କେଉଁଠି ରହିଗଲା

ଶ୍ରାବଣ ବି ଗଲା
ବାହାନା ବି ଗଲା
ତୋ ସାଥେ ଭିଜିବା
ଇଚ୍ଛା ହେଉ ହେଉ
କେଜାଣି କେଉଁଠି ରହିଗଲା

ବାଦଲ ବି ଗଲା
ବିଜୁଳି ବି ଗଲା
ଲାଜ ଭିଜା ଦେହ
କଥା କହୁ କହୁ
କେଜାଣି କେଉଁଠି ରହିଗଲା ।

## ଠିକଣା ନଥିବା ଚିଠି

*ସୁମନ ଲେଙ୍କା*

ସବୁ ଚିଠି କ'ଣ କେବେ
ଠିକଣା ଜାଗାରେ ପହଞ୍ଚେ ?
ପୁଣି କେତେ ଠିକଣା ନଥିବା ଚିଠି
ମୁଦା ଲଫାପା ଭିତରେ
ନିଜର ସତ୍ତା ହରାଏ
କିଛି ଚିଠି ସ୍ମୃତି ହୋଇ
ସାଇତା ହୋଇ ରହିଯାଏ
ଅତୀତର ଡାଏରୀ ଭିତରେ
କିଛି ଚିଠି ଖୋଜିବୁଲେ
ଅମା ଅନ୍ଧକାରରେ ହଜେଇଦେଇଥିବା
ନିଜର ନିରଳା ଅସ୍ତିତ୍ୱକୁ
ଠିକଣା ନଜାଣି ଚିଠି ଲେଖିବା
ତା'ର ବୋକାମି ହୋଇପାରେ
ତଥାପି ସେ ଲେଖି ଚାଲେ
ପ୍ରୀତିର କାଗଜ ଉପରେ
ଆବେଗ ଭରା କାଳିରେ
ମୋଡ଼ ବଦଳାଉଥିବା ଜୀବନର
ପ୍ରତିଟି ଘଡିସନ୍ଧି ମୁହୂର୍ତ୍ତରେ ।

*ଅଲଣା-୨, ବଛାଳୋ,*
*ନାଉଗାଁ, ଜଗତସିଂହପୁର*
*ଦୂରଭାଷ- ୭୮୪୦୭୨୫୧୦*

## ବଡ଼ପୁଅ



**ବିମଳଚନ୍ଦ୍ର ପଟ୍ଟନାୟକ**

ଅଫିସ୍‌ରୁ ଫେରୁଫେରୁ ବେଶ୍ ଡେରି ହେଇଯାଇଥିଲା । ଏଇ ମେଟ୍ରୋ ସହରର ଟ୍ରାଫିକ୍ ସବୁବେଳେ ଦିନର ଅଧା ସମୟ ଖାଇଦିଏ । ଯେତେବେଳେବି ସିଗ୍‌ନାଲ୍‌ରେ ଅଟକିବାକୁ ହୁଏ ସେତେବେଳେ ମୋ' ନିଜ ସହର ବ୍ରହ୍ମପୁର କଥା ବହୁତ ମନେପଡେ । ସେଠି ଟ୍ରାଫିକ୍‌ର ନିୟମ ଯଦିଓ ମାନିବାକୁ ହୁଏ ତଥାପି ଏଇ ବେଙ୍ଗଲୁରୁ ଭଳି ଏତେଟା କଡାକଡି ନୁହେଁ । ଥରେ ସିଗ୍‌ନାଲ୍‌ରେ ଅଟକିଲେ କୋଉ ବାଟଦେଇ ଟ୍ରାଫିକ୍ ଫାଙ୍କିବାକୁ ହୁଏ ତାହା ସମସ୍ତେ ଜାଣିଥାଆନ୍ତି । ଏଣୁ ସେଇଠି ଶୀଘ୍ର ଶୀଘ୍ର କାମ ହେଇଯାଏ । ହେଲେ ଏଇ ମେଟ୍ରୋରେ ଅଫିସ୍ ସନ୍ଧ୍ୟା ପାଞ୍ଚରେ ସରିଲେ ଦଶକିଲୋମିଟର ବାଟ ଘରକୁ, ପହଞ୍ଚିବାକୁ ରାତି ସାତ ହେଇଯାଏ । ପୁରା ବିରକ୍ତ ମନରେ ଘରେ ପହଞ୍ଚି ଚାବି ଖୋଲିଲା ବେଳକୁ ଫୋନ୍‌ଟା ରିଂ ହେଲା । ଦେଖିଲାବେଳକୁ ବାପାଙ୍କ ଫୋନ୍ । ବାପା ସବୁବେଳେ ଫୋନ୍ କରନ୍ତିନାହିଁ । ମାସରେ ଥରେ କି ଦିଥର କିଛି ବିଶେଷ କାମଥିଲେ ହିଁ କରିଥାନ୍ତି । ମୁଁ ପ୍ରତିଦିନ ରାତିରେ ବୋଉଠୁ ଘରର ସବୁ ହାଲ୍‌ଚାଲ୍ ବୁଝିନିଏ । ବାପା ଫୋନ୍ କରିଥିବାରୁ, କିଛି ଜରୁରୀ ଥିବବୋଲି ଫୋନ୍‌ଟା ଉଠାଇ କାନ୍ଧ ଓ କାନ ମଝିରେ ଜାକି ପ୍ରଣାମ ଜଣାଉ ଜଣାଉ ଚାବି ଖୋଲିବାକୁ ଲାଗିଲି । ସେପଟୁ ବାପାଙ୍କ ପ୍ରଥମ ପ୍ରଶ୍ନ, ଆରେ ଫ୍ରି ଅଛୁଟି ? ଗୋଟେ ଜରୁରୀ କଥାଥିଲା ।

ଜବାବରେ ମୁଁ କହିଲି, 'ହଁ ବାପା ଏଇତ, ଅଫିସ୍‌ରୁ ଫେରୁଛି, ଘର ତାଲା ଖୋଲୁଥିଲି' ।

ବାପା କହିଲେ, 'ଆଚ୍ଛା ହଉ, ତୁ ଆଗ ଟିକେ ଫ୍ରେସ୍ ହେଇଯା ପରେ କଥାହେବା' ।

ଏତକ କହି, ମୁଁ କିଛି କହିବା ପୂର୍ବରୁ ସେ ଫୋନ୍‌ଟି କାଟିଦେଲେ । ମୁଁ ଆଉ ଫ୍ରେସ୍ ହେବି କଣ, ଗୋଟେ ଅଜଣା ଆଶଙ୍କାରେ ଅନ୍ୟମନସ୍କ ହେଇଗଲି । କେଜାଣି ବାପା କି ଜରୁରୀ କଥା କହିବେ ? ନିଶ୍ଚିତ ଚିକି, ମୋ' ସାନ ଭଉଣୀର ସେମିଷ୍ଟାର ଫି ଦାଖଲ କଥା ହେଇଥିବ । ନଚେତ୍ ବୋଉର ହେଲ୍‌ଥ ଚେକ୍‌ଅପ୍ ପାଇଁ ବିଶାଖାପାଟଣା ଯିବାକଥା ହେଇଥିବ । ଏବେ ପୁଣି ଗୋଟିଏ ମୋଟା ଅଙ୍କ ଯୋଗାଡ କରିବାକୁ ହେବ । ଏମିତି ବସି ଭାବୁଭାବୁ ପୁଣି ଫୋନ୍ ରିଂ ହେଲା । ଭାବିଲି, ବାପା ଏଇ ସାଙ୍ଗେ ସାଙ୍ଗେ କହିଲେ ଫ୍ରେସ୍ ହେଇ କଲ୍ କରିବାକୁ, ପାଞ୍ଚ ମିନିଟ୍ ନହେଉଣୁ ପୁଣି କଲ୍ ? ଟିକେ ଶଙ୍କା ଆଉ ଟିକେ ବିରକ୍ତ ଭାବ ନେଇ ଫୋନ୍ ଧରି ଦେଖିଲାବେଳକୁ, ବାପଙ୍କର ନୁହଁ; କଲ୍ ଆସିଥିଲା ପଲ୍ଲୁ ମାନେ ପଲ୍ଲବୀର ।

ଟିକେ ଆଶ୍ୱସ୍ତ ହେଇ ଫୋନ୍ ଉଠାଇ କହିଲି, ଓ ପଲ୍ଲୁ ତମେ ?

ସେପଟୁ ସେ କହିଲା, କ'ଣ ଆଉ କାହା ଫୋନ୍‌ର ଅପେକ୍ଷାରେ ଥିଲ ନା କ'ଣ ?

ମୁଁ କହିଲି, 'ନା ନା ମୁଁ ଭାବିଥିଲି ବାପାଙ୍କ ଫୋନ୍ ବୋଲି । ଏଇ ତମର କଲ୍ ପୂର୍ବରୁ ଫୋନ୍ କରି କିଛି ଜରୁରୀ କାମ ଅଛି ବୋଲି କହୁଥିଲେ ତ, ସେଥିପାଇଁ' ।

- ଆଚ୍ଛା ତାହେଲେ ଫୋନ୍ ରଖିଦେବି ? ଆଗ ତମେ ବାପାଙ୍କ ସହିତ କଥା ହେଇଯାଅ ମୁଁ ପରେ ଫୋନ୍ କରୁଛି ।

ଏତିକି କହି ପଲ୍ଲବୀ ଫୋନ୍ କାଟିଦେଲା । ପଲ୍ଲବୀ, ମୋ' ପିଲାଦିନର ସାଥୀ । ସାଥୀ ତ ନୁହଁ ମୋ' ପଡ଼ୋଶୀ । ସେ ମୋଠାରୁ ଚାରିବର୍ଷ ତଳେ ପାଠ ପଢୁଥିଲା । ମୋ' ସାନଭାଇର କ୍ଲାସ୍‌ମେଟ୍ । ତା' ବାପା ଆଉ ମୋ' ବାପା ଗୋଟିଏ ଅଫିସ୍‌ରେ କାମ କରୁଥିବାରୁ ଆମ ଦି'ଘର ଭିତରେ ଟିକେ ଘନିଷ୍ଠ ସମ୍ପର୍କ ରହିଆସିଛି । ତାରି ଭିତରେ ଆମେଦିଜଣ ବି କେମିତି ଘନିଷ୍ଠ ହେଇଗଲୁ ସେକଥା ଏବେ ମୋର ଠିକ୍ ଭାବରେ ମନେପଡୁନି । ମୋର ବିବାହର ଉପଯୁକ୍ତ ବୟସ ହେଇସାରିଥିଲେବି ମୁଁ ଆମ ଦୁହିଁଙ୍କର କଥା ଘରେ କେବେ କହିପାରେନି । କାରଣ ଘରପ୍ରତି ମୋର ଦାୟିତ୍ୱର ତାଲିକା ଦିନକୁଦିନ ଏମିତି ବଢିଚାଲିଛି ଯେ ତା' ଆଗରେ ଏଇ ବାହାଘରଟା ସବୁବେଳେ ଗୌଣ ଦିଶୁଛି । ମୋର ଆଉ ପଲ୍ଲବୀର କଥା ଘରେ ସମସ୍ତେ ଜାଣିସାରି ମୌନ ସମ୍ମତି ଜଣାଇସାରିଥିଲେବି ତାକୁ ବିବାହର ରୂପ ଦେବାକଥା କେହି ଥରେବି ମୋ' ଆଗରେ କହିନାହାନ୍ତି । ବାପାଙ୍କ କଥା ମୋତେ ବେଳେବେଳେ ବେଶ୍ ବାଧେ । କେହି ମୋ' ବାହାଘର କଥା ପଚାରିଲେ କୁହନ୍ତି, 'ପିଲାଟା ମୋର କିଛିଦିନ ଆରାମ୍‌ରେ ତା' ଜୀବନକୁ ଉପଭୋଗ କରୁ । ଏତେଶୀଘ୍ର ତାକୁ ଏଇ ସଂସାର ଜଞ୍ଜାଳରେ କାହିଁକି ଛନ୍ଦିଦେବି ଯେ । ତା'ଛଡା ତାକୁ ଏବେ କେତେବର୍ଷ ହେଇଛି କି ? ଏବେ ତ ଜମାରୁ ତାକୁ ସତେଇଶି ହେଇଛି । ଆରେ ମୁଁ ପରା ସେଇ ଜମାନାରେ ତିରିଶ ବର୍ଷରେ ବାହା ହେଇଥିଲି' ।

ବେଳେବେଳେ ବାପାଙ୍କର ଏମିତି ଯୁକ୍ତି ବିରୁଦ୍ଧରେ ମୋର ବିଦ୍ରୋହ କରିବାକୁ ଇଚ୍ଛା ହୁଏ । କିନ୍ତୁ ଘରର ବଡ଼ପୁଅ ହେବାର ଦାୟିତ୍ୱ, ସମାଜ ଆଗରେ ଆଦର୍ଶ ପୁତ୍ରର ଅଘୋଷିତ ସାର୍ଟିଫିକେଟ୍ ମୋତେ ମୋ' ମନର ସମସ୍ତ ବେଦନାକୁ ଦବାଇଦେବାକୁ ବାଧ୍ୟ କରେ । ଭାବିଥିଲି ମୋ' ଚାକିରୀ ହେଇଯିବାର ବର୍ଷେ ଦି'ବର୍ଷ ପରେ ଉଚିତ୍ ସମୟ ଦେଖି ପଲ୍ଲବୀ ସହିତ ମୋ' ବାହାଘର କଥାଟା ବୋଉକୁ କହିଦେବି । ହେଲେ ଆଜିକି ପାଞ୍ଚବର୍ଷ ହେଇଗଲାଣି ମୋ'ପାଇଁ ସେଇ ଉଚିତ୍ ସମୟଟା ଆଉ ଆସିପାରିଲା ନାହିଁ ।

ଏମିତି ଅନେକ ଅସମାହିତ କଥା ମନଭିତରୁ ଉଙ୍କିମାରିଲା ବେଳକୁ ପୁଣି ବାପାଙ୍କ ଫୋନ୍ ଆସିଗଲା । ଟିକିଏ ଚିନ୍ତିତ ମନରେ ଫୋନ୍ ଉଠାଉ ଉଠାଉ ବାପା ସେପଟୁ କହିଲେ, 'ଆରେ 'ଅରୁ' ବୁଝିଲୁ ଆମ ଚିକିର ବାହାଘର ସେଇ ପାରଳାଖେମୁଣ୍ଡିରେ ଠିକ୍ କରିଦେଲି । ପିଲାଟା ତ ସରକାରୀ ଚାକିରି କରିଛି, ଗୋଟେ ବୋଲି ପୁଅ । ତା'ଛଡା ଆମ ଚିକିର ବିଇଡି ସରିବାପରେ ଚାକିରି କରାଇବାରେ ସେମାନଙ୍କର କିଛି ଆପତ୍ତି ନାହିଁ । ଏମିତି ଭଲ ବର ଆଉ ଭଲଘର ଭାଗ୍ୟରେ ଥିଲେ ଜୁଟେ । ବୁଝିଲୁ, ସେମାନେ ଏଇ ନଭେମ୍ବର ମାସରେ କାମଟା ସାରିଦେବା ବୋଲି କହୁଛନ୍ତି । ମୁଁ ବି ସେଇଆ ଚାହୁଁଛି । ତଥାପି ତୋ' ସହିତ କିଛି କଥା ହେଇନି ବୋଲି ତାଙ୍କୁ କିଛି ଜବାବ ଦେଇନି । କଣ କହୁଛୁ, ଦି ମାସ ସମୟ ଅଛି, ଆମେ କ'ଣ ସମସ୍ତେ ମିଶି କାମଟା ଉଠେଇଦେଇ ପାରିବାନି ?

-ହେଲେ ବାପା ଦି'ମାସ ଟିକେ କମ୍ ଲାଗୁନି ? ଏତେସବୁ ଆୟୋଜନ କ'ଣ କରିହେବ ?

- ନା ରେ ଅରୁ, ତୁ ଚିନ୍ତା କରନା ସବୁ ହେଇଯିବ । ହେଲେ ତୁ ଏବେଠୁ ଛୁଟି ବ୍ୟବସ୍ଥା କରିନେ । କାମସବୁ ତୋତେ ହିଁ ତ ବୁଝିବାକୁ ହେବ ।

ବାପାଙ୍କ କଥାଗୁଡାକ ମୋ' କାନରେ ବାଜୁଥିଲେ ବି ମନରେ ମୁଁ ଚିକି ବାହାଘର ପାଇଁ ମୋ' ପକେଟ ହିସାବ କରିଚାଲିଥାଏ । ବାପା କହୁଥାନ୍ତି, 'ସେମାନେ କିଛି ମାଗିନାହାନ୍ତି, କେବଳ ଶହେଜଣ ବରଯାତ୍ରୀଙ୍କ ଉଚିତ୍ ସତ୍କାର କରିଦେଲେ ହେଲା । ଆମେ କ'ଣ ସେତକ କରିପାରିବାନି ? ମୁଁ ସବୁ ଯୋଗାଡ କରିଦେବି । ତୁ ଖାଲି ସପ୍ତାହକ ପାଇଁ ଛୁଟିନେଇ ଆସିଲେ ହେଲା । ତୋତେ ଦେଖିଦେଲେ ମୋତେ ଶତ ସିଂହର ବଳ ଆସିଯାଏ ପରା' ।

ବାପାଙ୍କର ଏସବୁ କଥା ମୋ' ହୃଦୟରେ ନଭେଦି କେଜାଣି କାହିଁକି ମୋ' ମସ୍ତିଷ୍କରେ ଘର କରିଗଲା । କଥାଗୁଡିକରେ ଆତ୍ମୀୟତା କମ୍ କାମ ହାସଲର ଅସ୍ତ୍ର ପରିକା ବୋଧ ହେଉଥିଲା । ମୁଁ ହିଁ କାହିଁକି ଆଗୁଆ ଯିବି ? ମୋତେ କହିବା ଭଳି ମୋ' ସାନଭାଇକୁ ବାପା କ'ଣ ଏମିତି କହିଥିବେ ? ସିଏ ବି ତ ଦି'ବର୍ଷ ହେଲାଣି ଚାକିରି କରିଲାଣି । ତାର କ'ଣ ଘରପ୍ରତି ଦାୟିତ୍ୱ ନାହିଁ ? ସବୁବେଳେ ଆଦର୍ଶର ଫମ୍ପା ଖୋଳପାଟା କ'ଣ ମୁଁ ହିଁ ଘୋଡ଼େଇ ରହିଥିବି ?

ଇଞ୍ଜିନିୟରିଙ୍ଗ ଏଡମିସନ୍‌ରେ ଭଲ ର୍‍ୟାଙ୍କ ପାଇଁ ମୁଁ ଦୁଇଥର ଏଣ୍ଟ୍ରାନ୍ସ ଦେଇ ସରକାରୀ କଲେଜରେ ପଢିଲି । ସେତେବେଳେ ବାପାଙ୍କର ଗୋଟିଏ କଥା ଯେ ମୋ' ପାଇଁ ଏତେ ଟଙ୍କା ସେ ଖର୍ଚ୍ଚ କରିପାରିବେନି । ପଛକୁ ପଛ ଭାଇ ଆଉ ଭଉଣୀ ବି ତ ଅଛନ୍ତି । ହେଲେ ପରେ ସାନଭାଇର ଭଲ ର୍‍ୟାଙ୍କ ନ ଆସିବାରୁ ସେ ଦୁଃଖ କରୁଥିବା ବେଳେ ବାପା ତାକୁ କହୁଥିଲେ, 'ଆରେ ମନ ଊଣା କରନା ଡୋନେସନ୍ ଦେଇ ତୋତେ ଜଏନ୍ କରିଦେବି । ଆଉ ବର୍ଷେ ପରେ ତ ବଡଭାଇ ଚାକିରି କରିବ । କ୍ୟାମ୍ପସ୍‌ରେ ପରା ତା' ଚାକିରି ପକ୍କା ହେଇଯାଇଛି । ଟଙ୍କା କ'ଣ ଆଉ ବାଧକ ହେବ ?

ସେଦିନ ବାପାଙ୍କର ଏଇ କଥା କେଇପଦରେ ପ୍ରଥମେ ମୋ' ମନରେ ଘରକରିଥିବା ଆକାଙ୍କ୍ଷା ସବୁକୁ ସେଇଠି ମାରିଦେଇଥିଲି, ଯାହା ମୁଁ ଚାକିରି କରିବା ପରେ ପୂରଣ କରିବାର ଆଶା ବାନ୍ଧିଥିଲି । କିନ୍ତୁ ମୋ' ଘର ପାଇଁ ଆଉ ବିଶେଷ କରି ବାପାଙ୍କ ପାଇଁ ମୁଁ କିଛି କରିପାରିବି, ଏଇ ଭାବନା ମୋତେ ଖୁବ୍ ଆତ୍ମତୃପ୍ତି ପ୍ରଦାନ କରିଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଏଇ ଦାୟିତ୍ୱର ତାଲିକା ଭାଇର ପାଠପଢାରେ ସୀମିତ ନରହି କ୍ରମଶଃ ଭଉଣୀର ପଢା, ବୋଉର ଅପରେସନ୍, ଘରର ସୌନ୍ଦର୍ଯ୍ୟକରଣ, ଜମିରେ ଲିଫ୍ଟ ପମ୍ପ ବସାଇବା ଇତ୍ୟାଦି ଇତ୍ୟାଦିକୁ ବ୍ୟାପିଗଲା । ଯାହା ଧୀରେ ଧୀରେ ମନରେ ମୋର ବିଦ୍ରୋହର ରୂପ ଧାରଣ କରୁଥିଲା ।

ତଥାପି ମୁଁ ବହୁତ ଖୁସିଥିଲି । ମୋର ଗୋଟିଏ ବୋଲି ଭଉଣୀର ବହାଘର, ସେଥିରେ ମୋର ବି ତ କିଛି କର୍ତ୍ତବ୍ୟ ଅଛି । କିନ୍ତୁ ବାପାଙ୍କର ସେଇ ଗୋଟିଏ କଥା ଯେ ମୁଁ ଗଲେ ହିଁ ସବୁ ଜିନିଷପତ୍ର, ଲୁଗାପଟା, ଭୋଜି ଜିନିଷ ଇତ୍ୟାଦି କିଣାଯିବ । ହେଲେ କାହିଁକି ? ମୋ' ବିନା ମୋ' ସାନଭାଇକୁ ନେଇ କ'ଣ ଏସବୁ କରାଯାଇପାରିବନି ? ମୁଁ ଗଲେ ହିଁ ଏସବୁ କରିବାର ମାନେ ମୁଁ ଠିକ୍ ବୁଝିପାରୁଥିଲି । ଏଥିପାଇଁ ବାପା ମୋତେ ପରୋକ୍ଷରେ ଅର୍ଥ ଯୋଗାଡ଼ କରିବାକୁ ହିଁ କହୁଥିଲେ । ଏମିତି ଭାବିଭାବି କେତେବେଳେ ଯେ ମୁଁ ଶୋଇପଡିଛି ଜାଣିପାରିଲିନି ।

ଏଇ ଦେଢମାସ ଭିତରେ ବାପାଙ୍କର ଅନେକ ଫୋନ୍ ଆସିଛି । ସବୁବେଳେ ମୁଁ କଥା ହେଇଛି । କିନ୍ତୁ ଥରଟିଏ ବି ଆତ୍ମୀୟତାର ସହ ନୁହଁ ବରଂ ବାପା କ'ଣ, ଘରୁ ଯାହାର ବି ଫୋନ୍ ଆସିଲେ ମୁଁ ଖୁବ୍ ମାପିଚୁପି କଥାହୁଏ । ଅଧିକ କଥାହେଲେ କାଳେ କିଏ କିଛି ଜିନିଷ ବରାଦ କରିଦେବ, ଏଇ ଆଶଙ୍କାରେ କଥାକୁ କାଣ୍ଟଛାଣ୍ଟ କରି ଫୋନ୍ କାଟିଦିଏ ।

ଚିକିର ବାହାଘର ଆଉ ଦଶଦିନ ବାକିଅଛି । ସକାଳୁ ସକାଳୁ ଅଫିସ୍ ଯିବାକୁ ବାହାରିଛି, ଭିଡିଓକଲ୍‌ଟିଏ ଆସିଲା । ଚିକି ଫୋନ୍ କରିଥିଲା । ଫୋନ୍ ଉଠାଉ ଉଠାଉ ଚିକି ପଚାରିଲା, 'ଭାଇ କେବେ ବାହାରୁଛୁ ? ଛୁଟି ସେଙ୍କସନ୍ ହେଲାଣି ? ମୁଁ କିଛି ଜବାବ ଦେବାଭିତରେ ବୋଉ କହିଲା,' ସେଇଟା କ'ଣ ସେ ଆଉ ବାକି ରଖିଥିବ ? ଆଗ ତାକୁ ଜିନିଷତକ ଦେଖାଉନୁ । 'ଚିକି ଗୋଟି ଗୋଟି କରି ତାର ପଚିଶ ହଜାର ଟଙ୍କାର ସମ୍ବଲପୁରୀ ପାଟ, ଷାଠିଏ ହଜାର ଟଙ୍କାର ମୁଦି, ଦୁଇଲକ୍ଷର ରାଣୀହାର ଇତ୍ୟାଦି ଦେଖେଇବାରେ ଲାଗିଲା । ସେସବୁ ଦେଖି ବାହାଘରର ମୋଟ ବଜେଟ୍ ମୁଁ ଆକଳନ କରୁଥାଏ । ଆଉ ଏଥିରେ ମୋର ପର୍ସେଣ୍ଟେଜ୍ କଥା ଭାଳି ହେଉଥାଏ ।

ବୋଉ ସେପଟୁ କହୁଥାଏ, 'ଆରେ ଅରୁ ତୁ ଟିକେ ଶୀଘ୍ର ଆସୁନୁ । ତୁ ଆସିଲେ ପରା ଟିଭି, ଫ୍ରିଜ୍ ଆଉ ସବୁ ଫର୍ଣ୍ଣିଚର କିଣାଯିବ' ।

ଯେନତେନ ସମସ୍ତଙ୍କ ସହ କଥାହେଇ ଶୀଘ୍ର ଯିବାକୁ ପ୍ରତିଶ୍ରୁତି ଦେଇ ଫୋନ୍ କାଟିଦେଲି । ଜୀବନର କିଛିକିଛି କ୍ଷଣରେ ମନ ଆଉ ଚେତନ ହିସାବୀ ହେଇଯାଏ । ସମୟଟିକୁ ଉପଭୋଗ କରିବା ବଦଳରେ ତାର ପ୍ରତିଟି କ୍ଷଣ, ଦଣ୍ଡ ଇତ୍ୟାଦିର ହିସାବ ରଖିରଖି ଏକ ଅଦୃଶ୍ୟ ଚିନ୍ତନର ଜାଲରେ ଛନ୍ଦି ହେଇଯାଏ । ମୋ' କ୍ଷେତ୍ରରେ ବି ଠିକ୍ ସେମିତି ହେଉଥିଲା । ଚିକିର ବାହାଘର ଠିକ୍ ହେବାଠୁ ମୁଁ ପଲ୍ଲବୀକୁ ଏକରକମ ଭୁଲିଯାଇଥିଲି କହିଲେ ଚଳେ । କିନ୍ତୁ ସେ ଥିଲା ମୋ' ପାଇଁ ପର୍‌ଫେକ୍ଟ । କାରଣ ମୁଁ କିଛି ନକହିଲେ ବି ମୋ' ମନକଥାକୁ ସେ ମରମେ ବୁଝିପାରୁଥିଲା । ତା' ସହିତ ଆଳାପରେ ମୋର ସମସ୍ତ ଚିନ୍ତା-ଦୁଶ୍ଚିନ୍ତା ପ୍ରାୟ ଅପସରି ଯାଉଥିଲା । କିନ୍ତୁ ଏଥରର କଥା ଥିଲା ଟିକେ ଅଲଗା । ମୋ' ମନରେ ମୋ', ପରିବାର ପ୍ରତି ଉଠିଥିବା ବିଦ୍ରୋହଭାବକୁ ମୁଁ ତାକୁ ଜମାରୁ ଜାଣିବାକୁ ଦେଇନଥିଲି । କାରଣ ମୋପ୍ରତି ତାର ଥିବା ଭାବନାକୁ ଆଉ ବିଶ୍ୱାସକୁ ମୁଁ ଭାଙ୍ଗି ଦେବାକୁ ଚାହୁଁନଥିଲି । ମୋର ଆଦର୍ଶପୁତ୍ରର ଇମେଜ୍‌କୁ ନେଇ ସେ ବି ଏକ ଆଦର୍ଶ ବୋହୂ ହେବାର ସ୍ୱପ୍ନ ଯେହେତୁ ଦେଖୁଥିଲା ।

ରାତି ପ୍ରାୟ ଏଗାରଟା ପର୍ଯ୍ୟନ୍ତ ପଲ୍ଲବୀ ସହିତ କଥା ହେଇକି ମୋ' ଯାତ୍ରାର କଷ୍ଟ ଅଧା କମିଯାଇଥିଲା । ସକାଳ ପାଞ୍ଚଟାରେ ବ୍ରହ୍ମପୁରରେ ପହଞ୍ଚିଯିବି । ରାତିରେ ପଲ୍ଲବୀ ଚିକିର ବାହାଘର ବିଷୟରେ ଅନେକଥର କଥାହେବାକୁ ଚେଷ୍ଟା କଲାବେଳେ ମୁଁ ତାକୁ ଏଡାଇ ଦେଇଛି । କାରଣ ଅଯଥାରେ ମୋ' ସହିତ ତାକୁ ବି ଚିନ୍ତାରେ ପକାଇବାକୁ ମୁଁ ଚାହୁଁନଥିଲି ।

ଗାଡି ଆଜି ଠିକ୍ ସମୟରେ ଷ୍ଟେସନ୍‌ରେ ଲାଗିଗଲା । ସାନଭାଇକୁ ଷ୍ଟେସନ୍ ଆସିବାକୁ ମନାକରି ମୁଁ ଅଟୋରେ ଗଲି । ବାଟରେ ପଲ୍ଲବୀର ଫୋନ୍‌କୁ ଦୁଇଥର ଇଗ୍‌ନୋର୍ କରି ଠିକ୍ ଛଅଟାରେ ଘରେ ପହଞ୍ଚିଲି । ବାହାରେ କେହିନଥିଲେ ପଲ୍ଲବୀର । ତାଙ୍କ ଦୁଆରରେ ଝୋଟି ପକାଉଥିଲା । ମୋତେ ଦେଖି କହିଲା, 'ସାହେବଜୀ ଫୋନ୍ କାହିଁକି ଉଠାଉନ ? ଆଟିଚ୍ୟୁଡ୍ ଦେଖାଉଚ ନୁହଁ ? ଆଚ୍ଛା ଦେଖିବା କେତେଦିନ ତମର ଏ ରୂପ ଲାଷ୍ଟିଙ୍ଗ କରିବ' ।

ତାର ପ୍ରତି କଥାର ଜବାବ କେବଳ ସ୍ମିତହାସ୍ୟାଟିଏ ଦେଇ ଘରକୁ ଯାଉଯାଉ କହିଲି, ଆଖି ଲାଗିଯାଇଥିଲା ପଲ୍ଲୁ ସେଥିପାଇଁ କଲ୍ ରିସିଭ୍ କରିପାରିଲିନି, ଟାଏର୍ଡ ଲାଗୁଛି । ଫ୍ରେସ୍ ହେଇ ତମ ଘରଆଡେ ଆସିବି । ଏବେ ଯାଉଛି ।

ଘରେ ପହଞ୍ଚିବା କ୍ଷଣି ଚିକି ଦୌଡି ଆସି ମୋର ପାଦଛୁଇଁବା ସହିତ ବ୍ୟାଗ୍‌ଟାକୁ ଛଡାଇ ନେଇଗଲା । ତା'ସହିତ ରଡିକରି ବୋଉକୁ କହୁଥିଲା, ବୋଉ ଭାଇ ପହଞ୍ଚିଗଲା ।

ତା' ପାଟିଶୁଣି ସମସ୍ତେ ଅଗଣାକୁ ଆସିଗଲେ । ବାପା ବୋଉ ପିଉସୀନାନୀ ସମସ୍ତଙ୍କୁ ପ୍ରଣାମ ଜଣେଇ ମୁଁ ଉପରଘର ଗେଷ୍ଟ ରୁମ୍‌କୁ ଫ୍ରେସ୍ ହେବି କହି ଚାଲିଗଲି ।

ବାହାଘରର ଯାବତୀୟ କାମରେ ସାମିଲ୍ ହୋଇ ତିନିଦିନ ବିତିଗଲାପରେ ବି ବାପା ଟଙ୍କା କଥା କିଛି କହୁନଥାନ୍ତି । ଦିନେ ଦିପହରରେ ମୁଁ ଖାଇସାରି ରେଷ୍ଟ ନେଉଥାଏ ବାପା ଚିକି ହାତରେ ଡକେଇପଠେଇ କହିଲେ, ଫର୍ଣ୍ଣିଚର, ଟିଭି, ଫ୍ରିଜ୍, ଏସି ଆଣିବାପାଇଁ ଯିବାକୁ ହେବ । ଏତକ ଶୁଣୁଶୁଣୁ ମନେମନେ ମୁଁ ପ୍ରତିକ୍ରିୟାଶୀଳ ହୋଇଗଲି । ତୁରନ୍ତ ଚିକିକୁ କହିଲି, 'ବାପାଙ୍କୁ କହିଦେ ମୋତେ ଟିକେ ଅସୁସ୍ଥ ଲାଗୁଛି ସେ ସାଥୀରେ ସାନଭାଇକୁ ନେଇଯିବେ' । ଚିକି ଏତକ ଶୁଣି ଚାଲିଗଲା । ଭାବିଥିଲି ବାପା ନିଜେ ଆସି ନିଶ୍ଚିତ ଡାକିବେ । ତେଣୁ ତାଙ୍କୁ କ'ଣ ଜବାବ ଦେବି ସେକଥା ଭାବୁଥିଲି । ଠିକ୍ ଏ ସମୟରେ ବାଇକ୍ ଶବ୍ଦ ହେଲା । ଟେରିସ୍‌କୁ ଯାଇ ଦେଖେ ତ ବାପା ଆଉ ସାନଭାଇ ଶୁଭ ମାର୍କେଟ ଯାଉଛନ୍ତି । ଦେଖୁଦେଖୁ ମନକୁ ଟିକିଏ ଆଘାତ ଲାଗିଲା । ଭାବୁଥିଲି, 'ବାପା କିଛି ଖରାପ ଭାବିନଥିବେ ତ ?' ବାହାଘର ପାଇଁ ମୋର ଭାଗର ଅର୍ଥ ତ ଯେତେବେଳେ ବି ଦେବାକୁ ହେବ । ଏମିତି ଛକାପଞ୍ଝା କରି କେତେ ସମୟ ବା ଏଡେଇବି ? ପୁଣି ମନରେ ପ୍ରଶ୍ନ ଆସୁଥିଲା, 'ସବୁବେଳେ ମୁଁ କାହିଁକି ଆଗତୁରା ଦେବି ? ସବୁବେଳେ ଏମିତି ଆଗତୁରା ଦେଇ ତ ମୁଁ ଏ ଦଶା ଭୋଗୁଛି । ଏଥର ନମାଗିଲାଯାଏଁ ଦେବିନି' । ଭାବିଭାବି ତଳକୁ ଦେଖେ ତ ଅଗଣାରେ ପଲ୍ଲବୀ ଆଉ ତା' ମାଁ ଠିଆ ହୋଇଛନ୍ତି । ପଲ୍ଲବୀ ମୋତେ ଦେଖିବା କ୍ଷଣି ଇଶାରାଟିଏ କରି ଟେରିସ୍ ଉପରକୁ ଆସିଗଲା । କହିଲା, 'କ'ଣ ହେଇଛି ତମର ? ବୋଉ କହୁଥିଲେ ତମର ଦିହ ଭଲନାହିଁ ବୋଲି ? ଘରଭିତରେ ଏମିତି ଗୁମ୍ ହେଇ ବସିଛ ଯେ ? ମାର୍କେଟ୍ ଯାଇଥିଲେ ଚିକିର ଜିନିଷପତ୍ର ବାଛିଥାଆନ୍ତ ନି ?'

ସଙ୍ଗେସଙ୍ଗେ ମୁଁ କହିଲି , 'କାହିଁକି ଶୁଭ କ'ଣ ସେତକ ବି କରିପାରିବନି ? ମୁଁ କ'ଣ ଏକୁଟିଆ ଏଠି ଅଛି କାମ କରିବାକୁ ?'

ମୋର ଏଇ କଥାରେ ପଲ୍ଲବୀ ତାଟକା ହେଇ ମୋତେ ଅନେଇ ରହିଲା । ତାପରେ ମୋତେ ବୁଝାଇବାକୁଯାଇ କହିଲା, 'ଆଚ୍ଛା ତମେ ଏ ବାହାଘରେ କ'ଣ କ'ଣ କରିଛ କହିଲ ? ସେଦିନ ଶୁଭ ତ କହୁଥିଲେ ଏଇ ବାହାଘରର ସମସ୍ତ ଆର୍ଥିକ ଦାୟିତ୍ୱ ତାଙ୍କର ବୋଲି କହୁଥିଲେ । ତମେ ଆସିଲେ ଦିଭାଇ ମିଶି ମାର୍କେଟିଂ କରିବେ ଆଉ ଚିକି ତ ତାଙ୍କ ଟିଉସନ୍ ପଇସାରୁ ପାଟଶାଢୀ ଆଉ ମୁଦି କିଣିଛନ୍ତି । ତମେ ତମ ଭଉଣୀ ପାଇଁ କ'ଣ ଆଣିଛ ଏଯାଏ ତ କାହାକୁ କହିନ ବୋଧେ । ଆଜି ଟିକେ ବଜାରକୁ ବି ଗଲନି । କାଇଁ ତମେତ ଏମିତି ଅସୁସ୍ଥ ଜଣାପଡୁନ । ସତ କହିଲ କ'ଣ ହେଇଛି ତମର ?

ପଲ୍ଲବୀର କଥା ଶୁଣୁଶୁଣୁ ସତେଯେମିତି ମୋ' ପାଦତଳୁ ମାଟି ଖସିଗଲାପରି ବୋଧ ହେଲା । ମନରେ ପାଳିଥିବା ଅଯଥା ବିକାର ସବୁ ପୁଣି ମୋତେ ଆନ୍ଦୋଳିତ କରୁଥିଲା । ଘରର ପ୍ରତିଟି ସଦସ୍ୟ ଉଦ୍ଦେଶ୍ୟରେ ମୋ'ମନର ସମସ୍ତ ଦୁର୍ଭାବନା ନିମିଷକ ମଧ୍ୟରେ କୁଆଡେ ଉଭେଇଗଲା । ଗଭୀର ଆତ୍ମଗ୍ଲାନିରେ ଆଖିମୋର ଜକେଇ ଆସିଲା । ପଲ୍ଲବୀକୁ ଆଉ ସାମ୍ନା କରିବାକୁ ମୋର ସାହସ ନଥିଲା । ପଲ୍ଲବୀ ମଧ୍ୟ ତା' ବୋଉର ଡାକରାରେ ତଳକୁ ଚାଲିଗଲା ।

ମନରେ ଭରିଥିବା ଅବ୍ୟକ୍ତ ଦୁର୍ଭାବନା ପାଇଁ ଘରର ସମସ୍ତଙ୍କ ଆଗରେ ନିଜେ ଅତି ଛୋଟ ହେଇଗଲାପରି ବୋଧ ହେଉଥିଲା ।

ସନ୍ଧ୍ୟାରେ ବାପା ଆଉ ଶୁଭ ଚିକିର ସମସ୍ତ ଜିନିଷ ଗାଡ଼ିରେ ଧରି ପହଞ୍ଚିଲେ । ତୁରନ୍ତ ମୁଁ ଯାଇ ଜିନିଷତକ ଘରକୁ ଆଣିବାରେ ସାହାଯ୍ୟ କଲି । ଯା ଭିତରେ ବାପା ଦୁଇଥର ମୋ' ସ୍ୱାସ୍ଥ୍ୟ କଥା ପଚାରି ସାରିଲେଣି । ମୁଁ ବି ଭଲଲାଗୁଛି ବାପା କହି କଥାଟାକୁ ଏଡେଇଦେଲି ।

ସନ୍ଧ୍ୟାରେ ସମସ୍ତେ ' ପିଇବାକୁ ବସିଲାବେଳେ ମୁଁ ଯାଇ ବାପାଙ୍କ ପାଖରେ ବସିଲି । ଗୋଟେ ବିଷାଦଭରା ଭାରାକ୍ରାନ୍ତ ମନରେ ବାପାଙ୍କ ଆଡକୁ କ୍ରେଡିଟ୍‌କାର୍ଡଟି ବଢାଇଦେଇ କହିଲି, 'ବାପା ଚିକି ବାହାଘର ପାଇଁ ଏଥିରୁ ଖର୍ଚ୍ଚ କରନ୍ତୁ' ବାପା ହସିହସି କାର୍ଡ଼ଟି ଧରି ମୋ' ପକେଟ୍ ଭିତରେ ପୁରାଇ କହିଲେ, 'ନାରେ ବାପ ଏଥର, ଥାଉ । ଘର ପାଇଁ କିଛି କରିବାର ସୁଯୋଗ ତୋ' ସାନଭାଇ ଶୁଭକୁ ବି ତ ମିଳିବା ଦରକାର । ସବୁବେଳେ ତୁ କାହିଁକି ସମସ୍ତ ଶ୍ରେୟ ନେଇଯିବୁ ?'

ସେପଟୁ ଶୁଭ କହୁଥାଏ, 'ଭାଇ ଏବେଠୁ ସଞ୍ଚୟ କରି ରଖିଥା । ତୋ' ବାହାଘର କିନ୍ତୁ ଧୁମ୍‌ଧାମ୍‌ରେ ହେବା ଦରକାର ।

ବୋଉ କହୁଥାନ୍ତି, 'ବୁଝିଲୁ ଅରୁ ସେଦିନ ଚିକି ଯୋଉ ମୁଦି ତୋତେ ଦେଖାଉନଥିଲା, ସେଇଟା ସେ ତା' ଭାଉଜ ପଲ୍ଲବୀ ପାଇଁ କିଣିଛି' ।

ଚିକି ସିଆଡୁ କହୁଥାଏ, 'ବୋଉ, ତୁ ନା ଆମର ସବୁ ସର୍‌ପ୍ରାଇଜ୍‌କୁ ଖୋଲିପକେଇଲୁ । ପଲ୍ଲବୀ ଭାଉଜ ଶୁଣିଲେ ମୋତେ କ'ଣ କହିବେ କହିଲୁ ?

ସମସ୍ତଙ୍କ ବିବୃତ୍ତି ଶୁଣି ମୁଁ ଆଉ କୋହ ସମ୍ଭାଳି ପାରିଲିନି । ତୁରନ୍ତ ବୋଉ ପାଖକୁ ଯାଇ କଇଁକଇଁ ହୋଇ କାନ୍ଦିବାକୁ ଲାଗିଲି । ସମସ୍ତେ ଆଶ୍ଚର୍ଯ୍ୟର ସହିତ ମୋତେ ନିରେଖି ଦେଖୁଥାନ୍ତି । ବୋଉ ତାର ପଣତରେ ମୋ' ଲୁହ ପୋଛିଦେଇ କିଛି କହୁଥାଏ । ମୋର ସେଥିକୁ ଜମାରୁ ନିଘା ନଥାଏ । ମନେମନେ ପଲ୍ଲୁ ମାନେ ମୋ' ପଲ୍ଲବୀ ଉଦ୍ଦେଶ୍ୟରେ ଧନ୍ୟବାଦ ବୋଧେ ଲୁହ ଆକାରରେ ନିଗିଡି ପଡୁଥାଏ।

*ଦୁର୍ଗୀ, ରାୟଗଡ*
*ଫୋନ- ୭୦୦୮୨୩୨୬୦୬*

# ଆଜି ଭାରତ-ଦକ୍ଷିଣ ଆଫ୍ରିକା ଫାଇନାଲ୍ ମ୍ୟାଚ୍



**ନୂଆଦିଲ୍ଲୀ**

୯ ଜୁନ୍ ଅର୍ଥାତ ଶନିବାର ଟି-୨୦ ବିଶ୍ୱକପ୍‌ର ଫାଇନାଲ୍‌ରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଜୋରଦାର ଟକ୍କର ହେବାକୁ ଯାଉଛି । ଲମ୍ବା ସମୟ ଧରି ବିଶ୍ୱକପ୍ ଟ୍ରଫି ହାତେଇବାକୁ ଟିମ୍ ଇଣ୍ଡିଆ ଅପେକ୍ଷା କରିଥିବା ବେଳେ ଦକ୍ଷିଣ ଆଫ୍ରିକା ପ୍ରଥମ ଥର ବିଶ୍ୱ ଚାମ୍ପିଅନ୍ ହେବାକୁ ଆତୁର ହୋଇ ରହିଛି । ତେଣୁ ଆଶା କରାଯାଉଛି ଯେ ଏହି ଫାଇନାଲ୍ ମ୍ୟାଚ୍ ରୋମାଞ୍ଚକର ହେବ ।

ଏହି ଦୁଇ ଟିମ୍‌ରେ ଜଣଙ୍କଠୁ ବଳି ଜଣେ ଧୁରନ୍ଧର ଖେଳାଳି ରହିଛନ୍ତି । ମ୍ୟାଚ୍ କେତେବେଳେ କେଉଁ ଖେଳାଳିଙ୍କ ସପୋର୍ଟରେ ଯିବ ତାହା କହିବା ଅସମ୍ଭବ । ବାମହାତୀ ଦ୍ରୁତ ବୋଲରମାନେ ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କୁ ଅସୁବିଧାରେ ପକାଉଛନ୍ତି । ଫର୍ମରେ ଥିବା ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର ମାର୍କୋ ଜନସନ ଏହାର ଫାଇଦା ଉଠାଇ ପାରନ୍ତି । ତେବେ ମ୍ୟାଚ୍ ରୋହିତଙ୍କ ସପକ୍ଷରେ ରହୁଛି । କାରଣ ଟି-୨୦ ମ୍ୟାଚର ୯ ଇନିଂସରେ ଜନସନଙ୍କୁ ସାମ୍ନା କରିଛନ୍ତି ରୋହିତ । ଜନସନ୍ ତାଙ୍କୁ କେବଳ ଥରେ ଆଉଟ କରିବାକୁ ସକ୍ଷମ ହୋଇଛନ୍ତି ।

ଭାରତୀୟ ଦଳ ଟି-୨୦ ବିଶ୍ୱକପରେ ଏପର୍ଯ୍ୟନ୍ତ ଅପରାଜିତ ରହିଛି । କିନ୍ତୁ ବିରାଟ କୋହଲିଙ୍କ ଫର୍ମ ଏବେ ଚିନ୍ତାର କାରଣ ହୋଇଛି । କୋହଲି ୭ଟି ମ୍ୟାଚ୍‌ରେ ମାତ୍ର ୭୫ ରନ ସ୍କୋର କରିବାକୁ ସକ୍ଷମ ହୋଇଛନ୍ତି । ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର କାଗିସୋ ରାବାଡ଼ା ୮ଟି ମ୍ୟାଚରେ ୧୨ ଟି ଓ୍ୱିକେଟ ନେଇଛନ୍ତି ଏବଂ ତାଙ୍କର ଇକୋନୋମି ରେଟ୍ ୬ରୁ କମ୍ ରହିଛି । କୋହଲିଙ୍କୁ ରାବାଡ଼ାଙ୍କ ବଲକୁ ସାମ୍ନା କରିବାବେଳେ ସତର୍କ ରହିବାକୁ ପଡ଼ିବ । ରାବାଡ଼ା କୋହଲିଙ୍କୁ ୧୨ ଇନିଂସରେ ୪ ଥର ଆଉଟ୍ କରି ପାଭିଲିୟନ୍ ଫେରାଇଛନ୍ତି ।

## ପ୍ୟାରିସ ଅଲିମ୍ପିଆନ୍‌ଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି




**ନୂଆଦିଲ୍ଲୀ**

ସଂସଦର ମିଳିତ ଅଧିବେଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏଥିସହିତ ୨୦୩୬ ଅଲିମ୍ପିକ୍ସ କ୍ରୀଡ଼ା ଆୟୋଜନ ପାଇଁ ଭାରତୀୟ ଅଲିମ୍ପିକ୍ସ ସଂଘ (ଆଇଓଏ)ର ପ୍ରୟାସକୁ ମଧ୍ୟ ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି । ରାଷ୍ଟ୍ରପତି ମୁର୍ମୁ ମିଳିତ ଗୃହକୁ ସମ୍ବୋଧନ କରି କହିଛନ୍ତି, ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ଦୃଢ଼ ଉଦ୍ୟମ ଦ୍ୱାରା ଭାରତୀୟ କ୍ରୀଡ଼ାବିତ୍‌ମାନେ ବିଶ୍ୱସ୍ତରରେ ରେକର୍ଡ ସଂଖ୍ୟକ ପଦକ ଜିତିବାରେ ସଫଳ ହୋଇଛନ୍ତି । ପ୍ୟାରିସ୍ ଅଲିମ୍ପିକ୍ସ ଆଉ କିଛି ଦିନ ପରେ ଆରମ୍ଭ ହେଉଛି ଯେଉଁ କ୍ରୀଡ଼ାବିତ୍‌ମାନେ ଅଲିମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି, ସେମାନଙ୍କ ପାଇଁ ଆମେ ଗର୍ବିତ । ମୁଁ ସେମାନଙ୍କୁ ଶୁଭେଚ୍ଛା ଜଣାଉଛି । ଭାରତୀୟ ଅଲିମ୍ପିକ ସଂଘ ୨୦୨୬ ଅଲିମ୍ପିକ୍ସ ଆୟୋଜନ ପାଇଁ ପ୍ରସ୍ତୁତ ହେଉଥିବାରୁ ଏହି ସଫଳତାକୁ ଏହା ଆଉ ପାଦେ ଆଗେଇ ନେଇଥିବା ରାଷ୍ଟ୍ରପତି କହିଛନ୍ତି । ସୂଚନାଯୋଗ୍ୟ ଅଲିମ୍ପିକ୍ସ ପାଇଁ ୧୦୦ରୁ ଊର୍ଦ୍ଧ୍ୱ ଭାରତୀୟ କ୍ରୀଡ଼ାବିତ୍ ଯୋଗ୍ୟତା ଅର୍ଜନ କରିଥିଲା ବେଳେ ବନ୍ଧୁକଚାଳନାରୁ ସବୁଠୁ ଅଧିକ ୨୧ ଜଣ ଏହି କ୍ରୀଡ଼ା ମହାକୁମ୍ଭରେ ଭାରତର ପ୍ରତିନିଧିତ୍ୱ କରିବେ ।

## ଫାଇନାଲରେ ବର୍ଷା ସମ୍ଭାବନା, ମ୍ୟାଚ୍ ରଦ୍ଦ ହେଲେ କିଏ ହେବ ଚାମ୍ପିଅନ ?

**ବାର୍ବାଡୋସ**

ବାର୍ବାଡୋସ ସ୍ଥିତ କେନସିଂଟନ ଓଭାଲ ଷ୍ଟାଡିୟମରେ ଆସନ୍ତା ୨୯ରେ ଟି-୨୦ ବିଶ୍ୱକପ ୨୦୨୪ର ଫାଇନାଲ ମ୍ୟାଚ୍ ଖେଳାଯିବ ଏବେ ଖବର ସାମ୍ନାକୁ ଆସୁଛି ଯେ ଜୁନ ୨୯ରେ ବାର୍ବାଡୋସରେ ବର୍ଷା ହେବାର ସମ୍ଭାବନା ରହିଛି । ସ୍ଥାନୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ ଫାଇନାଲ ମ୍ୟାଚ୍ ଦିନ ବାର୍ବାଡୋସରେ ୭୫ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି ।

ଜୁନ ୨୯ରେ ବର୍ଷା ହେଲେ ଜୁନ ୩୦କୁ ଫାଇନାଲ ମ୍ୟାଚ ପାଇଁ ରିଜର୍ଭ ଡେ’ ଭାବେ ରଖାଯାଇଛି । ଯଦି ବର୍ଷା କିମ୍ବା ଅନ୍ୟ କୌଣସି କାରଣରୁ ୨୯ରେ ଫାଇନାଲ ମ୍ୟାଚ୍ ବିଳମ୍ବ ହୁଏ, ତେବେ ସେହିଦିନ ମ୍ୟାଚ୍ ଶେଷ କରିବା ପାଇଁ ଅତିରିକ୍ତ ୧୯୦ ମିନିଟ ସମୟ ବ୍ୟବହାର କରାଯିବ । ଉଭୟ ଦଳ ଅତି କମ୍‌ରେ ୧୦-୧୦ ଓଭର ଖେଳିଲେ ହିଁ ମ୍ୟାଚ୍‌ର ଫଳାଫଳ ପ୍ରକାଶ ପାଇବ । ଯଦି କୌଣସି ଦଳ ୧୦-୧୦ ଓଭର ଖେଳି ପାରିବେ ନାହିଁ ତେବେ ମ୍ୟାଚ୍‌କୁ ରିଜର୍ଭ ଡେକୁ ଅର୍ଥାତ ୩୦ ତାରିଖକୁ ସ୍ଥାନାନ୍ତର କରାଯିବ ।

ଆଇସିସି ନିୟମ ଅନୁଯାୟୀ, ଫାଇନାଲ ମ୍ୟାଚ୍ କିମ୍ବା ଟାଇ ହେଲେ ସୁପର ଓଭର ଖେଳାଯିବ । ଯଦି ରିଜର୍ଭ ଡେରେ ମଧ୍ୟ କୌଣସି ଦଳ ବିଜେତା ହୋଇପାରିବେ ନାହିଁ ଏବଂ ସୁପର ଓଭର ସମ୍ଭବ ନୁହେଁ, ତେବେ ଫାଇନାଲ ମ୍ୟାଚ୍‌ର ଫଳାଫଳକୁ ନୋ-ରେଜଲ୍ଟ କୁହାଯିବ । ସୁପର ଓଭର ନଥିଲେ ଭାରତ ଓ ଦକ୍ଷିଣ ଆଫ୍ରିକା ଯୁଗ୍ମ ବିଜେତା ଘୋଷଣା ହେବେ ।

## ରୋହିତଙ୍କ ଉପରେ ବିଶ୍ୱାସ ଅଛି, ୭ ମାସରେ ଦ୍ୱିତୀୟ ଥର ଏଭଳି ହେବନାହିଁ : ଗାଙ୍ଗୁଲି

**କୋଲକାତା**

ଟି-୨୦ ବିଶ୍ୱକପ୍ ୨୦୨୪ ଫାଇନାଲରେ ପ୍ରବେଶ କରିଛି ଟିମ୍ ଇଣ୍ଡିଆ । ଦଳ ଜୁନ୍ ୨୯ରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ପ୍ରଥମ ଥର ପାଇଁ ଫାଇନାଲ ଖେଳୁଥିବା ଦକ୍ଷିଣ ଆଫ୍ରିକାକୁ ଭେଟିବ । ବିଶ୍ୱକପ୍ ଇତିହାସରେ ପ୍ରଥମ ଥର ପାଇଁ ଦୁଇ ଅଜେୟ ଟିମ୍ ମୁହାଁମୁହିଁ ହେବେ । ଏହାକୁ ନେଇ ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ବଡ଼ ବୟାନ ଦେଇଛନ୍ତି ।

କୋଲକାତାରେ ଗାଙ୍ଗୁଲି କହିଛନ୍ତି, ଭଲ କଥା ଯେ ଭାରତ ଫାଇନାଲ ଖେଳିବ । ଭାରତ ଭଲ ପ୍ରଦର୍ଶନ କରୁଛି, ଏହି ବିଶ୍ୱକପ୍‌ରେ ସବୁଠାରୁ ଉଲ୍ଲେଖନୀୟ ଟିମ୍‌ରେ ରହିଛି । ନିଜ ଅଧିନାୟକତ୍ୱରେ ରୋହିତ ୫ ଆଇପିଏଲ୍ ଟ୍ରଫି ଜିତିଛନ୍ତି । ଆଇପିଏଲ୍ ଜିତିବା ବିଶ୍ୱକପ୍ ଜିତିବାଠାରୁ ଅଧିକ ମୁସ୍କିଲ ନୁହେଁ । ଏଣୁ ଆଶା କରୁଛି ଯେ ରୋହିତ ଶନିବାର ଭାରତ ପାଇଁ ବିଶ୍ୱକପ୍ ଜିତିବେ । କହିବାକୁ ଗଲେ ରୋହିତ ୭ ମାସରେ ଦୁଇଥର ଫାଇନାଲରେ ପରାଜିତ ହେବେ ବୋଲି ଲାଗୁ ନ ଥିବା ଗାଙ୍ଗୁଲି କହିଛନ୍ତି । ଏହାଛଡ଼ା ୭ ମାସରେ ଦୁଇ ଥର ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିବାକୁ ନେଇ ଗାଙ୍ଗୁଲି କହିଛନ୍ତି ଯେ, ଏହା ଦଳର ପାରିବାପଣ ଏବଂ ପରିଶ୍ରମକୁ ଦର୍ଶାଉଛି । ରୋହିତ ଫାଇନାଲରେ ନିଜର ଏକାଦଶରେ କୌଣସି ପରିବର୍ତ୍ତନ କରିବେ ନାହିଁ । ଏହା ହିଁ ତାଙ୍କ ଅଧିନାୟକତ୍ୱକୁ ସ୍ୱତନ୍ତ୍ର କରେ ବୋଲି ସେ କହିଛନ୍ତି ।

# ଶେଫାଳି ବର୍ମାଙ୍କ ରେକର୍ଡ ବ୍ରେକିଂ ଡବଲ ଟନ୍, ଇତିହାସ ରଚିଲା ଭାରତୀୟ ମହିଳା ଟିମ୍

**ନୂଆଦିଲ୍ଲୀ**

ଭାରତୀୟ ମହିଳା ଦଳର ଡାଇନାମିକ୍ ତଥା ଯୁବ ଓପନର ଶେଫାଳି ବର୍ମା ନୂଆ କୀର୍ତ୍ତିମାନ ହାସଲ କରିଛନ୍ତି । ସେ ମହିଳା ଟେଷ୍ଟ କ୍ରିକେଟରେ ଦ୍ରୁତତମ ଦୁଇ ଶତକ ହାସଲ କରିବାର ରେକର୍ଡର ଅଧିକାରୀ ହୋଇଛନ୍ତି । ଦକ୍ଷିଣ ଆଫ୍ରିକା ବିପକ୍ଷ ଏକମାତ୍ର ଟେଷ୍ଟର ପ୍ରଥମ ଦିନରେ ୨୦ ବର୍ଷୀୟା ଶେଫାଳି ମାତ୍ର ୧୯୪ ବଲ୍‌ରେ ଡବଲ ଟନ୍ ମାରିଛନ୍ତି ।

ଏହାପୂର୍ବରୁ ମହିଳା ଟେଷ୍ଟ କ୍ରିକେଟରେ ଦ୍ରୁତତମ ଦୁଇ ଶତକ ହାସଲ କରିବାର ରେକର୍ଡ ଅଷ୍ଟ୍ରେଲିଆର ଆନ୍ନାବେଲ ସଦରଲ୍ୟାଣ୍ଡଙ୍କ ନାଁରେ ଥିଲା । ସେ ୨୪୮ ବଲରେ ଏପରି କୀର୍ତ୍ତିମାନ ହାସଲ କରିଥିଲେ । ହେଲେ ଶେଫାଳି ୧୯୪ ବଲରେ ୨୦୦ ରନ କରି ତାଙ୍କୁ ପଛରେ ପକାଇ ଦେଇଛନ୍ତି । ଡବଲ ଟନ୍ ହାସଲ କରିବା ପରେ ସେ ଆଉ ୫ ରନ ପରେ ରନ ଆଉଟ୍ ହୋଇ ପ୍ୟାଭିଲିଅନ ଫେରିଥିଲେ । ୧୯୭ ବଲରେ ସାମ୍ନା କରିଥିବା ଶେଫାଳି ୨୩ଟି ଚୌକା ଓ ୮ଟି ଛକା ମାରିଛନ୍ତି । ଶେଫାଳି ନିଜର ୫ମ ଟେଷ୍ଟ ମ୍ୟାଚରେ ଡବଲ ଟନ୍ ହାସଲ କରିଛନ୍ତି । ଏହାପୂର୍ବରୁ ତାଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର ୯୬ ରନ ରହିଥିଲା ।

ଶେଫାଳି ଦ୍ୱିତୀୟ ଭାରତୀୟ ଭାବେ ମହିଳା ଟେଷ୍ଟ କ୍ରିକେଟର ଦୁଇ ଶତକ ହାସଲ କରିଛନ୍ତି । ତାଙ୍କ ପୂର୍ବରୁ ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ମିତାଲି ରାଜ୍ ପ୍ରାୟ ୨୨ ବର୍ଷ ତଳେ ଡବଲ ଟନ୍ ହାସଲ କରିଥିଲେ । ସେ ୨୦୨୨ ମସିହାରେ ଇଂଲଣ୍ଡ ବିପକ୍ଷ




ଟେଷ୍ଟରେ ୪୦୭ ବଲରେ ୨୧୪ ରନର ଇନିଂସ ଖେଳିଥିଲେ ।

ଶେଫାଳିଙ୍କ ରେକର୍ଡ ବ୍ରେକିଂ ଡବଲ ଟନ୍ ଯୋଗୁ ଭାରତୀୟ ମହିଳା ଦଳ ଟେଷ୍ଟ କ୍ରିକେଟର ନୂଆ ଇତିହାସ ରଚିଛି । ଶେଫାଳିଙ୍କ ବ୍ୟତୀତ ସ୍ମୃତି ମନ୍ଧାନା ମଧ୍ୟ ୧୬୧ ବଲରେ ୧୪୯ ରନର ଇନିଂସ ଖେଳିଛନ୍ତି । ଉଭୟ ପ୍ରଥମ ଓ୍ୱିକେଟ ପାଇଁ ମାତ୍ର ୫୨ ଓଭରରେ ୨୯୨ ରନର ଯୋଡ଼ିଥିଲେ । ଏହା ମଧ୍ୟ ଏକ ରେକର୍ଡ ଏହା ପୂର୍ବରୁ ଭାରତ କେବେ ହେଲେ ଟେଷ୍ଟ କ୍ରିକେଟରେ ପ୍ରଥମ ଓ୍ୱିକେଟ ପାଇଁ ଏତେ ରନ ଯୋଡ଼ି ନଥିଲା । ଭାରତ ସେହିପରି ପ୍ରଥମଥର ପାଇଁ ଦୁଇ ଜଣା ଯାକ ଓପନର ୧୦୦ରୁ ଅଧିକ ରନ କରିଛନ୍ତି ।

ଶେଫାଳି ଓ ମନ୍ଧାନାଙ୍କ ଦମ୍‌ଦାର ବ୍ୟାଟିଂ ଯୋଗୁ ଭାରତ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୪ ଓ୍ୱିକେଟ ହରାଇ ୫୨୫ ରନ କରି ନେଇଛି । ଏପରି ସ୍କୋର ପରେ ଭାରତୀୟ ମହିଳା ଦଳ ୮୯ ବର୍ଷର ରେକର୍ଡ ଭାଙ୍ଗିଛି । କୌଣସି ଟେଷ୍ଟରେ ପ୍ରଥମ ଦିନରେ ଏତେ ସ୍କୋର କେବେ ହୋଇ ନଥିଲା । ଶେଷଥର ପାଇଁ ଇଂଲଣ୍ଡ ମହିଳା ଦଳ ୧୯୩୫ରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟର ପ୍ରଥମ ଦିନରେ ୨ ଓ୍ୱିକେଟ ହରାଇ ୪୩୧ ରନ କରିଥିଲା । ହେଲେ ଭାରତୀୟ ମହିଳା ଦଳ ଏହାଠାରୁ ଅଧିକ ୯୪ ରନ କରି ନେଇଛି ।

ଭାରତ ପାଇଁ ଶେଫାଳି ୨୦୫ ରନ, ମନ୍ଧାନା ୧୪୯ ରନ, ଶୁଭା ସତୀଶ ୧୫ ରନ, ଜେମିମା ରୋଡ୍ରିଗସ୍ ୫୫ ରନ କରି ପ୍ରଥମ ଦିନରେ ଆଉଟ ହୋଇଛନ୍ତି । ପ୍ରଥମ ଦିନର ଷ୍ଟମ୍ପ୍ ଅପସାରଣ ବେଳକୁ ଅଧିନାୟକ ହରମନପ୍ରୀତ କୌର ୭୬ ବଲରେ ୪୨ ଓ ଓ୍ୱିକେଟ କିପର ରିଚ୍ଚ ଘୋଷ ୩୩ ବଲରେ ୪୩ ରନ କରି ଅପରାଜିତ ରହିଥିଲେ ।

ଦକ୍ଷିଣ ଆଫ୍ରିକା ମହିଳା ଟିମ୍ ୭ ଜଣ ବୋଲରଙ୍କୁ ଚେନ୍ନାଇର ଚିଦାମ୍ବରମ ଷ୍ଟାଡିମୟରେ ବ୍ୟବହାର କରିଥିଲେ ହେଁ କେହି ବି ଭାରତୀୟ ବ୍ୟାଟରଙ୍କୁ ଆଦୌ ଅଡୁଆରେ ପକାଇ ପାରି ନାହାନ୍ତି ।

## ବୁମ୍‌ରା ମୋଠାରୁ ହଜାରେ ଗୁଣ ଭଲ : କପିଳ ଦେବ

**ନୂଆଦିଲ୍ଲୀ**

ଭାରତୀୟ ଦଳର ତାରକା ବୋଲର ଯଶପ୍ରୀତ ବୁମ୍‌ରାଙ୍କୁ ବିଶ୍ୱବିଜୟୀ ଅଧିନାୟକ ତଥା ନିଜ ସମୟର ଅନ୍ୟତମ ଦୁର୍ଦ୍ଧର୍ଷ ଦ୍ରୁତ ବୋଲର କପିଳ ଦେବ ଭୂୟସୀ ପ୍ରଶଂସା କରିଛନ୍ତି । ଏପରିକି ବୁମ୍‌ରା ତାଙ୍କଠାରୁ ହଜାରେ ଗୁଣ ଭଲ ବୋଲି ଏକ ସାକ୍ଷାତ୍‌କାରରେ କହିଛନ୍ତି । ବୁମ୍‌ରା ମୋଠାରୁ ହଜାରେ ଗୁଣ ଭଲ ବୋଲର । ଏହି ଯୁବ ତାରକାମାନେ ଆମମାନଙ୍କଠାରୁ ଢେର ପ୍ରତିଭା-ବାନ । ଆମ ପାଖରେ ଅଧିକ ଅଭିଜ୍ଞତା ଥିଲା ହେଲେ ତୁଳନାତ୍ମକ ଭାବେ ସେମାନେ ଆମଠାରୁ ଅଧିକ ପ୍ରତିଭାଶାଳୀ ବୋଲି କପିଳ ମତ ଦେଇଛନ୍ତି । ସାମ୍ପ୍ରତିକ ସମୟର ଶ୍ରେଷ୍ଠ ଦ୍ରୁତ ବୋଲର ଆଖ୍ୟା ପାଇଥିବା ବୁମ୍‌ରା ୨୬ ଟେଷ୍ଟ ଖେଳି ୧୫୯ ଓ୍ୱିକେଟ ନେଇଥିଲା ବେଳେ ତାଙ୍କ ରନ ବ୍ୟୟ ହାର ୩ ତଳେ ରହିଛି । ସେହିଭଳି ୮୯ ଦିନିକିଆରୁ ଅଣପାରମ୍ପରିକ ବୋଲିଂ ଶୈଳୀ ପାଇଁ ଚର୍ଚ୍ଚିତ ବୁମ୍‌ରା ୧୪୯ ଓ୍ୱିକେଟ କରାୟତ୍ତ କରିଛନ୍ତି । ଅନ୍ୟପକ୍ଷରେ କପିଳଙ୍କୁ ଅନେକ ସର୍ବକାଳୀନ ଶ୍ରେଷ୍ଠ ଅଲ୍‌ରାଉଣ୍ଡର୍‌ର ମାନ୍ୟତା ଦେଇଥାନ୍ତି । ଟେଷ୍ଟ କ୍ରିକେଟ୍‌ରେ ସେ ୪୩୪ ଓ ଦିନିକିଆରେ ୨୫୩ ଓ୍ୱିକେଟ ଅକ୍ତିଆର କରିଛନ୍ତି । ୬୫ ବର୍ଷୀୟ କପିଳଙ୍କ ନେତୃତ୍ୱରେ ଭାରତ ପ୍ରଥମ ଥର ପାଇଁ ୧୯୮୩ ମସିହାରେ ଏକଦିବସୀୟ ବିଶ୍ୱକପ ଜିତିଥିଲା ।

# ସେମିଫାଇନାଲରେ ଜିତିବା ପରେ ପନ୍ତଙ୍କୁ ଖାସ୍ ମେଡ଼ାଲ ଦେଲେ ଦୀନେଶ କାର୍ତ୍ତିକ

**ନୂଆଦିଲ୍ଲୀ**

ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଗୁରୁବାର ଟି-୨୦ ବିଶ୍ୱକପ ୨୦୨୪ର ସେମିଫାଇନାଲ ଖେଳାଯାଇଥିଲା, ଯେଉଁଥିରେ ଭାରତ ଏହି ମ୍ୟାଚ୍‌କୁ ଏକ ବଡ଼ ବ୍ୟବଧାନରେ ଜିତି ନେଇଛି । ଏହି ବିଜୟ ପରେ ଟିମ୍ ଇଣ୍ଡିଆ ଟି-୨୦ ବିଶ୍ୱକପ ୨୦୨୪ର ଫାଇନାଲରେ ପ୍ରବେଶ କରିଛି । ବର୍ତ୍ତମାନ ଏହି ଟୁର୍ଣ୍ଣାମେଣ୍ଟର ଅନ୍ତିମ ମ୍ୟାଚ୍ ୨୯ଜୁନରେ ଦକ୍ଷିଣ ଆଫ୍ରିକା ଏବଂ ଭାରତ ମଧ୍ୟରେ ଖେଳାଯିବ । ସେମିଫାଇନାଲ ମ୍ୟାଚରେ ଭାରତ ଜବରଦସ୍ତ ଫିଲ୍ଡିଂ ପ୍ରଦର୍ଶନ କରିଥିଲା, ଯେଉଁଥିରେ ଦୁଇଟି ରନ ଆଉଟ ଉଇକେଟ୍ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା ।

ସେମିଫାଇନାଲ ମ୍ୟାଚ ଜିତିବା ପରେ ଟିମ୍ ଇଣ୍ଡିଆର ଡ୍ରେସିଂ ରୁମ୍‌ରେ ଫିଲ୍ଡର ଅଫ ମ୍ୟାଚ୍ ଘୋଷଣା କରାଯାଇଥିଲା ଏବଂ ଯୋଗ୍ୟ ବ୍ୟକ୍ତିଙ୍କୁ ପଦକ ପ୍ରଦାନ କରାଯାଇଥିଲା । ଏଥିପାଇଁ ଦଳର ଫିଲ୍ଡିଂ କୋଚ୍ ଟି. ଦିଲୀପ ଦଳକୁ ସମ୍ବୋଧିତ କରି ଖେଳାଳିଙ୍କ ପାରସ୍ପରିକ ସମନ୍ୱୟକୁ ପ୍ରଶଂସା କରିଥିଲେ । ଦିଲୀପ ପୂର୍ବତନ କ୍ରିକେଟର ଦୀନେଶ କାର୍ତ୍ତିକଙ୍କୁ ଏହି ଟୁର୍ଣ୍ଣାମେଣ୍ଟରେ ଫିଲ୍ଡର ଅଫ ମ୍ୟାଚ୍ ମେଡାଲ ପ୍ରଦାନ କରିବାକୁ



ଡାକିଥିଲେ । ଆଉ ଦୀନେଶ କାର୍ତ୍ତିକ ରିଷଭ ପନ୍ତଙ୍କୁ ଏହି ମେଡାଲ ପ୍ରଦାନ କରିଥିଲେ, ଯାହାର ଫଟୋ ଏବେ ଭାଇରାଲ ହେଉଛି । ଦୀନେଶ ରିଷଭଙ୍କୁ ନେଇ କହିଛନ୍ତି, ଅନେକେ ଆଶା କରିନଥିଲେ ଯେ ସେ ଏତେ ଶୀଘ୍ର ଖେଳି ପାରିବେ । କିନ୍ତୁ ପଡ଼ିଆରେ ସେ କିପରି ପ୍ରଦର୍ଶନ କରିଛନ୍ତି ତାହା ଦେଖି ସମସ୍ତେ ପ୍ରଭାବିତ ହୋଇଯାଇଛନ୍ତି ।

# ଜାତୀୟ କନିଷ୍ଠ ରଗ୍‌ବି ସେଭେନ୍ସରେ ଓଡ଼ିଶାକୁ ସ୍ୱର୍ଣ୍ଣ




**ଭୁବନେଶ୍ୱର**

ଓଡ଼ିଶା ବାଳକ ଦଳ ଜାତୀୟ କନିଷ୍ଠ ରଗ୍‌ବି ସେଭେନ୍ସରେ ବିଜେତା ହୋଇ ସ୍ୱର୍ଣ୍ଣ ପଦକ ଜିତିଛି । ପୁଣେର ଛତ୍ରପତି ଶିବାଜୀ ସ୍ପୋର୍ଟସ କଂପ୍ଲେକ୍ସରେ ଆୟୋଜିତ ଏହି ଦୁଇ ଦିନିଆ ପ୍ରତିଯୋଗିତାର ଫାଇନାଲ୍‌ରେ ଓଡ଼ିଶା ୧୦-୫ରେ ରାଜସ୍ଥାନକୁ ପରାସ୍ତ କରିଥିଲା । ଏହା ପୂର୍ବରୁ ଓଡ଼ିଶା ସେମିଫାଇନାଲ୍‌ରେ ୧୭-୭ରେ ବିହାରକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଥିଲା । ଏହି ପ୍ରତିଯୋଗିତା ଲାଗି ୧୨ ଜଣିଆ ଓଡ଼ିଶା ଦଳ ମହାରାଷ୍ଟ୍ର ଗସ୍ତ କରିଥିଲା । ସୂଚନାଯୋଗ୍ୟ ଯେ ପୁଲ୍-ସିରେ ସ୍ଥାନ ପାଇଥିବା ଓଡ଼ିଶା ପୂର୍ବରୁ ଲିଗ୍ ପର୍ଯ୍ୟାୟରେ ଆସାମକୁ ୪୮-୦, ତାମିଲନାଡ଼ୁକୁ ୫୮-୦ ଓ କେରଳକୁ ୨୯-୦ରେ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଥିଲା । ଏହି ସଫଳତା ଲାଗି ଓଡ଼ିଶା ରଗ୍‌ବି ଫୁଟବଲ ସଂଘର ସଂପାଦକ ଉପେନ୍ଦ୍ର କୁମାର ମହାନ୍ତି ରାଜ୍ୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି ।

## ପିଆଇବି ପକ୍ଷରୁ ନୂଆ ଅପରାଧିକ ଆଇନ ସମ୍ପର୍କିତ କର୍ମଶାଳା

# ମାନବାଧିକାର ସୁରକ୍ଷାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ : ଅଗ୍ନିଶମ ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ

**ଭୁବନେଶ୍ୱର, ପିଆଇବି**

ଦେଶରେ ନୂଆ ଅପରାଧିକ ଆଇନ ଲାଗୁ ହେବା ପରିପ୍ରେକ୍ଷୀରେ ଗଣମାଧ୍ୟମର ଭୂମିକା ବୃଦ୍ଧି ପାଇଛି । ମାନବାଧିକାର ସୁରକ୍ଷା କ୍ଷେତ୍ରରେ ଗଣମାଧ୍ୟମର ଗୁରୁଦାୟିତ୍ୱ ରହିଥିବା କାରଣରୁ ସାମ୍ବାଦିକମାନେ ଦାୟିତ୍ୱପୂର୍ଣ୍ଣ ଖବର ପ୍ରସାରଣ କରିବା ଉଚିତ ବୋଲି କହିଛନ୍ତି ରାଜ୍ୟ ଅଗ୍ନିଶମ ମହାନିର୍ଦ୍ଦେଶକ, କମାଣ୍ଡାଣ୍ଟ ଜେନେରାଲ (ଗୃହରକ୍ଷୀ), ନିର୍ଦ୍ଦେଶକ (ବେସାମରିକ ପ୍ରତିରକ୍ଷା) ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ ।

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ପକ୍ଷରୁ ତିନୋଟି ନୂଆ ଅପରାଧିକ ଆଇନ ଉପରେ ଆୟୋଜିତ ଗଣମାଧ୍ୟମ କର୍ମଶାଳା ବାର୍ତ୍ତାଳାପ ରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଡକ୍ଟର ଷଡ଼ଙ୍ଗୀ ସରକାରଙ୍କ ଦ୍ୱାରା ଅଣାଯାଇଥିବା ନୂଆ ଅପରାଧିକ ଆଇନକୁ ସ୍ୱାଗତ କରିଥିଲେ । ସେ କହିଥିଲେ, ଆସନ୍ତା ଜୁଲାଇ ପହିଲାରୁ ଦେଶରେ ତିନୋଟି ନୂଆ ଅପରାଧିକ ଆଇନ ଲାଗୁ ହେବାକୁ ଯାଉଛି । ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ହେଉଛି ସ୍ୱାଧୀନ ଭାରତର ନିଜସ୍ୱ ନ୍ୟାୟିକ ଆଇନ । ଏଥିରେ ଦୁଇଟି ଭଲ ଦିଗ ରହିଛି । ପ୍ରଥମଟି ହେଉଛି ତଦନ୍ତ ଓ ନ୍ୟାୟ ପ୍ରଦାନ କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ, ଯାହାର ସୁଫଳ ନିଶ୍ଚିତ ଭାବେ ନାଗରିକମାନଙ୍କୁ ମିଳିପାରିବ । ଦ୍ୱିତୀୟ ଦିଗଟି ହେଉଛି ବିଭିନ୍ନ



ମାମଲାର ସମାଧାନ ପାଇଁ ସମୟ ନିର୍ଦ୍ଧାରଣ କରିବା ପୂର୍ବରୁ ଥିବା ବ୍ୟବସ୍ଥାରେ ନ୍ୟାୟ ପ୍ରଦାନରେ ବିଳମ୍ବ ହେଉଥିଲା । ତାରିଖ ଉପରେ ତାରିଖ ଗଡ଼ି ଚାଲିଥିଲା । ନୂଆ ଆଇନରେ ମାମଲାର ତଦନ୍ତ ଓ ନ୍ୟାୟ ପ୍ରଦାନ ପାଇଁ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରାଯାଇଛି, ଯଦ୍ଦ୍ୱାରା ନ୍ୟାୟ ପ୍ରଦାନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ।

ବରିଷ୍ଠ ପୁଲିସ ଅଧିକାରୀ ଡକ୍ଟର ଷଡ଼ଙ୍ଗୀ ଆହୁରି କହିଥିଲେ, ନୂଆ ଆଇନକୁ ଭଲ ଭାବେ କାର୍ଯ୍ୟକାରୀ କରିବାକୁ ହେଲେ ଅଧିକ ମାନବ ସମ୍ବଳ ଆବଶ୍ୟକ ହେବ । ପୁଲିସ କର୍ମଚାରୀ ଓ ଆଇନଜୀବୀମାନଙ୍କୁ ନୂଆ ଆଇନ ବିଷୟରେ ପ୍ରଶିକ୍ଷଣ ଦେବାକୁ ହେବ । କିଛି ମାସ ମଧ୍ୟରେ ନୂଆ ଆଇନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରିବ ବୋଲି ଡକ୍ଟର ଷଡ଼ଙ୍ଗୀ ଆଶା ବ୍ୟକ୍ତ କରିଥିଲେ । ସେହିପରି ମାମଲାର ତଦନ୍ତ ପ୍ରକ୍ରିୟାକୁ ରେକର୍ଡିଂ କରିବାର ବ୍ୟବସ୍ଥା ଫଳରେ ତଦନ୍ତ ପ୍ରକ୍ରିୟା ଅଧିକ ପ୍ରଭାବୀ ହେବ । ପ୍ରକୃତ ଦୋଷୀ ଦଣ୍ଡିତ ହେବେ ଏବଂ ନିର୍ଦ୍ଦୋଷ ସୁରକ୍ଷା ପାଇପାରିବେ । ଅନୁରୂପ ଭାବେ ମହିଳା ଓ ଶିଶୁ ସୁରକ୍ଷା ଏବଂ ମାନବ ଚାଲାଣ ଭଳି ଅପରାଧ ପାଇଁ ଏହି ଆଇନରେ ପୀଡ଼ିତଙ୍କୁ ସୁରକ୍ଷା ଦେବା ସହିତ ଦୋଷୀକୁ ଦଣ୍ଡବିଧାନ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇଥିବା ସେ କହିଥିଲେ ।

ସାତ ବର୍ଷରୁ କମ୍ ଦଣ୍ଡବିଧାନ ବ୍ୟବସ୍ଥା ରହିଥିବା ଛୋଟ ଛୋଟ ଅପରାଧ ସ୍ୱୀକାର କରିବା କ୍ଷେତ୍ରରେ ଦୋଷୀଙ୍କ ଜେଲ ଦଣ୍ଡାଦେଶ ହ୍ରାସ କରିବା ଲାଗି ନୂଆ ଆଇନରେ ରହିଥିବା ବ୍ୟବସ୍ଥାକୁ ଡକ୍ଟର ଷଡ଼ଙ୍ଗୀ ସ୍ୱାଗତ କରିଥିଲେ । ଏହାଦ୍ୱାରା ପ୍ରଥମ ଥର ଅପରାଧ କରିଥିବା ଦୋଷୀ ଉପକୃତ ହେବେ ଏବଂ ତ୍ୱରିତ ନ୍ୟାୟ ପ୍ରଦାନ ସୁବିଧାଜନକ ହେବ ବୋଲି ସେ କହିଥିଲେ । ଡକ୍ଟର ଷଡ଼ଙ୍ଗୀ ଆହୁରି କହିଥିଲେ, ଜେଲରେ ଥିବା ବହୁ ଗରିବ ଲୋକ ପାଖରେ ଟଙ୍କା ନଥିବା କାରଣରୁ ଓକିଲଙ୍କୁ ନିୟୋଜିତ କରି ଜାମିନ ପାଇପାରୁନଥିଲେ । ନୂଆ ଆଇନରେ ଏଭଳି ଗରିବ ଲୋକଙ୍କୁ ଓକିଲଙ୍କ ସହାୟତା ବିନା ଜାମିନ ଦେବାର ବ୍ୟବସ୍ଥା କରାଯାଇଛି । ଏଭଳି ଲୋକଙ୍କ ଜାମିନ ପାଇଁ ଜେଲ ଅଧୀକ୍ଷକ ଅଦାଲତଙ୍କୁ ସୂଚୀତ କରିବାର ବ୍ୟବସ୍ଥା ନୂଆ ଆଇନରେ କରାଯାଇଥିବା ଡକ୍ଟର ଷଡ଼ଙ୍ଗୀ କହିଥିଲେ । ବିଚାରଧୀନ କଏଦୀଙ୍କ ସଂଖ୍ୟା ହ୍ରାସ ପାଇଁ ଏହା ଏକ ଭଲ ବ୍ୟବସ୍ଥା ବୋଲି ସେ ସୂଚାଇଥିଲେ ।

ଡକ୍ଟର ଷଡ଼ଙ୍ଗୀ କହିଥିଲେ, ମହିଳାଙ୍କୁ କାର୍ଯ୍ୟ କ୍ଷେତ୍ରରେ ଯୌନ ନିର୍ଯାତନା, ଶିଶୁ ଓ ମହିଳା ଚାଲାଣ, ଆତଙ୍କବାଦ, ଭିଡ଼ ହିଂସା, ଏସିଡ୍ ଆକ୍ରମଣ ସମେତ ସାଇବର ଅପରାଧ, ବାଲି ମାଫିଆ, ପଥର ମାଫିଆ ଭଳି ସଂଗଠିତ ଅପରାଧ ଓ ଛିନତାଇ ବିରୋଧରେ ଆଇନକୁ କଠୋର କରାଯାଇଛି । ଜିରୋ ଏଫଆଇଆର ବ୍ୟବସ୍ଥା ଦ୍ୱାରା ଯେକୌଣସି ଥାନାରେ ମାମଲା ରୁଜୁ କରାଯାଇପାରିବ, ଯାହାକି ପୀଡ଼ିତମାନଙ୍କୁ ବେଶ ସୁବିଧା ପ୍ରଦାନ କରିବ ବୋଲି ସେ କହିଥିଲେ ।

ସେ ଆହୁରି ସୂଚନା ଦେଇଥିଲେ ଯେ ପୂର୍ବରୁ ସିଆରପିସିରେ ୪୮୪ଟି ଧାରା ରହିଥିଲା ବେଳେ ବର୍ତ୍ତମାନ ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ୫୩୧ଟି ଧାରା ରହିଛି । ଆଇପିସିରେ ୫୧୧ଟି ଧାରା ଥିବା ବେଳେ ଭାରତୀୟ ନ୍ୟାୟ ସଂହିତାରେ ୩୫୮ଟି ଧାରାକୁ ସାମିଲ କରାଯାଇଛି । ଅନ୍ୟପକ୍ଷରେ ପୁରୁଣା ଇଣ୍ଡିଆନ ଏଭିଡେନ୍ସ ଆକ୍ଟରେ ୧୭୦ ଟି ଧାରା ଥିବା ବେଳେ ଭାରତୀୟ ସାକ୍ଷ୍ୟ ଅଧିନିୟମରେ ୧୬୭ ଧାରା ରହିଛି । ଡକ୍ଟର ଷଡ଼ଙ୍ଗୀ କାର୍ଯ୍ୟକ୍ରମରେ ଉପସ୍ଥିତ ସାମ୍ବାଦିକ ଓ ବୁଦ୍ଧିଜୀବୀମାନଙ୍କୁ ନୂଆ ଆଇନ ବିଷୟରେ ଅଧିକ ସଚେତନ ହେବା ପାଇଁ ପରାମର୍ଶ ଦେଇଥିଲେ ।

କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଓ ପିଆଇବି ନିର୍ଦ୍ଦେଶକ ତଥା ଚଳଚ୍ଚିତ୍ର ପ୍ରମାଣନ ବୋର୍ଡର ଆଞ୍ଚଳିକ ମୁଖ୍ୟ ଡକ୍ଟର ଗିରିଶ ଚନ୍ଦ୍ର ଦାଶ କହିଥିଲେ, ଦେଶରେ ତିନୋଟି ନୂଆ ଅପରାଧିକ ଆଇନ ଲାଗୁ ହେବା ଐତିହାସିକ । ଏ ସମ୍ପର୍କରେ ଗଣମାଧ୍ୟମ ଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସବୁ ଅଂଶୀଦାର ସଚେତନ ହେବା ଉଚିତ । ନୂଆ ଆଇନର ପ୍ରମୁଖ ଉଦ୍ଦେଶ୍ୟ – ଦଣ୍ଡ ଦେବା ନୁହେଁ, ବରଂ ନ୍ୟାୟ ପ୍ରଦାନ କରିବା ବୋଲି ସେ ଗୁରୁତ୍ୱାରୋପ କରିଥିଲେ ।

ପିଆଇବିର ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିଲେ । ପିଆଇବି ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି ଧନ୍ୟବାଦ ଅର୍ପଣ କରିଥିଲେ । କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋର ଅଧିକାରୀ ମହେନ୍ଦ୍ର ପ୍ରସାଦ ଜେନା ଓ ପିଆଇବିର ସୂଚନା ଅଧିକାରୀ ସ୍ୱାଧୀନ ଶକ୍ତିପ୍ରସାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସାମ୍ବାଦିକ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ତୃଣମୂଳ ସ୍ତରରେ ଲୋକମାନଙ୍କ ନିକଟରେ ପହଞ୍ଚିବା ଲାଗି ଗଣମାଧ୍ୟମ ଏବଂ ସରକାରଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନର ଏକ ମାଧ୍ୟମ ଭାବେ ପିଆଇବି ପକ୍ଷରୁ ବାର୍ତ୍ତାଳାପ କର୍ମଶାଳା ଆୟୋଜନ କରାଯାଇଥାଏ ।

## ଡୋପ୍ ଜାଲରେ ଜାଭେଲିନ୍ ଥ୍ରୋୟର ମନୁ

**ପଞ୍ଚକୁଲା (ହରିୟାଣା)**

ଜାଭେଲିନ ଥ୍ରୋୟର ଡିପି ମନୁଙ୍କୁ ପ୍ରତିଯୋଗିତାରୁ ଦୂରେଇ ରଖିବା ଲାଗି ନ୍ୟାସନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ନିର୍ଦ୍ଦେଶ ପ୍ରଦାନ କରିବା ସେ ଡୋପ୍ ଜାଲରେ ପଡ଼ିଥିବା ସନ୍ଦେହ କରାଯାଉଛି ।



୨୦୨୩ ଏସିଆନ ଚାମ୍ପିୟନସିପ୍‌ରେ ଏକ ରୌପ୍ୟ ଜିତିଥିବା ୨୪ ବର୍ଷୀୟ ମନୁ ବିଶ୍ୱ ର୍‍ୟାଙ୍କିଙ୍ଗ ଭିତ୍ତିରେ ଅଲିମ୍ପିକ କ୍ୱାଲିଫାଏ କରିବା ନିଶ୍ଚିତ ଥିଲା । ମାତ୍ର ସଦ୍ୟତମ ପରିସ୍ଥିତିକୁ ନେଇ ସେ ପ୍ୟାରିସ ଗେମ୍ସରୁ ବଞ୍ଚିତ ହେବାକୁ ଯାଉଛନ୍ତି । ଗୁରୁବାରଠାରୁ ଆରମ୍ଭ ହୋଇଥିବା ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନସିପ୍‌ରେ ଭାଗ ନେଉଥିବା ଆଥ୍‌ଲେଟମାନଙ୍କ ପ୍ରଥମ ତାଲିକା ଡିପି ମନୁଙ୍କ ନାମ ରହିଥିଲା । ମାତ୍ର ପରେ ତାଙ୍କୁ ଏଥିରୁ ବାଦ୍ ଦିଆଯାଇଛି । ଏଏଫ୍‌ଆଇ ସଭାପତି ଆଡିଲ ସୁମାରିୱାଲା କହିଛନ୍ତି, ପ୍ରତିଯୋଗିତାରୁ ମନୁଙ୍କୁ ବାଦ୍ ଦେବାଲାଗି ଫେଡେରେସନକୁ ନାଡ଼ା କହିଥିଲା । ମାତ୍ର ଆଥଲେଟ୍ ଜଣକ କୌଣସି ଡୋପିଙ୍ଗ ଅପରାଧ କରିଛନ୍ତି କି ନା ସେ ବିଷୟରେ କିଛି ସ୍ପଷ୍ଟ କରାଯାଇ ନାହିଁ । ଏଏଫ୍‌ଆଇ କାର୍ଯ୍ୟାଳୟକୁ ନାଡାରୁ ଏକ ଫୋନ୍ କଲ୍ ଆସିଥିଲା ମନୁଙ୍କୁ ଏଣିକି ପ୍ରତିଯୋଗିତାରୁ ବାରଣ କରିବା ଲାଗି ନିର୍ଦ୍ଦେଶ ଆସିଥିଲା । ସମ୍ଭବତଃ ଏହି ଆଥ୍‌ଲେଟଙ୍କ ସମ୍ପର୍କରେ ନାଡା କୌଣସି ସୂଚନା ପାଇଛି ।

ଭୁବନେଶ୍ୱର
୨୯ ଜୁନ୍
ଶନିବାର, ୨୦୨୪
RNI Regd. No. : 52640/94
Postal Regd. No. : BN/60/22-24

# ବଦଳିବ ଶ୍ରୀଜୀଉଙ୍କ ଦର୍ଶନ ବ୍ୟବସ୍ଥା : ଏଣିକି ହେବ ସ୍ଲଟ୍ ବୁକିଂ

**ପୁରୀ, ୨୮।୦୬**
**ନ୍ୟୁଜ୍‌ବ୍ୟୁରୋ**



ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ପୂର୍ବରୁ ସ୍ଲଟ୍ ବୁକିଂ କରିବାକୁ ପଡ଼ିବ। ଏହାଦ୍ୱାରା ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ନିୟନ୍ତ୍ରଣ କରାଯାଇ ପାରିବ ବୋଲି ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ କହିଛନ୍ତି। ଗଣମାଧ୍ୟମକୁ ସେ କହିଛନ୍ତି ସ୍ଲଟ୍ ବୁକିଂ ବ୍ୟବସ୍ଥା ପ୍ରଚଳନ ପାଇଁ ପ୍ରସ୍ତାବ ଦିଆଯାଇଛି। ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଗଲେ ଶ୍ରଦ୍ଧାଳୁଙ୍କୁ ଆଉ ଧାଡ଼ିରେ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ସ୍ଲଟ୍ ବୁକିଂ କରିଥିବା ଲୋକେ ଅଭ୍ୟର୍ଥନା ପ୍ରକୋଷ୍ଠରେ ଅପେକ୍ଷା କରିବେ। ଦର୍ଶନ ପାଇଁ ସେମାନଙ୍କୁ ଆଗୁଆ ଦିଆଯାଇଥିବା ସମୟ ଆସିଲେ ଭିତରକୁ ଛଡ଼ାଯିବ।

ଏଥିପାଇଁ ଆଗ୍ରହୀ ବ୍ୟକ୍ତି ନିଜ ମୋବାଇଲ ଫୋନରେ ସ୍ଲଟ୍ ବୁକିଂ କରିପାରିବେ ବୋଲି ସେ କହିଛନ୍ତି। ଶ୍ରୀମନ୍ଦିର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ପାଇଁ ରାଜ୍ୟ ସରକାର ଗଠନ କରିଥିବା ୫ ଶହ କୋଟିର କର୍ପସ୍ ପାଣ୍ଠି ଯଥେଷ୍ଟ ନୁହେଁ ବୋଲି ଗଜପତି ମହାରାଜ କହିଛନ୍ତି। କର୍ପସ ପାଣ୍ଠି ପରିମାଣ ବୃଦ୍ଧି କରାଯିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ସେ କହିଲେ ଶ୍ରୀଜଗନ୍ନାଥ ମନ୍ଦିରରୁ ପ୍ରତ୍ୟେକ ଦିନ ଯେତିକି ଆୟ ହେଉଛି ତାହା ଦୈନନ୍ଦିନ ଖର୍ଚ୍ଚ ଭରଣା ପାଇଁ ଯଥେଷ୍ଟ ନୁହେଁ। ତେଣୁ ରାଜ୍ୟ ସରକାରଙ୍କ ଆର୍ଥିକ ଅନୁଦାନ ଉପରେ ନିର୍ଭର କରିବାକୁ ପଡୁଛି। ମହାପ୍ରଭୁଙ୍କ ନାମରେ ରାଜ୍ୟ ଏବଂ ରାଜ୍ୟ ବାହାରେ ରହିଥିବା ବିବାଦମୁକ୍ତ ଭୂସମ୍ପତ୍ତିଗୁଡ଼ିକୁ ବିକ୍ରି କରାଯାଇ ଏହି ଅର୍ଥ କର୍ପସ ପାଣ୍ଠିରେ ଜମା ରଖାଯିବାକୁ ସେ ପରାମର୍ଶ ଦେଇଛନ୍ତି। ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ମହାପ୍ରଭୁଙ୍କ ସେବାପୂଜା ପାଇଁ ସରକାରଙ୍କ ଉପରେ ଆଉ ନିର୍ଭର କରିବାକୁ ପଡ଼ିବ ନାହିଁ ବୋଲି ସେ କହିଛନ୍ତି।



ପୁରୀ : ବିଶ୍ୱନିୟନ୍ତାଙ୍କ ରଥଯାତ୍ରା ପାଇଁ ସରି ସରି ଆସୁଛି ରଥ ନିର୍ମାଣ କାର୍ଯ୍ୟ। (ଫଟୋ : ସମ୍ବାଦ କଳିକା)



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।



ନୂଆଦିଲ୍ଲୀ : କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ୍‌ଙ୍କୁ ପୃଥକ ପୃଥକ ଭାବେ ସୌଜନ୍ୟ ମୂଳକ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

# ପୁରୀ ହେବ ଭାରତର ସର୍ବଶ୍ରେଷ୍ଠ ତୀର୍ଥ କ୍ଷେତ୍ର

**ପୁରୀ, ୨୮।୦୬: ନ୍ୟୁଜ୍‌ବ୍ୟୁରୋ**



ଶ୍ରୀକ୍ଷେତ୍ରକୁ ଭାରତ ବର୍ଷର ସର୍ବଶ୍ରେଷ୍ଠ ତୀର୍ଥ କ୍ଷେତ୍ର ଭାବେ ପରିଗଣିତ କରାଯିବ ବୋଲି କହିଛନ୍ତି ଆଇନ,ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର ଅପରାହ୍ନରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପୁରୀ ଗସ୍ତରେ ଆସି ରଥଯାତ୍ରା ଆୟୋଜନ ସମ୍ପର୍କରେ କ୍ଷେତ୍ର ପରିଦର୍ଶନ ଓ ଅନୁଧ୍ୟାନ କରିଛନ୍ତି। ସର୍କିଟ ହାଉସ ଠାରେ ପହଞ୍ଚି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହ ଆଲୋଚନା କରିବା ପରେ ସମଗ୍ର ପାର୍କିଂ ସ୍ଥାନ ପରିଦର୍ଶନ କରିଥିଲେ। ଶ୍ରଦ୍ଧାଳୁମାନଙ୍କ ଗାଡି ସେଠାରେ ପାର୍କିଂ ବ୍ୟବସ୍ଥା କରାଯାଇଥିବାରୁ ବିଭିନ୍ନ ଆବଶ୍ୟକୀୟ ସୁବିଧା ପ୍ରସ୍ତୁତ ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହା ପରେ ଗଦାଧର ହାଇସ୍କୁଲ ଓ ପରେ ଶ୍ରୀମନ୍ଦିର ନିକଟରେ ଅତିଥିମାନଙ୍କ ପ୍ରସ୍ତାବିତ ବସିବା ସ୍ଥାନକୁ ଅନୁଧ୍ୟାନ କରିଥିଲେ। ସିଂହଦ୍ୱାର ଠାରୁ ବଡ଼ଦାଣ୍ଡରେ ଯେପରି ଶ୍ରଦ୍ଧାଳୁମାନେ ସୁବିଧାରେ ରହି ମହାପ୍ରଭୁଙ୍କୁ ଦର୍ଶନ କରିବେ ଓ ରଥ ଟାଣିବେ ସେଥିନେଇ ମନ୍ତ୍ରୀ ତାହାର ଅନୁଧ୍ୟାନ କରିଥିଲେ।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ସରକାର ଓ ପ୍ରଶାସନର ଯୋଜନା ମୁତାବକ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ଚାଲିଛି। ସେହିପରି ପୂର୍ବ ବର୍ଷ ତୁଳନାରେ ଚଳିତ ରଥଯାତ୍ରାରେ ଅଧିକ ଭକ୍ତଙ୍କ ସମାବେଶକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ ଭାବେ କରାଯାଉଛି। ମହାପ୍ରଭୁଙ୍କ ଦର୍ଶନକୁ ଅଧିକ ଶୃଙ୍ଖଳିତ ଭାବେ କରିବା ପାଇଁ ରଥଯାତ୍ରା ପରେ ସମସ୍ତଙ୍କ ପରାମର୍ଶ ନିଆଯାଇ ଉପଯୁକ୍ତ ପଦକ୍ଷେପ ନିଆଯିବ। ଏହି ପରିଦର୍ଶନରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର, ପୂର୍ତ୍ତ ବିଭାଗ ଅତିରିକ୍ତ ସଚିବ ପ୍ରଦୀପ କୁମାର ସାହୁ, ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ବିନୟ କୁମାର ଦାଶ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌରନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମି ରଞ୍ଜନ ସାହୁ ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ଏବଂ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ଉପସ୍ଥିତରହି ମନ୍ତ୍ରୀଙ୍କୁ ଅଭିବାଦନ ଜଣାଇଥିଲେ।

## ଭୁଶୁଡିଲା ଦିଲ୍ଲୀ ବିମାନ ବନ୍ଦର ଟର୍ମିନାଲ ଛାତ

**ନୂଆଦିଲ୍ଲୀ, ୨୮।୦୬**

ଭୁଶୁଡିଲା ଦିଲ୍ଲୀ ବିମାନବନ୍ଦରର ଛାତ। ଜାତୀୟ ରାଜଧାନୀ ଦିଲ୍ଲୀରେ କିଛି ଦିନ ହେବ ଲଗାଣ ବର୍ଷା ଜାରି ରହିଥିବା ବେଳେ ଏହାମଧ୍ୟରେ ଦିଲ୍ଲୀ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ବଡ ଧରଣର ଅଘଟଣ ଘଟିଛି। ବିମାନବନ୍ଦରର ଟର୍ମିନାଲ-୧ ର ଛାତ ଭୁଶୁଡି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୬ଜଣ ଗୁରୁତର ଆହତ ହୋଇଛନ୍ତି। ଏକାଧିକ ଗାଡ଼ି ଛାତ ତଳେ ଚାପି ହୋଇ କ୍ଷତିଗ୍ରସ୍ତ ହୋଇଛି।

## ଖୁବ୍ ଶୀଘ୍ର ଆରମ୍ଭ ହେବ ସୁଭଦ୍ରା ଯୋଜନା

**ଭୁବନେଶ୍ୱର, ୨୮।୬:ନ୍ୟୁଜ୍ ବ୍ୟୁରୋ**

ଖୁବ୍‌ଶୀଘ୍ର ଆରମ୍ଭ ହେବ ସୁଭଦ୍ରା ଯୋଜନା, ଯାହା ନିର୍ବାଚନରେ ପ୍ରତିଶ୍ରୁତି ଦିଆଯାଇଥିଲା ତାକୁ ବାସ୍ତବ ରୂପରେଖ ଦେବେ ସରକାର। ଶୁକ୍ରବାର ଏନେଇ ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏବେ ସୁଭଦ୍ରା ଯୋଜନାର ମୋଡାଲିଟି ତିଆରି ଚାଲିଛି, ଏହାପରେ କ୍ରିୟାନ୍ୱୟନ ପ୍ରକ୍ରିୟା ଆରମ୍ଭ ହେବ। ଶୀଘ୍ର ବାସ୍ତବ ରୂପରେଖ ଲୋକଙ୍କ ସାମ୍ନାକୁ ଆସିବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ। ଅପରପକ୍ଷେ ଗତ କିଛିଦିନ ତଳେ ସୁଭଦ୍ରା ଯୋଜନାକୁ ନେଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ, ଏବେ ସୁଭଦ୍ରା ଯୋଜନା ଡ୍ରାଫ୍ଟରେ ଅଛି। ସରକାର ଯାହା ଯୋଜନା କରିଛନ୍ତି ତା'ର ଶହେ ଦିନ ମଧ୍ୟରେ ପୁରା ରୂପରେଖ ଆସିବ। ପରେ ସେହି ଅନୁସାରେ କାର୍ଯ୍ୟ ହେବ ବୋଲି କହିଥିଲେ ଉପମୁଖ୍ୟମନ୍ତ୍ରୀ।

ଏହାଛଡ଼ା ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ସବୁ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିବ ବୋଲି ସେ ସୂଚନା ଦେଇ କହିଥିଲେ ଯେ, ମହିଳା ଓ ଶିଶୁ ବିଭାଗ ସମ୍ପୂର୍ଣ୍ଣ ଭାବେ ଏହି ଯୋଜନାକୁ ମହିଳାମାନଙ୍କ ପାଖରେ ପହଞ୍ଚାଇବା ପାଇଁ ପ୍ରସ୍ତୁତ ରହିଛି। ଆଉ ଏହି ସୁଭଦ୍ରା ଯୋଜନା ପାଇଁ ଯେଉଁ ବଜେଟର ଆବଶ୍ୟକତା ରହିଛି, ସେନେଇ କେନ୍ଦ୍ର ସରକାରଙ୍କୁ ଅବଗତ କରାଯାଇଛି।

# ବିରୋଧୀଙ୍କୁ ଉପବାଚସ୍ପତି ପଦ ବି ଦେବନି ଏନଡିଏ

**ନୂଆଦିଲ୍ଲୀ, ୨୮।୬**

୧୮ତମ ଲୋକସଭା ଅଧିବେଶନରେ ଓମ୍ ବିର୍ଲାଙ୍କୁ ବାଚସ୍ପତି ଭାବେ ଚୟନ କରାଯାଇଛି। ଏବେ ସ୍ପିକର ପରେ ଡେପୁଟି ସ୍ପିକର କିଏ ହେବେ ତା' ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଗତ ଲୋକସଭାରେ ଏହି ପଦ ଖାଲି ପଡିଥିଲା। କିନ୍ତୁ ଚଳିତ ନିର୍ବାଚନରେ ବିରୋଧୀ ଇଣ୍ଡିଆ ମେଣ୍ଟ ୨୦୧୯ ଠାରୁ ଚମତ୍କାର ପ୍ରଦର୍ଶନ କରିଛି। ଏହି କାରଣରୁ ଏବେ ସଦନରେ ବିରୋଧୀ ଉପବାଚସ୍ପତି ପ୍ରାର୍ଥୀ ଦେଇପାରିବେ। କିନ୍ତୁ ଏହାକୁ ନେଇ ସରକାର ଓ ବିରୋଧୀଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ବିରୋଧୀ ମେଣ୍ଟ ବାଚସ୍ପତି ନିର୍ବାଚନ ପୂର୍ବରୁ ବାଚସ୍ପତି ପ୍ରାର୍ଥୀଙ୍କୁ ସମର୍ଥନ ଦେବା ପଦଳରେ ଉପବାଚସ୍ପତି ପଦ ଦାବି କରିଥିଲା। କିନ୍ତୁ ସରକାର ନ ମାନିବାରୁ ବାଚସ୍ପତି ନିର୍ବାଚନ ହୋଇଥିଲା। ଏହି ନିର୍ବାଚନରେ ବିରୋଧୀଙ୍କ ପକ୍ଷରୁ କେ ସୁରେଶ ଓ ସରକାରଙ୍କ ପକ୍ଷରୁ ଓମ ବିର୍ଲା ମୁହାଁମୁହିଁ ହୋଇଥିଲେ। ସବୁଠାରୁ ବଡ଼ କଥା ହେଉଛି ସଂଖ୍ୟା କମ ଥାଇ ମଧ୍ୟ ବିରୋଧୀ ନିର୍ବାଚନକୁ ଓହ୍ଲାଇଥିଲେ। ଆଉ ବିର୍ଲା ଜିତିବା ପରେ ମଧ୍ୟ ବିରୋଧୀ ମତ ବିଭାଜନ ନେଇ ଚାପ ପକେଇ ନ ଥିଲେ।

୧୭ତମ ଲୋକସଭାରେ ଉପବାଚସ୍ପତି ପଦ ଖାଲି ରହିଥିଲା। ୧୬ତମ ଲୋକସଭାରେ ଭାଜପା ସହଯୋଗୀ ଏଆଇଏଡିଏମକେର ଏମ୍. ଥମ୍ବିଦୁରାଇଙ୍କୁ ଏହି ପଦ ମିଳିଥିଲା। କିନ୍ତୁ ଏବେ ବିରୋଧୀଙ୍କ ପାଖରେ ବହୁମତ ଥିବାରୁ ଡେପୁଟି ସ୍ପିକରକୁ ନେଇ ଦାବି ଜୋର ହେବାରେ ଲାଗିଛି। ଜାତୀୟ ଗଣମାଧ୍ୟର ରିପୋର୍ଟ ଅନୁସାରେ, ଏହି ପଦ ଭାଜପା ତା'ର ସହଯୋଗୀ ଦଳ କାହାକୁ ଦେଇପାରେ। ବିରୋଧୀଙ୍କ ଖାତାକୁ ଏହି ପଦ ନ ଯାଇପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ବିଶେଷ କଥା ହେଉଛି ଯେତେବେଳେ ୟୁପିଏ ସରକାର ଥିଲା ସେତେବେଳେ ଉପବାଚସ୍ପତି ପଦ ଭାଜପା ନେତୃତ୍ୱାଧିନ ଏନଡିଏ ପାଖରେ ରହିଥିଲା।

## କାର୍ଯ୍ୟାରମ୍ଭ କଲେ ଶିଳ୍ପମନ୍ତ୍ରୀ

**ଭୁବନେଶ୍ୱର, ୨୮।୦୬:ନ୍ୟୁଜ୍‌ବ୍ୟୁରୋ**

ଲୋକସେବା ଭବନର ପ୍ରଥମ ମହଲାର ୪ ଓ ୫ ନମ୍ବର ରୁମ୍‌ରେ ଆନୁଷ୍ଠାନିକ ଭାବେ ଆସୀନ ହୋଇ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ତାଙ୍କର କାର୍ଯ୍ୟାରମ୍ଭ କରିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ମା'ଶାରଳାଙ୍କ ପୀଠରୁ ଆସିଥିବା ବ୍ରାହ୍ମଣମାନଙ୍କ ଦ୍ୱାରା ମନ୍ତ୍ର, ପୂଜାପାଠ ଓ ହୋମଯଜ୍ଞ କରାଯାଇଥିଲା। ମା'ଲକ୍ଷ୍ମୀ ଓ ପ୍ରଭୁ ବିଶ୍ୱକର୍ମାଙ୍କ ଆଶୀର୍ବାଦ ତଥା ବ୍ରାହ୍ମଣମାନଙ୍କ ଠାରୁ ଆଶିଷ ନେଇ ମନ୍ତ୍ରୀ ତାଙ୍କ କାର୍ଯ୍ୟାରମ୍ଭ କରିବା ସହ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।


ପ୍ରକାଶ ଅପେକ୍ଷାରେ...

'କଥାକଳିକା': ଜୁଲାଇ-୨୦୨୪ ସଂଖ୍ୟା




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଅସ୍ତରାଗ - ଭାସ୍କର ଜେନା

**ସମକାଳର କଥା :** କି ନେ ଅକ୍ଷୟ ମହାନ୍ତି - ଅଜୟ ସ୍ୱାଇଁ, ଅନ୍ତିମ ପ୍ରାପ୍ୟ - ସଚ୍ଚିଦାନନ୍ଦ କର, ଚାରୁଲତା - ଶୈଳେନ୍ଦ୍ର କୁମାର ଜେନା, ଖମାରୀ ମା' - ତ୍ରିନାଥ ପଟ୍ଟନାୟକ, ଭୋଜି - ଲକ୍ଷ୍ମୀ ଚାନ୍ଦ, ୩ଟି ମିନିଗଳ୍ପ - ସୀମାଞ୍ଚଳ ଦାଶ, ଅଗ୍ନିପରୀକ୍ଷା - ସୁଜାତା ମହାପାତ୍ର।

**ଅନ୍ୟ ଭାଷାର କଥା :** ମନୋଜ କୁମାର ବେହେରା।

**ଯୁବ ମାନସର କଥା :** ବୋଉ ପାଇଁ ପାଉଁଜି - ସଂଯୁକ୍ତା ତ୍ରିପାଠୀ, ପୁରୁଷର ଭାଗ୍ୟ, ନାରୀର ଚରିତ୍ର - ସରୋଜ ସାହୁ, ଗଣତନ୍ତ୍ରର ହତ୍ୟା - ବିକାଶ କାନୁନ୍‌ଗୋ, ବୋଝ - ନିରୁପମା କର, ବାଘ ସହ ଦିନେ - ରୁଦ୍ର ଚରଣ ସାମଲ, ବନ୍ଦିନୀ - ପ୍ରଦ୍ୟୁମ୍ନ ପଟ୍ଟନାୟକ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


# ଓଡ଼ିଶାରେ ଲୋକାୟୁକ୍ତ ବିଚାର ଠପ୍ : ଅଯଥାରେ ବ୍ୟୟ ହେଉଛି ମାସିକ ୫୦ ଲକ୍ଷ

**ଯାଜପୁର, ୨୮।୦୬:ନ୍ୟୁଜ୍**

ଗତ ମାର୍ଚ୍ଚ ୩୧ ତାରିଖରୁ ଆଉ ଓଡ଼ିଶା ଲୋକାୟୁକ୍ତରେ ନ୍ୟାୟ ମିଳୁନାହିଁ। ରାଜ୍ୟ ଲୋକାୟୁକ୍ତଙ୍କ ବିଚାର ବ୍ୟବସ୍ଥା ଏକଦମ୍ ଠପ୍। ହେଲେ ଦୁର୍ନୀତି ବିରୋଧରେ କେସ୍ କରିଥିବା ଲୋକମାନଙ୍କୁ ହାଜିରା ହେବା ପାଇଁ ନୋଟିସ୍ ଦିଆ ଚାଲିଛି। ଅଭିଯୋଗକାରୀ କେସ୍ ତାରିଖରେ ପହଞ୍ଚି ଖର୍ଚ୍ଚାନ୍ତ ହୋଇ ସମୟ ନଷ୍ଟ କରି ଫେରୁଛନ୍ତି। ଦୁର୍ନୀତି ବିରୋଧରେ ଲଢେଇ କରୁଥିବା ଲୋକେ ହତାଶ ହୋଇ ଫେରୁଛନ୍ତି। ଗୋଟିଏ ସରକାର ବିଦା ହୋଇ ଆଉ ଗୋଟିଏ ସରକାର କ୍ଷମତାସୀନ ହେଲା। ହେଲେ ସରକାର ଲୋକାୟୁକ୍ତରେ ଚେୟାରମ୍ୟାନ ଏବଂ ଜୁଡିସିଆଲ ସଭ୍ୟ ନିଯୁକ୍ତି ଦେଇ ନ ଥିବାରୁ ଏଭଳି ଅଚଳାବସ୍ଥା ସୃଷ୍ଟି ହୋଇଛି। ଏଥିପାଇଁ ସରକାରଙ୍କ ତରଫରୁ ପ୍ରାୟ ୫୦ ଲକ୍ଷ ଟଙ୍କା ବରବାଦ ହେଉଥିବା ବେଳେ ଏଥିନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ଘୋର ଉଦ୍‌ବେଗ ପ୍ରକାଶ ପାଉଛି।

ଲୋକାୟୁକ୍ତରେ ବିଚାର ପାଇଁ ୫ ଜଣ ସଭ୍ୟଙ୍କ ସହ ଜଣେ ଚେୟାରମ୍ୟାନ ନିଯୁକ୍ତି ପାଇଥାନ୍ତି। ଏହି ନିଯୁକ୍ତି ପାଞ୍ଚବର୍ଷ ପାଇଁ ହୋଇଥାଏ। ଗତ ମାର୍ଚ୍ଚ ମାସରେ ଏହି ନିଯୁକ୍ତି ଅବଧି ଶେଷ ହୋଇଛି। ଏହା ପୂର୍ବରୁ ପୁନଃ ନିଯୁକ୍ତି ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିବା କଥା। ହେଲେ ସେ ସମୟରେ ରାଜ୍ୟରେ କ୍ଷମତାସୀନ ଥିବା ନବୀନ ପଟ୍ଟନାୟକ ସରକାର ଏହାକରି ନଥିଲେ। ଫଳରେ ମାର୍ଚ୍ଚମାସ ପରେ ଲୋକାୟୁକ୍ତରେ ବିଚାର ପ୍ରକ୍ରିୟା ଠପ୍ ହୋଇଗଲା। ଲୋକାୟୁକ୍ତରୁ ନ୍ୟାୟ ପାଇବା ପାଇଁ କେସ୍ କରିଥିବା ଲୋକମାନଙ୍କୁ ତାରିଖରେ ହାଜର ହେବା ପାଇଁ କିନ୍ତୁ ଲୋକାୟୁକ୍ତଙ୍କ କାର୍ଯ୍ୟାଳୟ ତରଫରୁ ନୋଟିସ୍ ପରେ ନୋଟିସ୍ ଦିଆଚାଲିଛି। କୋରାପୁଟ, କଳାହାଣ୍ଡି ପରି ଦୂରଦୂରାନ୍ତ ଜିଲ୍ଲାରୁ ମଧ୍ୟ ଏହି ନୋଟିସ୍ ପାଇ ସାଧାରଣ ଲୋକଟିଏ ନିଜର ଶୁଣାଣୀ ତାରିଖରେ ଭୁବନେଶ୍ୱର ଲୋକାୟୁକ୍ତଙ୍କ କୋର୍ଟରେ ହାଜର ହେଉଛନ୍ତି। ହେଲେ ତାଙ୍କର ବିଚାର ପାଇଁ ବିଚାରପତି ତଥା ଲୋକାୟୁକ୍ତ ନଥିବାରୁ ନିରାଶ ହୋଇଫେରୁଛନ୍ତି। ଅନ୍ତତଃପକ୍ଷେ ଲୋକାୟୁକ୍ତ ନ ଥିବାରୁ ସେମାନଙ୍କ ବିଚାରହେବ ନାହିଁ ବୋଲି ବି ଏହି କାର୍ଯ୍ୟାଳୟ ତରଫରୁ ଆଗୁଆ ସୂଚନା ଅଭିଯୋଗକାରୀଙ୍କୁ ଫୋନ୍‌ରେ ମଧ୍ୟ ପ୍ରଦାନ କରାଯାଉ ନାହିଁ। ଏଥିନେଇ ଲୋକାୟୁକ୍ତ ସଚିବଙ୍କ ମତାମତ ଲୋଡ଼ାଯିବାରୁ ସେ କହିଛନ୍ତି ଯେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଲୋକାୟୁକ୍ତଙ୍କ କାର୍ଯ୍ୟାଳୟ ତରଫରୁ ନୋଟିସ ଦିଆ ଯାଉଛି। ହେଲେ ବିଚାରହେବ ନାହିଁ ବୋଲି ଜଣାଇବାର ଅଧିକାର ଆମର ନାହିଁ। ତେବେ ଏଥିନେଇ କହିବା କାହାକୁ ଏବଂ ଶୁଣିବ କିଏ ବୋଲି ଅଭିଯୋଗକାରୀମାନେ ମତ ପ୍ରକାଶ କରି ହତାସ ହୋଇ ଫେରୁଛନ୍ତି।

ଏବେ ଲୋକାୟୁକ୍ତରେ ପ୍ରାୟ ୧୫୦ ଜଣ ଅଧିକାରୀ ଓ କର୍ମଚାରୀ ରହିଛନ୍ତି। ଏମାନଙ୍କ ମଧ୍ୟରେ ୧୭ ଜଣ ପ୍ରଥମ ଶ୍ରେଣୀୟ ଅଧିକାରୀ ରହିଛନ୍ତି। ଏହି ୧୭ ଜଣଙ୍କ ମଧ୍ୟରେ ଜଣେ ଆଇ.ଏ.ଏସ ତ୍ରିଲୋଚନ ପ୍ରଧାନ ମଧ୍ୟ ରହିଛନ୍ତି। ଏହି ଅଧିକାରୀ ପ୍ରାୟ ୨ ଲକ୍ଷଟଙ୍କା ଦରମା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଉଛନ୍ତି। ତେବେ ଏହି ପ୍ରଥମ ଶ୍ରେଣୀ ଅଧିକାରୀମାନଙ୍କ ମାସିକ ଦରମା ୧ ଲକ୍ଷରୁ ଅଧିକ ହୋଇଥିଲେ ମଧ୍ୟ ୧ ଲକ୍ଷ ଟଙ୍କା ହିସାବରେ ଏମାନଙ୍କ ପିଛା କେବଳ ଦରମା ବାବଦରେ ମାସିକ ୧୭ ଲକ୍ଷଟଙ୍କା ସରକାର ଖର୍ଚ୍ଚ କରୁଛନ୍ତି। ସେହିପରି ଦ୍ୱିତୀୟ ଶ୍ରେଣୀର ୨୪ ଜଣ ଅଧିକାରୀଙ୍କ ବାବଦରେ ସରକାର ମାସିକ ଅତିକମ୍‌ରେ ୭୦ ହଜାର ହିସାବରେ ୧୬ ଲକ୍ଷ ୮୦ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। ତୃତୀୟ ଶ୍ରେଣୀ ୩ ଜଣ ଅଧିକାରୀଙ୍କ ପାଇଁ ମାସିକ ଦରମା ବାବଦରେ ୫୫ ହଜାର ଟଙ୍କା ହିସାବରେ ୧ ଲକ୍ଷ ୬୫ ହଜାରଟଙ୍କା, ଚତୁର୍ଥ ଶ୍ରେଣୀର ୭ ଜଣଙ୍କ ପାଇଁ ମାସିକ ଦରମା ପାଇଁ ୫୦ ହଜାର ବାବଦରେ ୩ ଲକ୍ଷ ୫୦ ହଜାର ଟଙ୍କା ଏବଂ ଆଉଟସୋର୍ସିଂ ୪୦ ଜଣଙ୍କ ଦରମା ପାଇଁ ମାସିକ ୧୦ ହଜାର ବାବଦରେ ୪ ଲକ୍ଷ ଟଙ୍କା ବ୍ୟୟ କରୁଛନ୍ତି। ଏବେ ଲୋକାୟୁକ୍ତଙ୍କ କାର୍ଯ୍ୟାଳୟ ତିନୋଟି କୋଠାରେ ଚାଲିଛି। ଅଫିସ ପରିଚାଳନା, ବିଦ୍ୟୁତ ବିଲ୍ ଏବଂ ଅନ୍ୟାନ୍ୟ ବାବଦରେ ପ୍ରାୟ ବ୍ୟାପକ ଅର୍ଥ ଖର୍ଚ୍ଚ ସମେତ ପ୍ରାୟ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅଯଥାରେ ସରକାରଙ୍କ ଖର୍ଚ୍ଚ ହେଉଛି ବୋଲି ବରିଷ୍ଠ ଯୁବନେତା ସତୀଶ ବିଶ୍ୱାଳ ଦର୍ଶାଇ ମୁଖ୍ୟମନ୍ତ୍ରୀଙ୍କୁ ପତ୍ରଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି। ସତୀଶ ଏହି ପତ୍ରରେ ଦର୍ଶାଇଛନ୍ତି ଯେ, ୨୦୧୪ ମସିହା ପୂର୍ବରୁ ଜଣେ ଲୋକପାଳଙ୍କ ନିକଟରେ ଲୋକେ ବିଭିନ୍ନ ସମସ୍ୟାରେ ମଧ୍ୟ ନ୍ୟାୟ ପାଉଥିଲେ। ୨୦୧୪ ପରେ ଲୋକପାଳ ନିୟମକୁ ସଂଶୋଧନ କରାଯାଇ ନୂଆ ଲୋକପାଳ ଏବଂ ଲୋକାୟୁକ୍ତ ଆଇନ କରାଗଲା। ଏହି ନୂଆ ଆଇନରେ କେବଳ ଦୁର୍ନୀତି ପ୍ରସଙ୍ଗରେ ଲୋକେ କେସ୍ କରିପାରିବେ ବୋଲି ବ୍ୟବସ୍ଥା କରାଗଲା। ନୂଆ ଲୋକାୟୁକ୍ତ ବ୍ୟବସ୍ଥାରେ ଜଣେ ଚେୟାରମ୍ୟାନଙ୍କ ସହ ଅନ୍ୟ ୫ ଜଣ ସଭ୍ୟ ନିଯୁକ୍ତ ହୋଇ ବିଚାର ପ୍ରକିୟାକୁ ତ୍ୱରାନ୍ୱିତ କଲେ। ହେଲେ ସେ ସମୟରେ ଜଣେ ଲୋକପାଳରେ ଦୁର୍ନୀତି ସହ ବିଭିନ୍ନ ପ୍ରକାର ଜନସମସ୍ୟାରେ ଲୋକେ ଯେତିକି ସଂଖ୍ୟାରେ ନ୍ୟାୟ ପାଉଥିଲେ ଏବେ ଅଧିକ ସଂଖ୍ୟକ ନିଯୁକ୍ତି ସତ୍ତ୍ୱେ ତଦନୁସାରେ କେବଳ ଦୁର୍ନୀତି ପ୍ରସଙ୍ଗରେ ନ୍ୟାୟ ମିଳିଲା ନାହିଁ। ଅଣଓଡ଼ିଆ ଚେୟାରମ୍ୟାନ କିମ୍ବା ସଭ୍ୟ ନିଯୁକ୍ତି କରାଗଲା। ସେମାନେ ଓଡ଼ିଆ ଭାଷା ବୁଝି ପାରୁ ନ ଥିବାରୁ ନ୍ୟାୟ ପ୍ରଦାନରେ ବ୍ୟାପକ ସମସ୍ୟା ହେଉଥିଲା। କେସ୍ ଶୁଣାଣୀ ସମୟରେ ସାଧାରଣ ଓଡ଼ିଆ ଲୋକଟିଏ ତା'ର ମନର ଭାଷା ନିଜର ମାତୃଭାଷାରେ କହିଲେ ବିଚାରପତି ଏହାକୁ ବୁଝି ପାରୁ ନ ଥିବାରୁ କୌଣସି ଲାଭ ମିଳୁ ନ ଥିଲା। ଲୋକାୟୁକ୍ତଙ୍କ ପାଇଁ ଖର୍ଚ୍ଚ ବଢିଲା, ବିଚାରପତି ଓ କର୍ମଚାରୀ ବଢିଲେ, ହେଲେ ତଦନୁସାରେ ଫଳ ମିଳିଲା ନାହିଁ। ଦୁର୍ନୀତି ବିରୋଧରେ କଠୋର ପଦକ୍ଷେପ ନେବେ ବୋଲି ନୂଆ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏ କ୍ଷେତ୍ରରେ ଲୋକାୟୁକ୍ତଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଉପରୋକ୍ତ ପ୍ରସଙ୍ଗରେ ରାଜ୍ୟରେ କ୍ଷମତାସୀନ ମୋହନ ମାଝୀ ସରକାର ଯତ୍ନବାନ ହୋଇ ଠୋସ୍ ପଦକ୍ଷେପ ଗ୍ରହଣ ପାଇଁ ସତୀଶ ବିଶ୍ୱାଳ ଦାବି କରିଛନ୍ତି।

# ବିକ୍ରମ ମିସ୍ରୀ ହେବେ ନୂଆ ବୈଦେଶିକ ସଚିବ

**ନୂଆଦିଲ୍ଲୀ, ୨୮।୦୬**

ଦେଶର ଉପ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ତଥା ପୂର୍ବତନ ରାଷ୍ଟ୍ରଦୂତ ବିକ୍ରମ ମିସ୍ରୀଙ୍କୁ ଭାରତ ସରକାରଙ୍କ ପରବର୍ତ୍ତୀ ବୈଦେଶିକ ସଚିବ ଭାବେ ନିଯୁକ୍ତ କରାଯାଇଛି। ସେ ଭାରତୀୟ ବୈଦେଶିକ ସେବାର ୧୯୮୯ ବ୍ୟାଚ ଅଧିକାରୀ। ସେ ଗତ ଦୁଇ ବର୍ଷ ଧରି ଉପ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଭାବରେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ଉପ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଭାବରେ ତାଙ୍କର କାର୍ଯ୍ୟକାଳ ହ୍ରାସ କରାଯାଇଛି ଏବଂ ତାଙ୍କୁ ଭାରତର ପରବର୍ତ୍ତୀ ବୈଦେଶିକ ସଚିବ ଭାବରେ ନିଯୁକ୍ତ କରାଯାଇଛି। ଡେପୁଟି ଏନଏସଏ ବିକ୍ରମ ମିସ୍ରୀ ଜୁଲାଇ ୧୫ରୁ ପରବର୍ତ୍ତୀ ବୈଦେଶିକ ସଚିବ ହେବେ।

ସୂଚନାଯୋଗ୍ୟ, ବିକ୍ରମ ମିସ୍ରୀ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିଛନ୍ତି ଏବଂ ସେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ରଣନୀତିକ ପରିସ୍ଥିତିରେ ବହୁତ ଅଭିଜ୍ଞ। ଏହା ବ୍ୟତୀତ ସେ ବର୍ତ୍ତମାନ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସହ ଡେପୁଟି ଏନଏସଏ ଭାବରେ କାର୍ଯ୍ୟ କରୁଛନ୍ତି।